R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୭
ତିଥି : ଚତୁର୍ଥୀ
୧୩ ଅଗଷ୍ଟ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 307
13 Aug 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

## ନାରୀ ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି । ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ ।

ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଏହି ନୀତିକୁ ଆଧାର କରି ପୋଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ । ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୋଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଙ୍ଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ସହିତ, ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ।

➢ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ନିର୍ଦ୍ଦେଶ
➢ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ ଗଠନ ହେବ

ଏହା ସହିତ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ଏଥି ସହିତ ପଡୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନସୁଗାର ଚାଲାଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଏବଂ କଡ଼ାକଡ଼ି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଛି । ବିଗତ ଏକ ବର୍ଷ ମଧ୍ୟରେ ୮,୦୩୫ ମହିଳା ଓ ୩,୩୦୬ ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି ବୋଲି ବୈଠକରୁ ଜଣାଯାଇଛି । (୯ ପୃଷ୍ଠାରେ)

### ଏସ୍‌ଆଇଆର୍ ନେଇ ସୁପ୍ରିମ୍‌କୋର୍ଟଙ୍କ ମତ

## ଆଧାର ନାଗରିକତ୍ୱର ନିର୍ଣ୍ଣାୟକ ପ୍ରମାଣପତ୍ର ନୁହେଁ

ନୂଆଦିଲ୍ଲୀ, ୧୨।୮ : ବିହାରରେ ଚାଲିଥିବା ସ୍ପେଶାଲ ଇନିସେଟିଭ୍ ରିଭିଜନ (ଏସ୍‌ଆଇଆର) ସମ୍ପର୍କରେ ସୁପ୍ରିମ୍‌କୋର୍ଟରେ ଆଜି ଶୁଣାଣି ହୋଇଛି । ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଆଧାର ଭାରତର ନାଗରିକତାର ଏକ ନିର୍ଣ୍ଣାୟକ ପ୍ରମାଣପତ୍ର ବୋଲି ସ୍ୱୀକାର କରାଯାଇପାରିବ ନାହିଁ । ନିର୍ବାଚନ କମିଶନ ସୁପ୍ରିମ୍‌କୋର୍ଟରେ କହିଥିଲେ ଯେ ନାଗରିକତ୍ୱ ପ୍ରମାଣ ପାଇଁ ସ୍ୱାଧୀନ ଭାବେ ଏହା ଯାଞ୍ଚ ହେବା ଆବଶ୍ୟକ ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ ଯେ ଏସ୍‌ଆଇଆର ବିହାରରେ ଚାଲିଛି । ନିର୍ବାଚନ କମିଶନ ସଠିକ୍ ଭାବେ କହିଛନ୍ତି ଆଧାରକୁ ନାଗରିକତ୍ୱର ପ୍ରମାଣ ପାଇଁ ବୈଧ ତଥ୍ୟ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ତେବେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ବାଢ଼ି ଆଇନ୍‌ଜୀବୀ କପିଲ ଶିବଲ କହିଥିଲେ ଯେ ନିର୍ବାଚନ କମିଶନଙ୍କର ଏଭଳି ଯାଞ୍ଚ କରିବାର କ୍ଷମତା ରହିଛି କି ? ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯଦି ଏଭଳି ତାଙ୍କର କ୍ଷମତା ନାହିଁ ତେବେ ସବୁକିଛି ଶେଷ । କିନ୍ତୁ ଯଦି କ୍ଷମତା ଥାଏ ତେବେ କୌଣସି ସମସ୍ୟା ନାହିଁ । ତେବେ କପିଲ ଶିବଲ କହିଥିଲେ ଯେ ନିର୍ବାଚନ କମିଶନ ଆଧାରକାର୍ଡ, ଭୋଟର ପରିଚୟପତ୍ର ଓ ରାସନକାର୍ଡକୁ ନାଗରିକତା ପ୍ରମାଣପତ୍ର ଭାବେ ସ୍ୱୀକାର କରୁନାହାନ୍ତି । ଯଦି କମିଶନ ଭାବୁଛନ୍ତି ଜଣେ ବ୍ୟକ୍ତି ନାଗରିକ ନୁହଁନ୍ତି ତେବେ ତାକୁ ପ୍ରମାଣ କରିବା ତାଙ୍କର ଦାୟିତ୍ୱ । ନିର୍ବାଚନ କମିଶନ ବିହାର ବାସୀନ୍ଦା ପ୍ରମାଣପତ୍ର ପାଇଁ ୧୧ ତଥ୍ୟ ମାଗୁଛନ୍ତି । ସୁପ୍ରିମ୍‌କୋର୍ଟ କହିଥିଲେ ଯେ ଆଧାରକୁ ନାଗରିକତ୍ୱ ଧାର୍ଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ନାଗରିକତ୍ୱ ପ୍ରମାଣ ଦେବା ସରକାରଙ୍କ ଦାୟିତ୍ୱ । ଅଣନାଗରିକଙ୍କୁ ଭୋଟର ତାଲିକାରୁ ବାହାର କରିବା ଏହା ନିର୍ବାଚନ କମିଶନଙ୍କ କ୍ଷମତା ପରିସର । ଅନ୍ୟଜଣେ ଆବେଦନକାରୀଙ୍କ ପକ୍ଷରୁ ପକ୍ଷ ରଖି ଆଇନ୍‌ଜୀବୀ ଅଭିଶେକ୍ ମନୁସିଂହଭି କହିଥିଲେ ଯେ ଆମର ସେଭଳି କିଛି ବ୍ୟବସ୍ଥା ନାହିଁ ଯେ ୫ କୋଟି ଲୋକଙ୍କ ନାଗରିକତ୍ୱ ଉପରେ (୯ ପୃଷ୍ଠାରେ)

## ଜଷ୍ଟିସ୍ ବର୍ମାଙ୍କ ଅପସାରଣ ଲାଗି ପ୍ରକ୍ରିୟା ଆରମ୍ଭ

### ବାଚସ୍ପତି ଗଠନ କଲେ ୩ ଜଣିଆ କମିଟି



ନୂଆଦିଲ୍ଲୀ, ୧୨।୮ : ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିଥିବା ମହାଅଭିଯୋଗ ପ୍ରସ୍ତାବକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଛନ୍ତି । ଏହାର ଅନୁଧ୍ୟାନ ପାଇଁ ଏକ ୩ ଜଣିଆ କମିଟି ଗଠନ କରାଯାଇଛି । ଜଷ୍ଟିସ୍ ବର୍ମାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ନିଆଁ ଲାଗିଥିବାବେଳେ ଗତ ମାର୍ଚ୍ଚରେ ଅନେକ ଟଙ୍କା ଥିବା ଜଣାପଡିଥିଲା । ଯେଉଁ କମିଟି ଗଠନ କରାଯାଇଛି ସେଥିରେ ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟର ଜଣେ ଜଜ୍ ଥିବାବେଳେ ଅନ୍ୟଜଣେ ଆଇନ୍ ବିଶାରଦ ଅଛନ୍ତି । କମିଟି ରିପୋର୍ଟ ମିଳିବା ଯାଏ ମହାଅଭିଯୋଗ ପ୍ରସ୍ତାବ ଲୋକସଭାରେ ବିଚାରାଧୀନ ରହିବ ।

ଏହି କମିଟିରେ ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟର ଜଜ୍ ଏମ୍ ଶ୍ରିବାସ୍ତବ ଓ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ବିଭି ଆଚାର୍ଯ୍ୟ ଅଛନ୍ତି । ବାଚସ୍ପତି ଶ୍ରୀ ବିର୍ଲା ୧୪୬ ସଦସ୍ୟଙ୍କ ସ୍ୱାକ୍ଷର ଥିବା (୯ ପୃଷ୍ଠାରେ)

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

ରାଜନଗର, ୧୨।୮ (ସବ୍ୟୁ) : ରାଜନଗର ଥାନା ଅଞ୍ଚଳରେ ୧୫ ବର୍ଷର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଭଳି ଖବର ସାମ୍ନାକୁ ଆସିଛି। ଦୁଷ୍କର୍ମ କରିଥିବା କରିଛନ୍ତି ଦୁଷ୍କର୍ମ ପୀଡିତା ଝିଅାରୀ । ସୁଯୋଗ ପାଇ ଫାଇଦା ଉଠାଇ ଏଭଳି ଲଜ୍ୟାଜନକ ବର୍ବରକାଣ୍ଡ ଘଟାଇଛି ପିଉସା । ପୀଡିତା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା

### ପିଉସାଙ୍କ ସମେତ ୪ ଯୁବକ ଅଟକ
### ଅସଦାଚରଣର କରିଥିଲେ ଭିଡ଼ିଓ
### ୪ ଯୁବକଙ୍କ ମୋବାଇଲ ଯାଞ୍ଚ

ବ୍ୟକ୍ତି ଜଣକ ହେଉଛି ଅତିପରିଚିତ ପିଉସା । ସେ ଝିଅାରୀକୁ ଠାକୁର ମୂର୍ତ୍ତି କିଣିବାକୁ ନେଇଯିବା ବାଟରେ ନିଛାଟିଆ ଜାଗାକୁ ନେଇ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି।

ପିଉସାଙ୍କ ସହିତ ଅନ୍ୟ ୪ ଜଣ ଯୁବକ ଦୁଷ୍କର୍ମ କରିଥିବା ନେଇ ରାଜନଗର ଥାନାରେ ନିଜେ ପୀଡିତା ଅଭିଯୋଗ କରିଛନ୍ତି। ରାଜନଗର ଥାନାରେ କେସ ନମ୍ବର ୨୬୬ /୨୦୨୫ ରେ ମାମଲା ରୁଜୁ ହୋଇଛି। ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପବିତ୍ର ରାଖୀ ପୂର୍ଣ୍ଣିମା ଶନିବାର ଦିନ ଅପରାହ୍ନ ୫ ଘଟିକା ସମୟରେ ନିଜର ପିଉସା ସହ ଦୁଷ୍କର୍ମପୀଡିତା ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି ଆଣିବାକୁ ଓଉପଦାକୁ ବାହାରିଥିଲେ। ଓଉପଦା ନେବା ପରିବର୍ତ୍ତେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଏକ ମସାଣିକୁ ଥିବା ମାଟି ରାସ୍ତାରେ ଗାଡି ପୁରାଇଥିଲେ । ପୀଡ଼ିତା ଏପଟେ କୁଆଡେ ଯାଉଛ କହିଥିଲେ ମଧ୍ୟ ପିଉସା ମସାଣି ନିକଟରେ ଥିବା ନିଛାଟିଆ ଜଙ୍ଗଲ (୯ ପୃଷ୍ଠାରେ)

### ପାରାଦୀପରେ ନାବାଳିକାକୁ ଦୁଷ୍କର୍ମ

ପାରାଦୀପ, ୧୨।୮ (ସବ୍ୟୁ) : ପୁଣି ଜଗତସିଂହପୁର ଜିଲ୍ଲାରେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ଆସିଛି । ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା । ନାବାଳିକା ବାପା କମ୍ପାନୀକୁ କାମ କରିବାକୁ ଯାଇଥିବା ଓ ତାର ମା' ଘରେ ନଥିବାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଦୁଷ୍କର୍ମ କରିଛି । ପ୍ରଥମେ ଅଭିଯୁକ୍ତ କୁମର ଦଳାଇ ନାବାଳିକାଙ୍କ ଘରକୁ ଯାଇ ତାଙ୍କ ବାପାଙ୍କୁ କୌଣସି କାମ ପାଇଁ ଖୋଜିଥିଲା । ନାବାଳିକା କବାଟ ଖୋଲି ବାପା ନାହାନ୍ତି କହିବା ପରେ ଅଭିଯୁକ୍ତ ଏହି ସୁଯୋଗରେ (୯ ପୃଷ୍ଠାରେ)

- ଥାନାରେ ନାହାନ୍ତି ମହିଳା ପୋଲିସ ଅଧୀକାରିଣୀ
- ଜମାନବନ୍ଦୀ ପାଇଁ ଅନ୍ୟ ଥାନାକୁ ଗଲେ ପୀଡିତା
- ମାସକ ମଧ୍ୟରେ ଜିଲ୍ଲାରେ ଚତୁର୍ଥ ଘଟଣା


## ଓଡ଼ିଶାରେ ହେବ ୨ ସେମି କଣ୍ଡକ୍ଟର ୟୁନିଟ୍

### ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଓଡ଼ିଶାରେ ଦୁଇଟି ସେମି କଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌କୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ମଞ୍ଜୁରୀ ଅନୁଯାୟୀ ଓଡ଼ିଶାରେ ୬ଏମ୍ ଏବଂ ୩ଡି ଗ୍ଲାସ୍ ପକଜ୍ଞ ପ୍ରତିଷ୍ଠା ହେବ । କେନ୍ଦ୍ର କ୍ୟାବିନେଟ୍ ଏହାକୁ ମଞ୍ଜୁରୀ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ଏବେ ସେମି କଣ୍ଡକ୍ଟର ଉତ୍ପାଦନ ଓ ଫ୍ୟାବଲେସ୍ ନୀତିକୁ ସଂଶୋଧନ କରିଛି । ଏହାର ଲକ୍ଷ୍ୟ ହେଉଛି ପୁଞ୍ଜି ବିନିଯୋଗକୁ ବୃଦ୍ଧି କରିବା, ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବା, ସ୍ଥାୟୀତ୍ୱ ବୃଦ୍ଧି । ଓଡ଼ିଶାର ଶିଳ୍ପ ଓ ବୈଷୟିକ କ୍ଷେତ୍ରରେ ଏହା ଏକ ବଡ ମାଇଲ୍‌ଷ୍ଟୋନ୍ । (୯ ପୃଷ୍ଠାରେ)

## ପାତ୍ରପଡା ଦୁର୍ଘଟଣା : ଗାଡ଼ି ଚାଳକ ଗିରଫ ହେବ ତ ?



ଭୁବନେଶ୍ୱର,୧୨।୮ (ସବ୍ୟୁ) : ପାତ୍ରପଡା ଦୁର୍ଘଟଣା ଘଟିବାର ୪ଦିନ ବିତିଯାଇଥିବା ବେଳେ ପୋଲିସ ଥର୍ ଗାଡି ଡ୍ରାଇଭର ଜଟଣୀ କୁସୁମାଟିଆର ହାଡିବନ୍ଧୁ ବେହେରାଙ୍କ ପୁଅ ସୋମନାଥ ବେହେରାଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଥର୍ ଗାଡି ଜବତ ହୋଇଥିବା ବେଳେ ଚାଳକ ସୋମନାଥ ଗିରଫକୁ ନେଇ ଦୁଇଥର ରାସ୍ତାରୋକ ହୋଇସାରିଲାଣି । ହେଲେ ଡ୍ରାଇଭର ଗିରଫ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଜଟଣୀ ଥାନା ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହିଁ । ବାପ-ପୁଅଙ୍କ ମୋବାଇଲ ବନ୍ଦ ଥିବାବେଳେ ସେମାନେ ଫେରାର ଥିବା କୁହାଯାଉଛି । ଅନ୍ୟ ପକ୍ଷରେ ସୋମନାଥଙ୍କ ଡିଏଲ୍ ବାତିଲ କରାଯିବ ବୋଲି ଭୁବନେଶ୍ୱର ଆର୍‌ଟିଓ କହିଛନ୍ତି ।

ରାକ୍ଷୀ ପୂର୍ଣ୍ଣିମା ଶନିବାର ଦିନ ମାନସ ରାଉଳଙ୍କ ସ୍ତ୍ରୀ ଦୁଇପିଲାଙ୍କୁ ଧରି ଭାଇଘରୁ ଫେରିଥିବା ବେଳେ ପାତ୍ରପଡା ଭି-୨ ନିକଟରେ ଥର୍ ଗାଡି ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଝିଅ ରେସ୍ମାଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ରେବତୀ ଓ ଦୁଇବର୍ଷର ପୁଅ ଗୁରୁତର ଆହତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ । ସୋମବାର ରେବତୀଙ୍କ ମୃତ୍ୟୁ ହେବା ପରେ ରାସ୍ତାରୋକ ହୋଇଥିଲା । ପୋଲିସ ରାସ୍ତା ଅବରୋଧକାରୀଙ୍କୁ ଥର୍ ଗାଡି ଡ୍ରାଇଭର ସୋମନାଥ ଶୀଘ୍ର ଗିରଫ କରାଯିବ ବୋଲି (୯ ପୃଷ୍ଠାରେ)

### ସୌମ୍ୟଶ୍ରୀ ଆତ୍ମାହୁତି ମାମଲା

## ଗିରଫ ୨ ଛାତ୍ରଙ୍କୁ ମାରାଥନ ଜେରା

ବାଲେଶ୍ୱର, ୧୨।୮ (ସବ୍ୟୁ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଘଟଣାରେ ରିମାଣ୍ଡରେ ଥିବା ଦୁଇ ଅଭିଯୁକ୍ତଙ୍କୁ ଜେରା ଚାଲିଛି । ରିମାଣ୍ଡରେ ଥିବା ଜଣେ ଛାତ୍ର ଓ ଅଣଛାତ୍ରଙ୍କୁ ଚାଲିଛି ମାରାଥନ ଜେରା ଚାଲିଛି । ଏସଏଫଏସଏଲର ଗୋଟିଏ ଟିମ ମଧ୍ୟ ଜେରାରେ ସାମିଲ ଥିବା ସୂଚନା ମିଳିଛି । ଆତ୍ମାହୁତି ଉଦ୍ୟମରେ ସହଯୋଗ କରିଥିବା ଦୁଇ ଜଣ ଛାତ୍ରଙ୍କୁ ଗିରଫ କରାଯାଇଛି । ଗିରଫ ଛାତ୍ର ହେଲେ ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଶୁଭ୍ର ସମ୍ବିତ ନାୟକ । ଉଭୟଙ୍କୁ ବାଲେଶ୍ୱର ଏସଡ଼ିଜେଏମଙ୍କ ଆବାସିକ କାର୍ଯ୍ୟାଳୟରେ ହଜାର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା ।

ଜ୍ୟୋତି ପ୍ରକାଶ ପୀଡିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ (୯ ପୃଷ୍ଠାରେ)

### ବାଟବଣା ଆୟୁଷ୍ମାନ ଯୋଜନା

## ଯନ୍ତ୍ରଣାରେ କଲବଲ ସାଧାରଣ ରୋଗୀ




ଶ୍ରୀରାମ ମହାନ୍ତି

ଭୁବନେଶ୍ୱର, ୧୨।୮ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ପରିବର୍ତ୍ତେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ ହୋଇଛି । ହେଲେ ଏବେ ବି ସାଧାରଣ ରୋଗୀ ଘରୋଇ ହସ୍ପିଟାଲରେ ମାଗଣା ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ଆୟୁଷ୍ମାନ କାର୍ଡ଼ ବ୍ୟବହାର କ୍ଷେତ୍ରରେ ବହୁ ସମସ୍ୟା ରହିଛି । ତେଣୁ ରୋଗୀମାନେ ଘରୋଇ ହସ୍ପିଟାଲରେ ଏହି କାର୍ଡ ବ୍ୟବହାର କରିବାକୁ ଡରୁଛନ୍ତି । ସ୍ନାୟୁ ଓ ହୃଦ ରୋଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ଏହି କାର୍ଡରେ ହୋଇପାରୁନି । କେବଳ ସେତିକି ନୁହେଁ ଯଦି କେହି ରୋଗୀ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି, ଡିସଚାର୍ଜ ବେଳକୁ ନିର୍ଯାତନା ପାଉଛନ୍ତି ସମ୍ପର୍କୀୟମାନେ । ଏଭଳି ଯନ୍ତ୍ରଣାରୁ କେବେ ମୁକ୍ତି ମିଳିବ ବୋଲି ପ୍ରଶ୍ନ କରିଛନ୍ତି ରାଜ୍ୟବାସୀ । ରାଜ୍ୟ ସରକାର ତୁରନ୍ତ ଏ ସମ୍ପର୍କରେ ତଦନ୍ତ କରି ଲୋକଙ୍କୁ ଆୟୁଷ୍ମାନରେ ସବୁ ପ୍ରକାର ଚିକିତ୍ସା ଯୋଗାଇ ଦେବାକୁ ସାଧାରଣରେ ଦାବି ଉଠିଛି ।

ଅଲ୍ ଓଡ଼ିଶା ପ୍ରାଇଭେଟ ମେଡିକାଲ ଏଷ୍ଟାବ୍ଲିସମେଣ୍ଟ ଫୋରମ (ଏଓପିଏମ୍‌ଇଏଫ୍)ର ଜଣେ ସଦସ୍ୟ କହିଛନ୍ତି, ଆୟୁଷ୍ମାନରେ ଚିକିତ୍ସା କରିବାକୁ ଡରୁଛନ୍ତି ଘରୋଇ ହସ୍ପିଟାଲ । କାରଣ ସେମାନଙ୍କର କୋଟି କୋଟି ଟଙ୍କା ସରକାରଙ୍କ ନିକଟରେ ବାକି ପଡ଼ିଛି । ପୂର୍ବରୁ ବିଏସ୍‌କେୱାଇ ଠିକ ଥିଲା, ହେଲେ ଏବେ ଆୟୁଷ୍ମାନରେ ମେଥଡ୍ ନୂଆ ପ୍ରକାରର । ଫଳରେ ବହୁ ରୋଗୀଙ୍କ ଅସ୍ତ୍ରୋପଚାର ହୋଇପାରୁନି । ସ୍ନାୟୁ ଓ ହୃଦ ରୋଗୀଙ୍କ ବହୁ ଗରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାରରେ ବାଧା ସୃଷ୍ଟି ହୋଇଛି । ଆୟୁଷ୍ମାନ ଯୋଜନାରେ ଯେଉଁସବୁ ଅସ୍ତ୍ରୋପଚାର ସରଞ୍ଜାମ ବ୍ୟବହାର କରିବାକୁ କୁହାଯାଇଛି, ତାକୁ ବ୍ୟବହାର କରିବା ଅସମ୍ଭବ । ହାଡ଼, ସ୍ନାୟୁ ଓ ହୃଦ ରୋଗୀଙ୍କ ମେଜର ଅସ୍ତ୍ରୋପଚାରରେ ଲକ୍ଷାଧିକ ଟଙ୍କାର ସରଞ୍ଜାମ ବ୍ୟବହାର କରାଯାଇଥାଏ । ଏହି ସୁବିଧା ବିଏସକେୱାଇରେ ଉପଲବ୍ଧ ଥିଲା । ହେଲେ ୧୦ ବର୍ଷ ପୂର୍ବରୁ ଏହି ସରଞ୍ଜାମ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା । ଯାହା ଏବେ ଦର ବହୁ ମାତ୍ରାରେ ବଢ଼ିଯାଇଛି । ନୂଆ ରେଟ୍ ନବଢ଼ିବାରୁ ମେଜର ଅସ୍ତ୍ରୋପଚାର ଆୟୁଷ୍ମାନ କାର୍ଡ ଯୋଗେ ହୋଇପାରୁ (୯ ପୃଷ୍ଠାରେ)

- ଡିସଚାର୍ଜ ସମୟରେ ୭ ଘଣ୍ଟା ଧରି ରୋଗୀ, ସମ୍ପର୍କୀୟ ନୟାନ୍ତ
- ସ୍ନାୟୁ, ହୃଦ ରୋଗୀଙ୍କ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାରରେ ବାଧକ
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଚେତନ ଅଭାବରୁ ଯାଉଛି ଜୀବନ
- ଏ ପର୍ଯ୍ୟନ୍ତ ସମସ୍ତ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବିତରଣ କଲେନି ସରକାର
- ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଏଓପିଏମଇଏଫ୍, ହସ୍ପିଟାଲ କର୍ତ୍ତୃପକ୍ଷ

## ସରକାରୀ ରେକର୍ଡରେ 'ହରିଜନ' ଶବ୍ଦ ବ୍ୟବହାର ମନା

ଭୁବନେଶ୍ୱର, ୧୨।୮ (ସବ୍ୟୁ): ସରକାରୀ ରେକର୍ଡ ଓ ଚିଠିପତ୍ରରେ "ହରିଜନ' ଶବ୍ଦ ବ୍ୟବହାର ହୋଇପାରିବ ନାହିଁ । ରାଜ୍ୟରେ ସାମାଜିକ ନ୍ୟାୟ ଓ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ରାଜ୍ୟ ସରକାର ମଙ୍ଗଳବାର ଏଭଳି ନିର୍ଦ୍ଦେଶନାମା ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ଜାରି କରିଛନ୍ତି । "ହରିଜନ' ଶବ୍ଦ ପରିବର୍ତ୍ତେ "ଅନୁସୂଚିତ ଜାତି'କୁ ସାମ୍ବିଧାନିକ ଶବ୍ଦ ଭାବେ ଉପଯୋଗ କରିବାକୁ କୁହାଯାଇଛି । ଏହି ନିର୍ଦ୍ଦେଶକୁ ଅନୁପାଳନ କରି ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ କରିବାକୁ ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବ ବି.ପରମେଶ୍ୱରନ୍ ମଙ୍ଗଳବାର ସମସ୍ତ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାରର ରେକର୍ଡ, ଚିଠି ଆଦାନପ୍ରଦାନ, ଜାତି ପ୍ରମାଣପତ୍ର, ପ୍ରକାଶନ ଆଦିରେ "ହରିଜନ' ଶବ୍ଦର ବ୍ୟବହାର ସଂପୂର୍ଣ୍ଣ ବନ୍ଦକୁ ସୁନିଶ୍ଚିତ କରିବାକୁ କହିଛନ୍ତି । ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ପ୍ରତିଷ୍ଠାନ, ସ୍ୱାୟତ୍ତ ସଂସ୍ଥା ଓ ଅଫିସଗୁଡ଼ିକୁ ମଧ୍ୟ ଏହି ନିର୍ଦ୍ଦେଶକୁ ପାଳନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ସଚିବଙ୍କ ଅନୁମୋଦନରେ ସେ ଏହି ନିର୍ଦ୍ଦେଶନାମା ଜାରି କରିଥିବା ଏବଂ ଏହାକୁ ଅନୁପାଳନର ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ନିମନ୍ତେ ମଧ୍ୟ ସବୁ ବିଭାଗକୁ କହିଛନ୍ତି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ୨୦୧୨ ନଭେମ୍ବର ୨୨, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୨୦୧୩ ଜାନୁୟାରୀ ୧୦ ତାରିଖ ଓ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚଆରସି)ଙ୍କ ୨୦୨୫ ଜାନୁୟାରୀ ୩୧ତାରିଖର ଆଦେଶ ଆଧାରରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ସଚିବ ଶ୍ରୀ ପରମେଶ୍ୱରନ୍ ଅବଗତ କରାଇଛନ୍ତି । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୩୪୧ ଅନୁସାରେ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ଇଂରାଜୀରେ "ସିଡ୍ୟୁଲ୍ କାଷ୍ଟ' ଓ ଓଡ଼ିଆରେ "ଅନୁସୂଚିତ ଜାତି' ଶବ୍ଦ ଉପଯୋଗ କରାଯିବ । ରାଜ୍ୟ ସରକାରଙ୍କ ସମସ୍ତ (୯ ପୃଷ୍ଠାରେ)

### ୬ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ

## କଫିର ନକାରାତ୍ମକ ପ୍ରଭାବ



**କଫି ସମସ୍ତଙ୍କୁ ଭଲ ଲାଗିଥାଏ, କିଛି ଜଣଙ୍କର ବିନା କଫିରେ ସକାଳ ହୋଇ ନଥାଏ । ହେଲେ ପାଟିକୁ ଭଲ ଲାଗୁଥିବା ଓ ମନକୁ ସତେଜ କରୁଥିବା ଏହି ପାନୀୟର କିନ୍ତୁ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ରହିଛି । ଆସନ୍ତୁ ଜାଣିବା ଏହି ପାନୀୟର ନକାରାତ୍ମକ ପ୍ରଭାବ ।**

■ କଫି ଅଧିକ ପିଇବା ଫଳରେ ଇନ୍ସୋମାନିଆ ହେବାର ସମ୍ଭାବନା ଅଧିକ ରହିଥାଏ । ଏହା ଅଧିକ ପିଇଲେ ନିଦ୍ରାହୀନତା ହେବାର ସମ୍ଭାବନା ରହିଥାଏ । ଏଥିରେ ଥିବା କ୍ୟାଫେନ୍ ଆମର ନିଦ ସାଇକେଲକୁ ବିଶେଷଭାବେ ପ୍ରଭାବିତ କରିଥାଏ । ଶୋଇବା ଆଗରୁ କଫି ପିଇଲେ, ନିଦ ହୋଇନଥାଏ ।

■ କଫିର ସବୁଠାରୁ ଅଧିର ପ୍ରଭାବ ଆଙ୍ଗଜାଇଟ୍ ଉପରେ ରହିଥାଏ । ଅଧିକ କାଫେନ୍ ଆମର ନର୍ଭସ ସିଷ୍ଟମକୁ ପ୍ରଭାବିତ କରିଥାଏ । ଯଦି ଆମର ଆଙ୍ଗଜାଇଟ୍ ସମସ୍ୟା ରହିଛି ଏବଂ ଆମେ କଫି ଅଧିକ ପିଉଛେ, ତେବେ ଏହି କାରଣରୁ ଆମ ମନ ବିଚଳିତ ହେବା ସହିତ ଆମକୁ ପାନିକ ଆଟାକ ଆସିବାର ଭୟ ରହିଛି ।

■ ସେହିଭଳି କଫିର ପ୍ରଭାବ ଆମର ପାଚନ ତନ୍ତ୍ର ଉପରେ ମଧ୍ୟ ରହିଛି । ଅଧିକ କାଫେନ୍ କାରଣରୁ ବଦ ହଜମି ହେବାର ଡର ରହିଥାଏ । ଏହି କାରଣରୁ ଏସିଡ୍ ରିଫଲକ୍ସ, ହାର୍ଟ ବର୍ଣ୍ଣ ଓ ଡାଇରିଆ ହେବାର ଡର ରହିଥାଏ । ତେଣୁ ପେଟ ସମସ୍ୟା ଥିଲେ କଫି ଠାରୁ ଦୂରରେ ରୁହନ୍ତୁ ।

■ ତେଣୁ ଯଦି ଆପଣଙ୍କର କୌଣସି ଶାରୀରିକ ସମସ୍ୟା ରହିଛି ତେବେ କଫି ଅଧିକ ପିଇବାଠାରୁ ଦୂରରେ ରୁହନ୍ତୁ । ଏହାର ମାତ୍ରା କମ ରଖନ୍ତୁ ।

## ସୋସିଆଲ କୋଟ୍ସ



" ଶାହରୁଖ ଜଣେ ଭଲ ଅଭିନେତା ସହିତ ଖୁବ ଭଲ ଲୋକ ମଧ୍ୟ । ଏତେ ବଡ ଷ୍ଟାର ହେଲେ ମଧ୍ୟ ତାଙ୍କର ଟିକିଏ ବି ଗର୍ବ ନାହିଁ । ସେ ସବୁବେଳେ ତଳେ ବସି ଚା' ପିଇଥାଆନ୍ତି ।

**ମନୀଷା କୋଇରାଲା, ଅଭିନେତ୍ରୀ**



" ଦିଲ୍‌ଜୀତ ଖୁବ ଶାନ୍ତ ସ୍ୱଭାବର ଲୋକ । ତାଙ୍କୁ ସେଟ୍‌ରେ କେହି ରାଗିବାର ଦେଖି ନାହାନ୍ତି । ସେ ଖୁବ ଶାନ୍ତ ରହି ନିଜ କାମ କରୁଥାଆନ୍ତି ।

**ସାହିବା ବଲି, ଅଭିନେତ୍ରୀ**



" ମୁଁ ଏବେ ବହୁତ ୟଙ୍ଗ ଅଛି ହେଲେ ମଧ୍ୟ ମୋତେ ଭଉଣୀ କ୍ୟାରେକ୍ଟର ଅଫର ହେଉଛି ସବୁବେଳେ । ସିମ୍ବା ଫିଲ୍ମରେ ଭଉଣୀ ଚରିତ୍ରରେ ଅଭିନୟ କରିବା ପରେ କେବଳ ଏଭଳି ଚରିତ୍ର ହିଁ ଅଫର ହେଉଛି ।

**ଉଲକା ଗୁପ୍ତା, ଅଭିନେତ୍ରୀ**

## ବିଶ୍ୱ ଅଙ୍ଗଦାନ ଦିବସ

ଅଙ୍ଗଦାନ ଏକ ମହତ କାମ ହୋଇଥାଏ । ଏହାକୁ କରି ଜଣେ ଅନ୍ୟଜଣଙ୍କର ଅନେକ ସୁବିଧା କରିଥାଏ । ଏପରିକି ଜଣଙ୍କ କାରଣରୁ ଅନ୍ୟଜଣେ ବେଳେବେଳେ ଜୀବନ ଦାନ ମଧ୍ୟ ପାଇଥାଏ । ତେବେ ଏଭଳି ଅନେକ ଉଦାହରଣ ସବୁବେଳେ ଦେଖିବାକୁ ମିଳୁଛି । ଛୋଟ ଛୋଟ ପିଲାମାନେ ମଧ୍ୟ ଅଙ୍ଗଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜୁଛନ୍ତି । ସେହିଭଳି କିଛି ଏଭଳି ଲୋକମଧ୍ୟ ଅଛନ୍ତି ଯେଉଁମାନେ ନିଜର ଅଙ୍ଗକୁ ବଞ୍ଚିଥିବାବେଳେ ମଧ୍ୟ ଦାନ କରୁଛନ୍ତି । ତେବେ ଏହାକୁ ଆହୁରି ଆଗକୁ ନେବା ପାଇଁ ଏବଂ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ ବିଶ୍ୱ ଅଙ୍ଗଦାନ ଦିବସ ରୂପେ ପାଳନ କରାଯାଇଥାଏ । ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଅଙ୍ଗ ଦାନର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ଲୋକଙ୍କୁ ବୁଝା ଯାଇଥାଏ । କିଭଳି ଅଙ୍ଗଦାନ କରି ଆମେ ଆଉ ଏକ ମୂଲ୍ୟବାନ ଜୀବନ ବଞ୍ଚାଇପାରିବା ସେ ନେଇ ସବିଶେଷ ବିବରଣୀ ପ୍ରଦାନ କରାଯାଇଥାଏ ।







## ରସମ ରାଇସ ଆଇସ୍‌କ୍ରିମ

ସାଉଥ ଇଣ୍ଡିଆର ରସମ୍ ରାଇସ୍ ସମସ୍ତଙ୍କର ପସନ୍ଦ ହୋଇଥାଏ । ତେବେ କେବେ କେହି ଭାବିନଥିବେ ଆଇସ୍‌କ୍ରିମ୍‌ରେ ମଧ୍ୟ ଏହି ଫ୍ଲେବର ପାଇବେ । ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହୋଇଛି, ଯେଉଁଥିରେ ଦେଖିବାକୁ ମିଳିଛି ରସମ ରାଇସ୍ ଫ୍ଲେବରର ପୋପ୍‌ସିକ୍ଲେ ବା ଫ୍ରୋଜେନ୍ ଡେଜର୍ଟ । କିଛି ଲୋକ ଏହାକୁ ପସନ୍ଦ କରୁଥିବାର ଦେଖିବାକୁ ମିଳୁଛି, ତେବେ କିଛି ପସନ୍ଦ କରୁନଥିବା ମଧ୍ୟ ଦେଖିବାକୁ ମିଳୁଛି । ତେବେ ଆଇସକ୍ରିମ୍‌କୁ ଭଲ ପାଉଥିବା ଲୋକଙ୍କ ପାଇଁ ଏହା ହେଉଛି ଏକ ଭଲ ଅପସନ୍ ବୋଲି ମତ ପ୍ରକାଶ ପାଇଛି ।

## ଇତିହାସ

୧୬୪୫– ସ୍ୱିଡେନ୍ ଏବଂ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ।
୧୭୮୪– ଭାରତରେ ପ୍ରଶାସନିକ ସୁଧାର ପାଇଁ ବ୍ରିଟିଶ ସଂସଦରେ ପିଟ୍ସ ଇଣ୍ଡିଆ ବିଲ୍ ଜାରି ।
୧୭୯୫– ଭାରତର ବୀରାଙ୍ଗନା ଅହିଲ୍ୟାବାଇ ହୋଲକରଙ୍କ ଦେହାନ୍ତ ।
୧୮୧୪– ଦାସପ୍ରଥା ସମାପ୍ତ ପାଇଁ ବ୍ରିଟେନ୍ ଏବଂ ହଲାଣ୍ଡ୍ ମଧ୍ୟରେ ଚୁକ୍ତି ।
୧୮୬୩– ପ୍ରସିଦ୍ଧ ରାଜନୀତିଜ୍ଞ ଗଙ୍ଗାପ୍ରସାଦ ବର୍ମାଙ୍କ ଜନ୍ମ ।
୧୮୮୭– ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ନରେନ୍ଦ୍ର ମୋହନ ସେନ୍‌ଙ୍କ ଜନ୍ମ ।
୧୯୧୦– ଆଧୁନିକ ନର୍ସିଂ ଆନ୍ଦୋଳନର ଜନ୍ମଦାତା ଫ୍ଲୋରେନ୍ସ ନାଇଟ୍‌ଆଙ୍ଗେଲ୍‌ଙ୍କ ଦେହାନ୍ତ ।
୧୯୧୩– ଇଂଲଣ୍ଡର ହ୍ୟାରୀ ବ୍ରେଅର୍ଲି ଶେଫାର୍ଡ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଆବିଷ୍କାର କଲେ ।
୧୯୩୬– ପ୍ରସିଦ୍ଧ ଭାରତୀୟ ଅଭିନେତ୍ରୀ ବୈଜୟନ୍ତିମାଲାଙ୍କ ଜନ୍ମ ।
୧୯୫୧– ଭାରତରେ ନିର୍ମିତ ପ୍ରଥମ ବିମାନ ହିନ୍ଦୁସ୍ତାନ ଟ୍ରେନର ୨ ପ୍ରଥମକରି ଉଡାଣ ଭରିଲା ।
୧୯୫୬– ଲୋକସଭାରେ ଜାତୀୟ ରାଜପଥ ବିଲ୍ ପାରିତ ।
୨୦୦୮– ବିଶ୍ୱର ପ୍ରମୁଖ ଇସ୍ପାତ କମ୍ପାନୀ ଟାଟା ଷ୍ଟିଲ୍ ଭିଏତନାମର ଦୁଇ କମ୍ପାନୀ ସହିତ ଚୁକ୍ତି କଲା ।
୨୦୦୮– ଦେଶରେ ମଲ୍ଟି ବ୍ୟାରେଲ୍ ରକେଟ୍ ଲଞ୍ଚର୍ ଅସ୍ତ୍ରପ୍ରଣାଳୀ ପିନାକ୍‌ର ସଫଳ ପରୀକ୍ଷଣ ।

## ୱାର୍କଆଉଟ୍ ପରେ ପେଶୀ ଯନ୍ତ୍ରଣା

ଆଜିକାଲି ଫିଟ୍ ରହିବା ପାଇଁ ସମସ୍ତେ ୱାର୍କଆଉଟ୍ କରୁଛନ୍ତି । ୱାର୍କଆଉଟ୍ କରିବାଦ୍ୱାରା ଆପଣଙ୍କର ହାଡ ସହ ମାଂସପେଶୀ ଶକ୍ତ ଓ ଟାଇଟ୍ ହୋଇଥାଏ। ହେଲେ ବେଳେବେଳେ ୱାର୍କଆଉଟ୍ ପରେ ଆମ ମାଂସପେଶୀରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରିବା ଦ୍ୱାରା ଏଭଳି ଅସୁବିଧା ଦେଖାଯିବାର ଆଶଙ୍କା ବେଶି ଥାଏ । ତେବେ କିଛିଟା ଛୋଟଛୋଟ ଟ୍ରିକ ରହିଛି, ଯାହାକୁ ଫଲୋ କରିବା ଦ୍ୱାରା ଆମେ ଏହି ଯନ୍ତ୍ରଣାରୁ ବଞ୍ଚିପାରିବା । ଏହାର ପ୍ରାଥମିକ ଉପଚାର ହେଉଛି ବିଶ୍ରାମ ନେବା । ଯଦି ଏହି ଯନ୍ତ୍ରଣାକୁ କମାଇବାକୁ ଚାହୁଁଛନ୍ତି ତେବେ ୱାର୍କଆଉଟ୍ ପରେ ନିଜର ମାଂଶପେଶୀକୁ ବିଶ୍ରାମ ଦିଅନ୍ତୁ । ବିଶ୍ରାମ ଦେବା ଦ୍ୱାରା ମାଂଶପେଶୀ ଯନ୍ତ୍ରଣା କିଛି ମାତ୍ରାରେ କମ ହୋଇଥାଏ । ୱାର୍କଆଉଟ ପରେ ଧୀରେଧୀରେ ହାତ ହେଉ କିମ୍ବା ଗୋଡକୁ ଷ୍ଟ୍ରେଚ କରନ୍ତୁ । ଏପରି କରିବା ଦ୍ୱାରା ମସଲମାନଙ୍କର ଫ୍ଲେକ୍ସିବିଲିଟି ବଢିଥାଏ । ଏହାସହିତ ମାଂସପେଶୀରେ ରକ୍ତ ସଞ୍ଚାଳନ ମଧ୍ୟ ବଢିଥାଏ । ଏହାଦ୍ୱାରା ଯନ୍ତ୍ରଣାରୁ ଉପଶମ ମିଳିଥାଏ । ଏହି ସମୟରେ ମସାଜ୍‌ର ସାହାଯ୍ୟ ନେଇପାରିବେ । ଏକ ଭଲ ମସାଜ୍ ମଧ୍ୟ ୱାର୍କଆଉଟ୍ ପରର ଯନ୍ତ୍ରଣାରୁ ଆପଣଙ୍କୁ ମୁକ୍ତି ଦେବ । ମସାଜ ଦ୍ୱାରା ମାଂଶପେଶୀ ରିଲାକ୍ସ ହେବାସହ ବ୍ଲଡ ଫ୍ଲୋ ବଢିଥାଏ ।







## ଦୁଇ ବର୍ଷରେ ୱାର୍ଲ୍ଡ ରେକର୍ଡସ ଇଣ୍ଡିଆରେ ନାଁ

ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିଛି ନା କିଛି ଲୁକ୍କାୟିତ ପ୍ରତିଭା ରହିଥାଏ । ଏହିଭଳି ଅନେକ ଉଦାହରଣ ଦେଖିବାକୁ ମିଳିଛି ଯେଉଁଥିରେ ଖୁବ କମ ବୟସରେ ପିଲାମାନେ ବିଭିନ୍ନ ପ୍ରକାରର ରେକର୍ଡ କରୁଛନ୍ତି । ସେହିଭଳି ଜଣେ ଶିଶୁ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ମୁମ୍ବାଇର ଜଣେ ଦୁଇ ବର୍ଷର ଶିଶୁ ଏକ ବିରଳ ରେକର୍ଡ ସେଟ୍ କରୁଥିବାର ଦେଖିବାକୁ ମିଳିଛି । କ୍ରିଆ ସିହ୍ନା ନାମକ ଏହି ଶିଶୁ ମାତ୍ର ଦୁଇ ମିନିଟ୍‌ରେ ୩୨ଟି ପଶୁଙ୍କର ଚିହ୍ନଟ କରି ନିଜ ନାମକୁ ୱାର୍ଲ୍ଡ ରେକର୍ଡସ ଇଣ୍ଡିଆରେ ସାମିଲ କରିଛନ୍ତି । ତାଙ୍କର ଏହି ଅଦ୍ଭୁତ ରେକର୍ଡ ପାଇଁ ସେ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବାର ଦେଖିବାକୁ ମିଳୁଛନ୍ତି । ଏତେ କମ ବୟସରେ ବି ତାଙ୍କର ଏତେ ପ୍ରଖର ବୁଦ୍ଧି ଦେଖି ସମସ୍ତ ଆଶ୍ଚର୍ଯ୍ୟ ହୋଇଛନ୍ତି । ସୋସିଆଲ ମିଡିଆରେ ସମସ୍ତେ ତାଙ୍କର ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି ।

## ବେସନ କଚୋରି

**ସାମଗ୍ରୀ–** ୨ କପ ମଇଦା, ଏକ କପ ବେସନ, ଅଧା ଚାମଚ ପାନ ମଧୁରୀ, ଅଧା ଚାମଚ ଜିରା, ଧନିଆ ଗୁଣ୍ଡ, ଏକ ଚାମଚ ଆଚାର ମସଲା, ଏକ ଚାମଚ ଘିଅ, ପିଆଜ କଟା ।

**ପ୍ରଣାଳୀ–** ପ୍ରଥମେ ଗୋଟିଏ ପାତ୍ରରେ ମଇଦାକୁ ଚକଟି ରଖନ୍ତୁ । ଏହାପରେ ପ୍ୟାନ୍‌ରେ ତେଲ ପକାଇ ଜିରା ଓ ପାନ ମଧୁରୀ ପକାନ୍ତୁ । ଏହା ଫୁଟିବାପରେ ଏଥିରେ କଟା ପିଆଜ, କଞ୍ଚା ଲଙ୍କା ପକାଇ ଭାଜନ୍ତୁ । ଏହାପରେ ଏଥିରେ ବେସନ ପକାନ୍ତୁ । ପରେ ସବୁ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । କିଛି ସମୟରେ ପରେ ଧନିଆ ପତ୍ର ପକାଇ କାଢି ନିଅନ୍ତୁ । ଏହାପରେ ପ୍ରସ୍ତୁତ ମଇଦା ଚକଟାକୁ ଅଳ୍ପ ନେଇ ଛୋଟ ଛୋଟ କରି ପୁରି ଆକାରରେ ବେଲନ୍ତୁ । ଏଥିରେ ମଇଦା ପୁରକୁ ଗୋଲଗୋଲ କରି ଦେଇ ମଣ୍ଡା ପିଠା ଭଳି ଗଢନ୍ତୁ । ଏହାପରେ ପୁଣି ଏହାକୁ ହାଲୁକା ବେଲି ଛାଣି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ବେସନ କଚୋରୀ ।



## ପସନ୍ଦ ଆସୁଛି ଟିଜର



ନିକଟରେ ରିଲିଜ୍ ହୋଇଛି ଟାଇଗର ସ୍ରଫଙ୍କର ଫିଲ୍ମ ବାଗି ୪ର ଟିଜର । ଗୋଟେ ମିନିଟ୍ ୪୯ ସେକେଣ୍ଡର ଏହି ଟିଜର ଦର୍ଶକଙ୍କୁ ଖୁବ ପସନ୍ଦ ଆସୁଥିବା ଦେଖିବାକୁ ମିଳିଛି । ଏଥିରେ ସଞ୍ଜୟ ଦତ୍ତ ଓ ଟାଇଗରଙ୍କ କେମେଷ୍ଟ୍ରିକୁ ଲୋକ ପସନ୍ଦ କରୁଛନ୍ତି । ଉଭୟଙ୍କୁ ଏଥିରେ ବେଶ୍ ଭୟଙ୍କର ଅବତାରରେ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଫିଲ୍ମଟି ୫ ସେପ୍ଟେମ୍ବରରେ ପରଦାକୁ ଆସିବ । ଫିଲ୍ମରେ ସଞ୍ଜୟ ଦତ୍ତଙ୍କୁ ଖଳନାୟକ ଭୂମିକାର ଦେଖିବାକୁ ମିଳିଛି । ହିରୋ ଟାଇଗର ଓ ଖଳନାୟକ ସଞ୍ଜୟଙ୍କ ଭିତରେ ଘମାଘୋଟ ଲଢେଇ ଟିଜରରେ ଦେଖିବାକୁ ମିଳିଛି । କେବଳ ଏହି ଦୁଇଜଣ ନୁହେଁ ଏମାନଙ୍କ ସହିତ ହରନାଜ ସାନ୍ଧୁ ଓ ସୋନମ ବାଜୱାଙ୍କ ଭିତରେ ବି ଜବରଦସ୍ତ ଆକସନ୍ ଦେଖିବାକୁ ମିଳିଛି । ଫିଲ୍ମକୁ ଦର୍ଶକ ଖୁବ ପସନ୍ଦ କରିବେ ବୋଲି ମେକର୍ସ ଆଶା ରଖିଛନ୍ତି । ଟିଜରକୁ ଦର୍ଶକ ଦେଉଥିବା ଭଲ ପାଇବା ସେମାନଙ୍କର ଏହି ବିଶ୍ୱାସକୁ ବଢାଇଛି । ସେପଟେ ଦର୍ଶକ ମଧ୍ୟ ବେଶ ଉତ୍ସାହର ସହିତ ବାଗି ୪ ଦେଖିବାକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି ।

### ଓମ୍‌ବ୍ରିକ୍ସ ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ସବୁଜ ଅର୍ଥନୀତିରେ ଓଡ଼ିଶା ଅଗ୍ରଣୀ ହେବ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସଡ଼ିଶା ମେରାଇନ୍ ବାୟୋ ଟେକ୍ନୋଲୋଗି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡର (ଓମ୍‌ବ୍ରିକ୍ସ) ଆରମ୍ଭ କରିଛନ୍ତି। ବିଜ୍ଞାନ ଓ ବୈଷୟିକ ବିଭାଗ ଦ୍ୱାରା ଏହା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ପରିବେଶ ସୁରକ୍ଷା, ବିଜ୍ଞାନଭିତ୍ତିକ ପର୍ଯ୍ୟଟନ, ପୁଞ୍ଜି ନିବେଶ, ନିଯୁକ୍ତି ଓ ଜୀବନ ଜୀବିକା ଆଦି ଉପକୂଳ ଅଞ୍ଚଳରେ ରହୁଥିବା ସ୍ଥାନୀୟ ଲୋକଙ୍କ ଲାଗି ସହାୟକ ହେବ। ଗ୍ରାମ୍ୟ ଉନ୍ନୟନ ସହଯୋଗରେ ଆଜି ଲୋକସେବା ଭବନରେ ବିଜ୍ଞାନ ଓ ବୈଷୟିକ ବିଭାଗ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି, କେନ୍ଦ୍ର ସରକାରଙ୍କ ଆର୍ଥ ସାଇନ୍ସ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣା ସ୍ୱାକ୍ଷର ହୋଇଛି। ୬ଟି ଉଚ୍ଚଶିକ୍ଷା ଅନୁଷ୍ଠାନ ମଧ୍ୟ ଏମ୍‌ଓୟୁରେ ସ୍ୱାକ୍ଷର



କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବିସ୍ତୃତ ପ୍ଲାଟ୍‌ଫର୍ମଟି କେବଳ ଓଡ଼ିଶାର ନୁହେଁ, ବରଂ ସମଗ୍ର ଦେଶ ଓ ବିଶ୍ୱର ବୈଜ୍ଞାନିକମାନଙ୍କର ନବସୃଜନତା ପାଇଁ ଏକ ଆଶାର କିରଣ। ବିଶ୍ୱ ଏବେ ସମୁଦ୍ର ଯୋଗୁ ଅନୁଭବ ହେଉଥିବା ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି। ଜଳବାୟୁ ପରିବର୍ତ୍ତନ ଏବଂ ଦୀର୍ଘସ୍ଥାୟୀ ଖାଦ୍ୟ ବ୍ୟବସ୍ଥା କ୍ଷେତ୍ରରେ ଓଡ଼ିଶା ଏବେ ଦୃଢ଼ ପଦକ୍ଷେପ ଓ ଦୂରଦୃଷ୍ଟି ନେଇ ଆଗକୁ ବଢୁଛି। ୨୦୩୬ରେ ବିକଶିତ ଓଡ଼ିଶା, ୨୦୪୭ରେ ବିକଶିତ ଭାରତର ଲକ୍ଷ୍ୟ ନେଇ ଓମ୍‌ବ୍ରିକ୍‌କୁ ପ୍ରସ୍ତୁତ କରାଯାଇଛି। ଏହା କେବଳ ଏକ ଗବେଷଣାତ୍ମକ କାର୍ଯ୍ୟକ୍ରମ ନୁହେଁ, ଏହା ଓଡ଼ିଶାର ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ଲାଟ୍‌ଫର୍ମ। ଓମ୍‌ବ୍ରିକ୍ସ ଜମିର ନିରୀକ୍ଷଣ କରିବା ସହ ବିଶ୍ୱସ୍ତରରେ ଏହାର ପ୍ରଭାବ ନେଇ ଗବେଷଣା କରିବ। ଓଡ଼ିଶା କେବଳ ଏକ ଉପକୂଳବର୍ତ୍ତୀ ରାଜ୍ୟ ନୁହେଁ, ଓଡ଼ିଶା ଏବେ ଉପକୂଳରେ ନୂଆ ନୂଆ କାର୍ଯ୍ୟକ୍ରମ କରିବାର ପଦକ୍ଷେପ ନେଉଛି। ଆମର ଜୈବ ବିବିଧତାକୁ ଆମେ ନଷ୍ଟ ନକରି ଏହାର ସଂରକ୍ଷଣ ମଧ୍ୟ କରିବୁ। ଆମେ ଜ୍ଞାନ ଓ ଗବେଷଣାର ମିଳିତ ସମନ୍ୱୟରେ ଏକ ନବସୃଜନତା ସୃଷ୍ଟି କରିବୁ ବୋଲି ସେ କହିଛନ୍ତି। ଏହି ଅବସରରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ସଚିବ ମନୋଜ ଆହୁଜା ସେମାନଙ୍କ ମତ ରଖିଥିଲେ। ବିଭାଗୀୟ ସଚିବ ଚିତ୍ରା ଅରୁଙ୍ଗମ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱତନ୍ତ୍ର ସଚିବ ପୂଜା ମିଶ୍ର ଧନ୍ୟବାଦ ଦେଇଥିଲେ। ଓମ୍‌ବିକ୍ସ ପାଇଁ ଆଇଆଇଟି ଭୁବନେଶ୍ୱର, ନିଟ୍ ରାଉରକେଲା, ଆଇଜର ବ୍ରହ୍ମପୁର, ଆଇଏଲ୍‌ଏସ୍ ଭୁବନେଶ୍ୱର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ମଧ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଛି।

## ସ୍ୱାଧୀନତା ଦିବସ : କେଉଁ ମନ୍ତ୍ରୀ କେଉଁଠି କରିବେ ପତାକା ଉତ୍ତୋଳନ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରରେ ଆୟୋଜିତ ୭୯ତମ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ କରିବେ । ଜିଲ୍ଲା ମୁଖ୍ୟାଳୟରେ କେଉଁମାନେ ପତାକା ଉତ୍ତୋଳନ କରିବେ ସେନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରିବାକୁ ଓଡ଼ିଶା ସରକାର ମଧ୍ୟ ପ୍ରସ୍ତୁତି ଜାରି ରଖିଛନ୍ତି । କେନ୍ଦୁଝରରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କଟକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଉତ୍ତୋଳନ କରିବେ । ସେହିପରି ସୁନ୍ଦରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ସମ୍ବଲପୁରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସୋନପୁରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଲାଙ୍ଗିରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କନ୍ଧମାଳରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କଳାହାଣ୍ଡିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୁରୀରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାୟଗଡ଼ାରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ , ଗଜପତିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭଦ୍ରକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ନବରଙ୍ଗପୁରରେ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଅନୁଗୁଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ମୟୂରଭଞ୍ଜରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ ।

## ଅଗ୍ନିକାଣ୍ଡରେ ଜଳିଗଲା ଘର

ଚୌଦ୍ୱାର, (ସ.ବ୍ୟୁ.) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୮ନଂ. ୱାର୍ଡ଼ ସ୍ଥିତ ମୁଣ୍ଡାସାହିରେ ଗତକାଲି ବିଳମ୍ବିତ ରାତ୍ରିରେ ସର୍ଟସର୍କିଟ ଯୋଗୁଁ ରତ୍ନାକର ସେଠୀଙ୍କ ଘର ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି । ରତ୍ନାକରଙ୍କ ପରିବାର ରାତିରେ ଘରେ ଶୋଇଥିବା ବେଳେ ହଠାତ୍ ଘରର ଚାଳଛପର ଜଳୁଥିବା ଦେଖି ଜୀବନ ବଞ୍ଚାଇବା ପାଇଁ ଘରୁ ବାହାରକୁ ଚାଲିଆସିଥିଲେ । ସ୍ଥାନୀୟ ବସ୍ତିବାସିନ୍ଦା ଘରଟି ଜଳୁଥିବାର ଦେଖି ଚୌଦ୍ୱାର ଦମକଳ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିବା ବେଳକୁ ଘରେ ଥିବା ସମସ୍ତ ଆସବାପତ୍ର, ଲୁଗାପଟା, ଧାନଚାଉଳ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା । ରତ୍ନାକର ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ଦିନମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି।

### ନାବାଳିକାକୁ ବଳତ୍କାର ମାମଲା

## ଆସାମୀକୁ ୨୦ବର୍ଷ ଜେଲ୍, ଜରିମାନା, ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

କଟକ,(ସବ୍ୟୁ): ଚୌଦ୍ୱାର ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରିବା ଘଟଣାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଆସାମୀ ଅଜୟ ଦେହୁରୀ(୨୧) କୁ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲାବେଳେ ୫୦ ହଜାର ଜରିମାନା ଟଙ୍କା କରିଛନ୍ତି । ଜରିମାନା ଅନାଦାୟ ଆସାମୀ ଅଧିକ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଲାଗି ଅଦାଲତ, କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ମସିହା ଜୁଲାଇ ୨୭ରେ ପୀଡ଼ିତାଙ୍କ ମା' ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ସେ ଅଭିଯୋଗ କରିଥିଲେ ସେମାନେ ଆଦିବାସୀ ସମ୍ପ୍ରଦାୟର । ପ୍ରତିଦିନ ଉଭୟ ସ୍ୱାମୀ-ସ୍ତ୍ରୀ କାମ ପାଇଁ ଯାଇଥାନ୍ତି। ଘରେ ସେମାନଙ୍କର ଏକ ୧୩ବର୍ଷର ଝିଅ ଥିଲା। ଝିଅକୁ ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଅଜୟ ଦେହୁରୀ ବଳାତ୍କାର କରିଥିଲା। ପୀଡ଼ିତାଙ୍କୁ ଏହି ଘଟଣା ସମ୍ପର୍କରେ କାହା ଆଗରେ ନକହିବାକୁ ଧମକ ଦେଇଥିଲା । କିନ୍ତୁ ପୀଡ଼ିତା ଗର୍ଭବତୀ ହେବାପରେ ଏହି ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ବଳାତ୍କାର ସଂକ୍ରାନ୍ତରେ ପୀଡ଼ିତା ପରିବାର ଆଗରେ କହିଥିଲା। ଏନେଇ ଚୌଦ୍ୱାର ଥାନାରେ ଏତଲା ଦିଆଯିବା ପରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଥିଲା।

## ଟ୍ରକ ହେଲପରଙ୍କୁ ଛୁରା ମାଡ଼ : ଜଣେ ଅଟକ

ସୋର,(ସବ୍ୟୁ): ସୋମବାର ବିଳମ୍ବିତ ରାତିରେ ପଥର ଚୋରା ଚାଲାଣ ବେଳେ ଆଙ୍ଗୁଳା ଛକ ନିକଟରେ ପ୍ରତିବାଦ କରିବାରୁ ଛୁରା ମାଡରେ ଜଣେ ଟ୍ରକ ହେଲପର ଗୁରୁତର ଆହତ ହୋଇ ବାଲେଶ୍ୱର ସ୍ଥାନାନ୍ତର ହୋଇଥିବା ବେଳେ ପୁଲିସ ଜଣଙ୍କୁ ଥାନାରେ ଅଟକ ରଖିଛି । ଗୁରୁତର ଯୁବକ ଜଣଙ୍କ ହେଲେ ସୋର ଥାନା ମହୁମୁହାଣ ଗ୍ରାମର ଶୁଭମ ମହାନ୍ତି(୨୩) ।ବେଧଡକ ପଥର ଲୁଟରେ ରୋକ ଲାଗୁନଥିବା ବେଳେ ସୋମବାର ରାତିରେ ଶତାଧିକ ପଥର ବୋଝେଇ ଗାଡି ଏହି ରାସ୍ତାରେ ଯାଇଥିଲା । ଏହି ସମୟରେ ଅଙ୍ଗୁଳା ଗ୍ରାମର ଜଣେ ବ୍ୟକ୍ତି ଏକ ପଥର ଗାଡିକୁ ଅଟକାଇବାରୁ ଟ୍ରକ ଚାଳକ, ହେଲ୍‌ର ଏବଂ ଉକ୍ତ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପରେ ଉକ୍ତ ବ୍ୟକ୍ତିଙ୍କ ଛୁରା ମାଡରେ ଗାଡିର ହେଲପର ଶୁଭମଙ୍କ ତଣ୍ଟିରେ ବାଜି ଗୁରୁତର କ୍ଷତ ହୋଇଥିଲା ।।

### ଟ୍ରକ୍ ପଛରେ ପିଟି ହୋଇ ଜଳିଗଲା କାର

## ଅଳ୍ପକେ ବର୍ତ୍ତିଲେ ପରିବାର ୫ସଦସ୍ୟ

ଚୌଦ୍ୱାର, (ସ.ବ୍ୟୁ.) : ୧୬ନଂ. ଜାତୀୟ ରାଜପଥ ନିର୍ଗୁଣ୍ଡି ଓଭରବ୍ରିଜ୍ ଉପରେ କଲିକତା ପୁରୀଲିଆରୁ ଗୋଟିଏ ପରିବାରର ୫ଜଣ ସଦସ୍ୟ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ବେଳେ ଦୁର୍ଘଟଣା ଘଟିବା ପରେ କାରଟି ସମ୍ପୂର୍ଣ୍ଣ ନିଆଁରେ ଜଳିଯାଇଥିବାର ଜଣାପଡ଼ିଛି । କାରଟି ନିର୍ଗୁଣ୍ଡି ଓଭରବ୍ରିଜ୍ ଦେଇ ପୁରୀ ଅଭିମୁଖେ ଯାଉଥିବା ବେଳେ ସାମ୍ନାରେ ଥିବା ଏକ ଟ୍ରକ୍‌ଟି ହଠାତ୍ ବ୍ରେକ୍ ମାରିଦେଇଥିଲା । ପଛରେ ଥିବା ଏହି କାରଟି ଟ୍ରକ୍ ପଛପଟେ ପିଟି ହେବା ଫଳରେ ଗାଡ଼ି ସାମ୍ନାପଟୁ ନିଆଁ ବାହାରି ଗାଡ଼ିଟି ଜଳିବାକୁ ଲାଗିଥିଲା । କାର ଚାଳକଙ୍କ ଉପସ୍ଥିତି ବୁଦ୍ଧି ପାଇଁ ସେ ଗାଡ଼ିରେ ବସିଥିବା ଗୋଟିଏ ପରିବାରର ୪ଜଣ ସଦସ୍ୟଙ୍କୁ ଗାଡ଼ିରୁ ଓହ୍ଲାଇବା ସହ ଗାଡ଼ିରେ ଥିବା ତାଙ୍କର ସମସ୍ତ



ଜିନିଷପତ୍ର କାଢ଼ିବାରେ ସକ୍ଷମ ହୋଇପାରିଥିଲେ । ପରେ ଖବର ପାଇ ଚୌଦ୍ୱାର ଦମକଳ ବିଭାଗ ଓ ଜାତୀୟ ରାଜପଥ ମୁତୟନ ଥିବା ଟ୍ରାଫିକ୍ ପୁଲିସ୍‌କୁ ଖବର ଦିଆଯାଇଥିଲା । ଦମକଳ ବିଭାଗ ଘଟଣାସ୍ଥଳରେ ପହଂଚି କିଛି ସମୟ ମଧ୍ୟରେ ଗାଡ଼ିରେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ମୁଖ୍ୟତଃ ଗାଡ଼ିଟି ୫୦୦ରୁ ଉର୍ଦ୍ଧ୍ୱ କିଲୋମିଟର ଅତିକ୍ରମ କରିଥିବାବେଳେ ଗାଡ଼ିଟିର ଇଞ୍ଜିନ୍ ଜୋରରେ ଉତ୍ତପ୍ତ ଥିବା ବେଳେ ଦୁର୍ଘଟଣା ପରେ ଗାଡ଼ିରେ ନିଆଁ ଲାଗିଥାଇପାରେ ବୋଲି ଟ୍ରାଫିକ୍ ଇନସ୍‌ପେକ୍ଟର ରଞ୍ଜନ କୁମାର ଦୋରା ପ୍ରକାଶ କରିବା ସହ ଆହତ ହୋଇଥିବା ପରିବାର ସଦସ୍ୟଙ୍କୁ ଜଗନ୍ନାଥଙ୍କ ଦର୍ଶନ କରାଇବା ପାଇଁ ସେ ପୁଲିସ୍ ପକ୍ଷରୁ ବ୍ୟବସ୍ଥା କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି । ଆହତ ପରିବାରଙ୍କୁ ଦୁର୍ଘଟଣା ସମ୍ପର୍କରେ ପଚାରିବାରୁ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆମେ ଏକ ବଡ଼ ବିପଦରୁ ଉଦ୍ଧାର ପାଇଛୁ ବୋଲି ପ୍ରକାଶ କରିବା ସହ ଯାହାବି ହେଲେ ଆମେ ଜଗନ୍ନାଥ ଦର୍ଶନ କରି ଫେରିବୁ ବୋଲି ସେମାନେ କହିଛନ୍ତି ।

### ଟାଟା ପାୱାର ପକ୍ଷରୁ ଗଜ ସଂରକ୍ଷଣ ଅଭିଯାନ

## ଗୋଷ୍ଠୀ ସଚେତନତା ସୃଷ୍ଟି ସହ ବିଶ୍ୱ ହାତୀ ଦିବସ ପାଳନ

ଭୁବନେଶ୍ୱର. (ସବ୍ୟୁ) : ଟାଟା ପାୱାର ପକ୍ଷରୁ ଗଜ ସଂରକ୍ଷଣ ଅଭିଯାନ ଅଧୀନରେ ଓଡ଼ିଶାରେ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସହିତ ବିଶ୍ୱ ହାତୀ ଦିବସ ପାଳନ କରାଯାଇଛି । ଏହାଦ୍ୱାରା ଭାରତର ସବୁଠାରୁ ସମ୍ବେଦନଶୀଳ ହାତୀ ଆବାସସ୍ଥଳୀଗୁଡ଼ିକରେ ମାନବହାତୀ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ପ୍ରତି ଟାଟା ପାୱାର ନିଜର ପ୍ରତିବଦ୍ଧତା ଦୋହରାଇଛି। ଏକ ସପ୍ତାହ ଧରି ଚାଲିଥିବା ଏହି ସଚେତନତା ଅଭିଯାନର ସମାପ୍ତି ଉତ୍ସବ ଅନୁଗୁଳ ଜିଲ୍ଲାର ବନ୍ତଳା ନୋଡାଲ ହାଇସ୍କୁଲରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧,୦୩୧ ଜଣ ଛାତ୍ରଛାତ୍ରୀ, ଅଭିଭାବକ, ସ୍ଥାନୀୟ ବାସିନ୍ଦା, ସରପଂଚ, ବନ ସୁରକ୍ଷା କମିଟି ସଦସ୍ୟ, ଟିପିସିଓଡିଏଲର ଅନୁଗୁଳ ବିଦ୍ୟୁତ୍ ଡିଭିଜନ, ଅନୁଗୁଳ ବନ ବିଭାଗ ଏବଂ ବନ୍ତଳା ରେଞ୍ଜ କାର୍ଯ୍ୟାଳୟର ପ୍ରତିନିଧିମାନେ ଉତ୍ସାହର ସହିତ ଭାଗ ନେଇଥିଲେ।



ଏହି ଉତ୍ସବ ଅଧୀନରେ ୨୦୨୫ ଅଗଷ୍ଟ ୬ ରୁ ୮ ପର୍ଯ୍ୟନ୍ତ ବନ୍ତଳା ବନଖଣ୍ଡ ଅଧୀନରେ ଥିବା ପାଂଚଟି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ କାର୍ଯ୍ୟକ୍ରମରେ ମୋଟ ୧,୦୩୧ ଜଣ ଛାତ୍ରଛାତ୍ରୀ ଏବଂ ୨୧୦ ଜଣ "ମାନବ-ହାତୀ ସହାବସ୍ଥାନ' ବିଷୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟ କାର୍ଯ୍ୟକ୍ରମରେ ୩୦ ଜଣ ବିଜୟୀଙ୍କୁ ସମ୍ମାନିତ କରାଯାଇଥିଲା।

### ଭରତପୁର ବୋମାମାଡ ମାମଲା

## ଦୁଇ ପକ୍ଷ ଏତଲାରେ ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସରକାରୀ ଜମି ଦଖଲ କରି ବିକ୍ରି କରିବାକୁ ନେଇ ଦୁଇଗୋଷ୍ଠୀ



ଭରତପୁର ଥାନା ଅଞ୍ଚଳରେ ବାରମ୍ବାର ମୁହାଁମୁହିଁ ହେଉଛନ୍ତି । ବୋମାମାଡ, ଗାଡିପୋଡି, ଖଣ୍ଡାରେ ଆକ୍ରମଣ ଭଳି ଘଟଣା ବାରମ୍ବାର ଘଟୁଛି । କାରଣ ସରକାରୀ ଜମିକୁ ବିକି ସେମାନେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ସ୍ଥିତିବାନ ଜମି ପରି ସରକାରୀ ଜମିକୁ ପଥରରେ ପ୍ଲଟିଂ କରି ସେମାନେ ବିକ୍ରି କରୁଛନ୍ତି । ଏହି ଜମି ଦଖଲକୁ ନେଇ ଦୁଇଦିନ ତଳେ ବୋମାମାଡ ସାଙ୍ଗକୁ ଗାଡି ପୋଡି ଘଟଣା ଘଟିଥିଲା । ପୋଲିସ ଦୁଇପକ୍ଷଙ୍କ ଏତଲା ଆଧାରରେ ଦୁଇଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି ।

ଗିରଫ ୩ଜଣ ହେଲେ ଅମୀୟ ପ୍ରସାଦ ଛୋଟରାୟ (୩୬), ବିଜୟ କୁମାର ନାୟକ (୫୦) ଓ ପ୍ରଫୁଲ୍ଲ ଦାସ (୩୫) । ୪୫୧ ନମ୍ବର ମାମଲାରେ ପ୍ରଫୁଲ୍ଲ ଗିରଫ ହୋଇଥିବା ବେଳେ ୪୫୨ ନମ୍ବର ମାମଲାରେ ଅନ୍ୟ ଦୁଇଜଣ ଗିରଫ ହୋଇଛନ୍ତି । ୩ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଗୋଟିଏ ଗୋଷ୍ଠୀରେ ୨୦ରୁ ଉର୍ଦ୍ଧ୍ୱର୍ ସଦସ୍ୟ ଥିବାବେଳେ ଅନ୍ୟ ଏକ ଗୋଷ୍ଠୀରେ ସେହିପରି ୨୫/୩୦ଜଣ ସଦସ୍ୟ ଥିବା ପୋଲିସ କହିଛି । ଏହି ଦୁଇଗୋଷ୍ଠୀରେ ନିକଟସ୍ଥ ଦୁଇ ଗାଁର ଯୁବକମାନେ ଥିବା ସୂଚନା ମିଳିଛି ।

### ଗଣେଶ ପୂଜା ପାଇଁ ମାଟି ଉଠାଇବା ହେଲା କାଳ

## କାଠଯୋଡ଼ିରେ ବୁଡ଼ି ୨ଛାତ୍ର ମୃତ୍ୟୁ

କଟକ,(ସବ୍ୟୁ): ଗଣେଶ ପୂଜା ପାଇଁ ମୂର୍ତ୍ତି ଗଢ଼ିବା ନିମନ୍ତେ କାଠଯୋଡ଼ିରେ ମାଟି ଉଠାଇବା କାଳ ହୋଇଛି । ଗଣେଶଘାଟ ପାଖରେ ଆଜି ୨ଛାତ୍ର ମାଟି ଖୋଳିବା ସମୟରେ ପ୍ରବାହିତ ବନ୍ୟାଜଳରେ ବୁଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ଲାଲ୍‌ବାଗ ଥାନା କାଳୀଗଳିର ଅକ୍ଷୟ ମହାନ୍ତିଙ୍କ ପୁଅ ସୌମ୍ୟରଂଜନ (୧୯) ଓ କାଜିବଜାରର ରାମଚନ୍ଦ୍ର ସାହୁଙ୍କ ପୁଅ ଶୁଭମ (୧୫) । ସୌମ୍ୟ +୨ରେ ପାଠ ପଢୁଥିବା ବେଳେ ଶୁଭମ୍ ୧୦ମ ଶ୍ରେଣୀର ଛାତ୍ର । ୨ଜଣ ସାଙ୍ଗ ହୋଇ ଗଣେଶ ପୂଜା ନିମନ୍ତେ ମୂର୍ତ୍ତି ତିଆରି କରିବାକୁ ଯୋଜନା କରି ମାଟି ଉଠାଇବାକୁ ଯିବା ବେଳେ ଏହି ଅଘଟଣ ଘଟିଥିଲା । ଅଗ୍ନିଶମ କର୍ମଚାରୀ ମୃତଦେହକୁ ଉଦ୍ଧାର କରିବା ପରେ ପୁରୀଘାଟ ଥାନା ଜିମା ଦେଇଥିଲେ । ଏହା ପରେ ମୃତଦେହ ୨ଟିକୁ ଏସ୍‌ସିବିରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାର ଛାୟା ଖେଳିଯାଇଛି । ପୁଲିସ ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ୧୦ଜଣ ସାଙ୍ଗ ଗଣେଶଘାଟ ପାଖ ଏକ ପଡ଼ିଆରେ କ୍ରିକେଟ୍ ଖେଳୁଥିଲେ । ତନ୍ମଧ୍ୟରୁ ୫-୭ ଜଣ ସାଙ୍ଗ ଏକାଠି ହୋଇ ନଦୀ ପଠାରୁ ଗଣେଶମୂର୍ତ୍ତି ଓ ମଣ୍ଡପରେ ମାଟିର ପିଣ୍ଡି ତିଆରି କରିବା ପାଇଁ ଆବଶ୍ୟକୀୟ ଚିକିଟାମାଟି ଆଣିବା ପାଇଁ ନଦୀପଠାକୁ ଯିବାକୁ ଯୋଜନା କରିଥିଲେ । ଏହା ପରେ ସବୁ ସାଙ୍ଗ ନଦୀକୂଳରେ ମିଶି ଚିକିଟା ମାଟି ଖୋଳି ବାହାର କରିଥିଲେ । ତେବେ ଏହା ଭିତରେ ନଦୀ ମଝିରେ ଭଲ ମାଟି ମିଳିବ ବୋଲି ଅଳ୍ପ ପାଣିରେ ପଶି ସୌମ୍ୟ ଓ ଶୁଭମ ଭିତରକୁ ଯାଇଥିଲେ । ପାଣି ସ୍ରୋତକୁ ଅତିକ୍ରମ କରି ପ୍ରାୟ ଅଧ କିଲୋମିଟର ଭିତରକୁ ଯାଇ ମାଟି ଖୋଳିବା ବେଳେ ହଠାତ୍ ବାଲି ଭିତରେ ସୌମ୍ୟର ଗୋଡ଼ ଦବି ଯାଇଥିଲା । ସେ' ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବା ସହିତ ଚିତ୍କାର କରିଥିଲା । ପାଖରେ ଥିବା ଶୁଭମ ଏହା ଦେଖି ସୌମ୍ୟକୁ କାଢ଼ିବାକୁ ଉଦ୍ୟମ କଲା ବେଳେ ସେ' ମଧ୍ୟ ପାଣି ଓ ବାଲି ଭିତରେ ଦବିଯାଇଥିଲା । ଏହି ବିଷୟକୁ ଦୂରରେ ତଥା କୂଳରେ ଥାଇ ଅନ୍ୟ ସାଙ୍ଗମାନେ ଦେଖୁଥିଲେ । ୨ଛାତ୍ର ବୁଡ଼ିଯିବା ଦେଖିବା ପରେ ଉଦ୍ଧାର ପାଇଁ ସମସ୍ତେ ସାହାର୍ଯ୍ୟ ଖୋଜିବାକୁ ନଦୀବନ୍ଧ ଉପରକୁ ଆସି ଚତ୍କାର କରିଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । କିଛି ମିନିଟ୍ ଭିତରେ ଅଗ୍ନିଶମ କର୍ମଚାରୀ ଆସି ପାଣି ଭିତରେ ପଶି ଖୋଜାଖୋଜି କରିବା ପରେ ୨ ଜଣଙ୍କୁ ପାଣିରୁ ମୃତାବସ୍ଥାରେ ଉଦ୍ଧାର କରିଥିଲେ । ସେତେବେଳକୁ ଖବର ପାଇ ପରିବାର ଲୋକ ଆସି ନଦୀପଠାରେ ପହଞ୍ଚିଥିଲେ । ୨ ଜଣଙ୍କ ମୃତଦେହ ଦେଖି ନଦୀପଠା କାନ୍ଦବୋବାଳିରେ ଫାଟି ପଡ଼ିଥିଲା । କିଛି ସମୟ ମଧ୍ୟରେ ୨ ଜଣଙ୍କୁ ସେଠାରୁ ପୁଲିସ ସହାୟତାରେ ଏସ୍‌ସିବି ନିଆଯାଇଥିଲା । ସେଠାରେ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତଘୋଷଣା କରିଥିଲେ ।

## ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ବାଲୁଗାଁ ,(ସବ୍ୟୁ): ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ଁ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ସହଯୋଗୀ ଖସି ପଳାଇବାରେ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତ ହେଲେ ଦୀପକ ପରିଡା, ଘର ବାଲୁଗାଁ ଗୁଣ୍ଡୁରୁପୁର ଅଞ୍ଚଳରେ ବୋଲି ଜଣାପଡିଛି । ବାଲୁଗାଁ ଥାନା ଅଧିନ ଧୂଆଁଳ ଗ୍ରାମର ରମେଶ ଚନ୍ଦ୍ର ସେଠୀ ଏକ ଖବରକାଗଜ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ବେଳେ ସୋମବାର ଅପରାହ୍ନରେ କୌଣସି କାର୍ଯ୍ୟରେ ଚିଲିକା କୂଳକୁ ଯାଇଥିଲେ ।ଏହି ସମୟରେ ଏକ ପିକଅପ ଗାଡି ଡ୍ରାଇଭରକୁ କୌଣସି କାରଣ ନେଇ ଅଭିଯୁକ୍ତ ଦୀପକ ଓ ତାର ସହଯୋଗୀ ମାଡ ମାରୁଥିବା ରମେଶ ନିଜ ମୋବାଇଲରେ ଆକ୍ରମଣ ଦୃଶ୍ୟ ଭିଡ଼ିଓ କରୁଥିବା ବେଳେ ଏଥିରେ ଉତକ୍ଷିପ୍ତ ହୋଇ ଦୀପକ ଓ ତାର ସହଯୋଗୀ ତାଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ ।

## ଶ୍ରୀକ୍ଷେତ୍ରର ସାହିତ୍ୟିକ ଜାତୀୟସ୍ତରରେ ସମ୍ମାନିତ

ପୁରୀ (ସବ୍ୟୁ): ସମ୍ପ୍ରତି ନୂଆ ଦିଲ୍ଲୀଠାରେ ଚାଲିଥିବା ଆନ୍ତର୍ଜାତିକ ଦିଲ୍ଲୀ ପୁସ୍ତକ ମେଳା ଅବସରରେ ଭାରତୀୟ ସାହିତ୍ୟ ଓ ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦଶଜଣ ପ୍ରବୀଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀକ୍ଷେତ୍ରର ବିଶିଷ୍ଟ ସାହିତ୍ୟିକ ଓ ସମ୍ପାଦକ ମାନସ ରଂଜନ ମହାପାତ୍ର ଏମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ।କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା ,ଜାତୀୟ ପ୍ରକାଶନ ସଂସ୍ଥାର ସଭାପତି ନବୀନ ଗୁପ୍ତା ,ଭାରତୀୟ ରିପ୍ରୋଗ୍ରାଫିକ୍ ରାଇଟସ୍ ସଂସ୍ଥାର ଅଧ୍ୟକ୍ଷ ଡକ୍ଟର ଅଶୋକ ଗୁପ୍ତା ,ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ମହାସଚିବ ଡକ୍ଟର ଶିବ ଶଙ୍କର ଅବସ୍ଥି ଏବଂ ଭାରତୀୟ ପ୍ରକାଶକ ସଂଘର ସମ୍ପାଦକ ପ୍ରଣବ ଗୁପ୍ତା ଉପସ୍ଥିତିରେ ଶ୍ରୀ ମହାପାତ୍ରଙ୍କୁ "ବାଗେଶ୍ୱରୀ ସମ୍ମାନ " ପ୍ରଦାନ କରାଯାଇଥିଲା । ଏହି ଅବସରରେ ନ୍ୟାସନାଲ ବୁକ ଟ୍ରଷ୍ଟ, ଇଣ୍ଡିଆର ପ୍ରକାଶନ ତାଲିମ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ,ଉତ୍ତର ପୂର୍ବାଞ୍ଚଳ ପରିଷଦର ନିର୍ଦ୍ଦେଶକ ତଥା ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ଏଇ ପ୍ରତିଭାଧରଙ୍କୁ ବହୁ ବିଶିଷ୍ଟ ଲେଖକ ଓ ପ୍ରକାଶକ ଶୁଭେଚ୍ଛା ଜଣାଇ ଥିଲେ।

### ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ ପାଳନ

## ଫଳ ଖୁଆଇ ଦେଲେ ସଚେତନର ବାର୍ତ୍ତା

ବାରଙ୍ଗ,(ସବ୍ୟୁ): ଅଗଷ୍ଟ ୧୨ ତାରିଖ ବିଶ୍ୱ ହସ୍ତୀ ଦିବସ । ଏହି ଦିନରେ ସାରା ବିଶ ହସ୍ତୀ ଦିବସ ପାଳନ କରୁଥିବା ବେଳେ ଏଥିରୁ ବାଦ ପଡ଼ିନଥିଲା ନନ୍ଦନକାନନ ପ୍ରାଣୀ ଉଦ୍ୟାନ । ହାତୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନନ୍ଦନକାନନରେ ପାଳନ କରାଯାଇଥିଲା ବିଶ୍ୱ ହସ୍ତୀ ଦିବସ । ଏହି ଅବସର ରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ହାତୀ ମାନଙ୍କୁ ଗାଧୋଇ ଦିଆଯାଇ ସେମାନଙ୍କୁ ବିର୍ଭିନ ଫଳମୂଳ ସେଓ, କଦଳୀ, ଆଖୁ, ତରଭୁଜ ଆଦି ଖାଇବାକୁ ଦିଆଯାଇଥିଲା । ସମସ୍ତ ମାହୁନ୍ତ ମାନଙ୍କୁ ପୁରସ୍କୃତ କରାଯିବା ସହ କୁଇଜ କମ୍ପିଟିସନ ରେ ଭାଗ ନେଇଥିବା ଅଞ୍ଚଳ ର ସ୍କୁଲ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ସଚେତନତା ବାର୍ତା ଉଦେଶ୍ୟ ରେ ଏକ ସିଗନେଚର କ୍ୟାମ୍ପ କରାଯାଇଥିଲା । ସେହିପରି ଚନ୍ଦକା ଗୋଡ଼ିବାରୀର କୁମାର ଖୁଣ୍ଟି ଠାରେ ମଧ୍ୟ ବିଶ ହସ୍ତୀ ଦିବସ ପାଳନ ହୋଇଯାଇଛି । ଏବେ ନନ୍ଦନକାନନରେ ୪ଟି ହାତୀ ଓ ଚନ୍ଦକା ଗୋଡ଼ିବାରୀ କୁମାର ଖୁଣ୍ଟି ହାତୀ ଶାଳରେ ୮ଟି ପୋଷା ହାତୀ ରହିଥିବା ସୂଚନା ମିଳିଛି ।

### ଆଇଟିଆଇ ଉନ୍ନତିକରଣ ପାଇଁ ଜାତୀୟ ଯୋଜନା ଉପରେ ପରାମର୍ଶଦାତା କର୍ମଶାଳା

# ଆଇଟିଆଇ ପାଠ୍ୟକ୍ରମର ଉନ୍ନତିକରଣ ରୋଡମ୍ୟାପ୍ ଓଡ଼ିଶା ପ୍ରମୁଖ ଶିଳ୍ପୋଦ୍ୟୋଗୀ ଏକାଠି




ଭୁବନେଶ୍ୱର, (ସବ୍ୟ): ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆଜି ରାଜ୍ୟରେ ବୈଷୟିକ ଶିକ୍ଷାର ଭବିଷ୍ୟତ ଗଠନ ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପୋଦ୍ୟୋଗୀ ଏବଂ ତାଲିମ ବିଶେଷଜ୍ଞଙ୍କୁ ଏକତ୍ରିତ କରି ଜାତୀୟ ଆଇଟିଆଇ ଉନ୍ନତିକରଣ ଯୋଜନା ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳାର ଆୟୋଜିତ ହୋଇଯାଇଛି । ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା (ଏମ୍ଏସଡିଇ) ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି କର୍ମଶାଳାରେ ହବ୍-ଏଣ୍ଡ-ସ୍ପୋକ୍ ମଡେଲ୍ ମାଧ୍ୟମରେ ୧୦୦୦ ଆଇଟିଆଇକୁ ଅପଗ୍ରେଡେସନ କରିବା ତଥା ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା । ଶିଳ୍ପ ଅଂଶଗ୍ରହଣ ହେଉଛି ଯୋଜନାର ମୂଳଦୁଆ, ଯାହା ଦକ୍ଷତାକୁ ଆକାଂକ୍ଷୀ, ଶିଳ୍ପ-ସମନ୍ୱିତ ଏବଂ ଫଳାଫଳ ସମର୍ଥ କରିପାରବ ବୋଲି ଏମ୍ଏସଡିଇର ସଚିବ ରଜିତ ପୁନ୍‌ହାନି ଗୁରୁତ୍ୱାରୋପ କରିଥିଲେ । ଏମ୍ଏସଡିଇର ଅତିରିକ୍ତ ସଚିବ ଶ୍ରୀମତୀ ସୋନାଲ ମିଶ୍ର ଯୋଜନାର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ଏବଂ ମହତ୍ୱାକାଂକ୍ଷୀ କ୍ଷେତ୍ରଗୁଡ଼ିକର ଚାହିଦା ପୂରଣ କରିବା ପାଇଁ ଦୃଢ଼ ସରକାରୀ ଶିକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ଆହ୍ୱାନ କରିଥିଲେ । ଓଡ଼ିଶାର ପ୍ରସ୍ତୁତି ଉପରେ ଆଲୋକପାତ କରି, ଦକ୍ଷତା ବିକାଶ ତଥା ନିଯୋଜନର ନିର୍ଦ୍ଦେଶକ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀମତୀ ରଶ୍ମିତା ପଣ୍ଡା ଆଇଟିଆଇଗୁଡ଼ିକୁ ଆଧୁନିକୀକରଣ, ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ଏବଂ ହବ୍ ଏବଂ ସ୍ପୋକ୍ ମଡେଲରେ ଶିଳ୍ପ ସହଭାଗୀତାକୁ ବିସ୍ତାର କରିବା ପାଇଁ ରାଜ୍ୟର ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ସମେତ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କର୍ମଶାଳାରେ ଅଗ୍ରଣୀ କର୍ପୋରେଟ୍, ସାଧାରଣ ଉଦ୍ୟୋଗ ଏବଂ ତାଲିମ ପ୍ରତିଷ୍ଠାନ, ଆଇଟିଆଇଗୁଡ଼ିକର ପ୍ରିନ୍ସିପାଲ ଏବଂ ଅଧ୍ୟାପକ, ଜିଲ୍ଲା ଦକ୍ଷତା ବିକାଶ-ସହ-ନିଯୁକ୍ତ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଭିତ୍ତିଭୂମି ଆଧୁନିକୀକରଣ, ଆଇଟିଆଇଗୁଡ଼ିକୁ ଶିଳ୍ପ-ଉପଯୋଗ ହେବା ପାଇଁ ଶିଳ୍ପଭିତ୍ତିକ ପାଠ୍ୟକ୍ରମ ପ୍ରଚଳନ ଉପରେ ଆଲୋଚନା କରାଯାଇଥିଲା ।

# ବିଜେଡି ସରକାରରେ ସେମିକଣ୍ଡକ୍ଟର ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା : ଦେବୀ

ଭୁବନେଶ୍ୱର, (ସବ୍ୟ): ଓଡିଶାରେ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ପ୍ରକ୍ରିୟା ଆରମ୍ଭ କରିଥିଲେ । ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଓଡିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟ ନେଇଥିବା ନିଷ୍ପତ୍ତିର ମୂଳଦୂଆ ବିଜେଡି ସରକାର ଅମଳରେ ହୋଇଥିଲା ।

ଶ୍ରୀ ମିଶ୍ର କହିଥିଲେ, ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକମାନଙ୍କୁ ଆକୃଷ୍ଟ କଲାଭଳି ପ୍ରସ୍ତାବ ମେକ୍ ଇନ୍ ଓଡିଶାର ୨ୟ ସଂସ୍କରଣ ୨୦୨୨ ଡିସେମ୍ବରରେ ଗ୍ରହଣ କରାଯାଇଥିଲା । ତଦ୍ଦ୍ୱାରା ୨୦୨୩ରେ ସେମିକଣ୍ଡକ୍ଟର ଓ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ପଲିସି ପ୍ରଣୟନ କରାଯାଇଥିଲା । ଲଗାତାର ଭାବେ ଆନ୍ତର୍ଜାତୀୟ ସ୍ତରରେ ବହୁ ନିବେଶକଙ୍କ ସହିତ ଏ ସଂପର୍କରେ ଆଲୋଚନା କରି ଓଡିଶାକୁ ଏକ ଅତ୍ୟାଧୁନିକ



ଇଲୋକ୍ଟ୍ରୋନିକ ଉତ୍ପାଦ କେନ୍ଦ୍ର ରୂପେ ଗଢି ତୋଳିବା ପାଇଁ ଆବଶ୍ୟକ ଇକୋସିଷ୍ଟମ ପ୍ରତିଷ୍ଠା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

୨୦୨୪ରେ ଅନ୍ୟ ରାଜ୍ୟରେ ସେମିକଣ୍ଡକ୍ଟର ସ୍ଥାପନ ପାଇଁ ଘୋଷଣା କରାଯାଇଥିଲା ବେଳେ ଆଜି ଓଡିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସ୍ୱାଗତଯୋଗ୍ୟ । ନିର୍ଦ୍ଧାରିତ ସମୟ ମଧ୍ୟରେ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ଆନୁଷଙ୍ଗିକ ଇକୋ ସିଷ୍ଟମ ଗଢିତୋଳିବା ନିମନ୍ତେ ତତ୍ପରତାର ସହ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ମିଶ୍ର ଆଶା ପ୍ରକାଶ କରିଥିଲେ ।

### ଡ୍ରାଇଭରଙ୍କ ମୃତ୍ୟୁ ପରେ ଚେତିଲା ପ୍ରଶାସନ

# ଅଣଛାତ୍ରଙ୍କୁ ପୋଲିସ ସହାୟତାରେ ବାହାର କରାଯିବ

ଭୁବନେଶ୍ୱର, (ସବ୍ୟ) : ଜଣେ ପୁରାତନ ଛାତ୍ର ନେତାଙ୍କ ଡ୍ରାଇଭର ବିଶ୍ୱଜିତର ମୃତ୍ୟୁ ହେବା ପରେ ବାଣୀବିହାର ପ୍ରଶାସନର ଚେତା ପଶିଛି । ଅଣଛାତ୍ରଙ୍କୁ ବାହାର କରିବା ପାଇଁ ବାଳକ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଭିସି ନୋଟିସ୍ କରିଛନ୍ତି । ସୁପରିଣ୍ଟେଣ୍ଡେଣ୍ଟ ତାଗିଦ କରିବା ପରେ କେତେକ ଅଣଛାତ୍ର ମଙ୍ଗଳବାର ଲଗେଜ ଧରି ହଷ୍ଟେଲରୁ ବାହାରି ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ୧୫୦ରୁମ୍ ଅଣଛାତ୍ରଙ୍କ କବ୍‌ଜାରେ ରହିଛି । ସେଥିମଧ୍ୟରୁ କେତେକ ରୁମ୍ ଭଡା ଦିଆଯାଉଥିବା ଖବର ମିଳିଛି ।

ବାଳକ ହଷ୍ଟେଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଦ ବୋତ ଲ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ ପଡିଥିବା ଦେଖିବାକୁ ମିଳିଥିଲା । ଡ୍ରାଇଭରଙ୍କ ମୃତ୍ୟୁ ପରେ ବାଳକ ହଷ୍ଟେଲ ଗୁଡିକରେ ଜୋର୍‌ଦାର ଚଢାଉ କରାଯାଉଛି । ଯେଉଁ ପରିମାଣର ମଦ ବୋତଲ ପ୍ରଭୃତି ଦେଖିବାକୁ ମିଳୁଛି, ତାହା ନିଶା ଆଡା ପରି ମନେ ହେଉଛି । ପାଠ ପଢିବା ପାଇଁ ଅଭିଭାବକମାନେ ପିଲାଙ୍କୁ ବାଣୀବିହାର ପରି ବିଶ୍ୱବିଦ୍ୟାଳୟକୁ ପଠାଉଥିବା ବେଳେ ସେମାନେ ଅଣଛାତ୍ରଙ୍କ କବ୍‌ଜାରେ ପଡି ନିଶାସକ୍ତ ହେଉଛନ୍ତି । ଯଦି କୌଣସି ଅଣଛାତ୍ର ନବାହାରି ଜୋର୍‌ଜବରଦସ୍ତ କରନ୍ତି, ତେବେ ତାଙ୍କୁ ବାହାର କରିବା ପାଇଁ ଆବଶ୍ୟକ ହେଲେ ପୋଲିସ ସହାୟତା ନିଆଯିବ ବୋଲି ଭିସି ଗଣମାଧ୍ୟମକୁ କହିଛନ୍ତି ।

ପାଠପଢା ପାଇଁ ସୁସ୍ଥ ବାତାବରଣର ଆବଶ୍ୟକତା ରହିଛି । ହେଲେ ଅଣଛାତ୍ରମାନେ ହଷ୍ଟେଲକୁ କବ୍‌ଜା କରିଥିବାରୁ ବହୁ ଛାତ୍ର ହଷ୍ଟେଲରେ ରହିପାରୁ ନାହାନ୍ତି । କେତେକ କ୍ଷେତ୍ରରେ ଗୋଟିଏ ଲେଖାଏଁ ରୁମ୍‌ରେ ୩/୪ଜଣ ଲେଖା ଛାତ୍ର ରହୁଥିବା କହିଛନ୍ତି । ଯେଉଁ ଛାତ୍ରମାନେ ହଷ୍ଟେଲ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେମାନେ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ହଷ୍ଟେଲଗୁଡିକୁ ଅଣଛାତ୍ର ମୁକ୍ତ କରିବା ପାଇଁ ବାଣୀବିହାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜୋର୍‌ଦାର ଚଢାଉ କରାଯାଇଛି । କୌଣସି ପରିସ୍ଥିତିରେ ଅଣଛାତ୍ରଙ୍କୁ ହଷ୍ଟେଲରେ ସୁଯୋଗ ଦିଆଯିବ ନାହିଁ ବୋଲି ଜଣେ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି ।

### ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି

# ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାକୁ ମୋଦିଜୀଙ୍କ ୨୨୫୦ କୋଟି ଟଙ୍କାର ଉପହାର : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଓଡ଼ିଶା, ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ୪୬୦୦ କୋଟି ଟଙ୍କା ବ୍ୟୟରେ ୪ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌କୁ ଅନୁମୋଦନ ମିଳିଛି, ଯାହାକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଶେଷ ଭାବରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ ପ୍ରତିଷ୍ଠା କରିବା ପାଇଁ ୨୨୫୦ କୋଟି ଟଙ୍କାର ଉପହାର ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନରେ ନୂଆ ଅଧ୍ୟାୟ ଯୋଡିହୋଇଛି । ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଭୁବନେଶ୍ୱରରେ



ଏକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫାବ୍ ଏବଂ ଏଟିଏମପି ୟୁନିଟ୍ ପ୍ରତିଷ୍ଠା ହେବ । ଭୁବନେଶ୍ୱରରେ ସେମିକଣ୍ଡକର ୟୁନିଟରେ ସିଲିକନ କାର୍ବାଇଡ୍ ସେମିକଣ୍ଡକ୍ଟର ଉତ୍ପାଦନ ହେବ । ଏଠାରେ ଉତ୍ପାଦନ ହେବାକୁ ଥିବା ସେମିକଣ୍ଡକ୍ଟରର ଉପାଦେୟ ବିଷୟ ଗୁଡ଼ିକ ମିଶାଇଲ, ସ୍ପେଶ, ସାଟେଲାଇଟ୍, ଟେଲିକମ ଟାୱାର ଏବଂ ରେଳ ଇଞ୍ଜିନ କାମରେ ଲାଗିବ । ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ବିକାଶ ପରିସରରେ ଏହାର ଲ୍ୟାବ୍ ପ୍ରତିଷ୍ଠା ହେବ । ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠିତ ରିସର୍ଚ୍ଚ ପାର୍କ ଏହି ସେମିକଣ୍ଡକ୍ଟର ୟୁନିଟ୍‌କୁ ଶିକ୍ଷା ଓ ଗବେଷଣାରେ ସହଯୋଗ ପ୍ରଦାନ କରିବ । ଦ୍ୱିତୀୟତଃ ଖୋର୍ଦ୍ଧାର ଇନଫୋ ଭ୍ୟାଲିରେ ଥ୍ରୀଡି ଗ୍ଲାସ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ କ୍ୟାବିନେଟ୍ ମଞ୍ଜୁରି ମିଳିଛି । ଏହି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟରେ ବିଭିନ୍ନ ପ୍ରକାରର ଗ୍ଲାସ୍ ପ୍ୟାନେଲ୍ ନିର୍ମାଣ ହେବ । ଏଠାରେ ଉତ୍ପାଦନ ହେବାକୁ ଥିବା ଚିପ୍ ପ୍ରତିରକ୍ଷା, ରାଡାର, ଏରୋସ୍ପେଶ ଏବଂ ଓ୍ୱାୟାରଲେସ୍ ଟେକ୍ନୋଲୋଜି କାମରେ ଲାଗିବ । ସେ କହିଛନ୍ତି ଯେ ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୫୦ ଭାଗ, ଓଡ଼ିଶା ସରକାର ୨୫ ଭାଗ ଏବଂ ନିବେଶକ ୨୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବେ । ଭୁବନେଶ୍ୱରରେ ସେମିକଣ୍ଡକର ଉତ୍ପାଦନ ୟୁନିଟ ପାଇଁ କେନ୍ଦ୍ର ସରକାର ପ୍ରାୟ ୭୦୦ କୋଟି ଏବଂ ଓଡ଼ିଶା ସରକାର ପ୍ରାୟ ୩୫୦ ଟଙ୍କା ଦେବେ । ଖୋର୍ଦ୍ଧାରେ ହେବାକୁ ଥିବା ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ପାଇଁ କେନ୍ଦ୍ର ସରକାର ପ୍ରାୟ ୮୦୦ କୋଟି ଏବଂ ରାଜ୍ୟ ସରକାର ପ୍ରାୟ ୪୦୦ କୋଟି ଦେବେ । ଅର୍ଥାତ୍ ଡବଲ ଇଞ୍ଜିନ ସରକାର ଏଥିପାଇଁ ସର୍ବମୋଟ ୨୨୫୦ କୋଟି ଟଙ୍କା ଦେବେ । ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ଜମି, ଜଳ, ବିଜୁଳି ସମେତ ଆନୁଷଙ୍ଗିକ ବ୍ୟବସ୍ଥା କରାଇବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିବେ ।

# ୪ ନାବାଳିକା ପର୍ଯ୍ୟଟକ ଅଂଶୁଘାତର ଶିକାର

ବାରଙ୍ଗ ,(ସବ୍ୟ): ମଙ୍ଗଳବାର ଦିନ ଅସହ୍ୟ ଗରମ ଓ ଗୁଳୁଗୁଳିରେରେ ଲୋକେ ଆଉଟୁପାଉଟୁ ହେଉଥିବା ବେଳେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଅଂଶୁଘାତରେ ୪ଜଣ ନାବାଳିକା ପର୍ଯ୍ୟଟକ ଅସୁସ୍ଥ ହୋଇପଡିଛନ୍ତି । ଦୁଇ ଜଣଙ୍କୁ ନନ୍ଦନକାନନ କର୍ମଚାରୀ ଆଶୁଚିକିତ୍ସା କରିବା ପରେ ସାମାନ୍ୟ ସୁସ୍ଥ ହୋଇଥିବା ବେଳେ ଆଉ ଦୁଇଜଣ ଗୁରୁତର ହେବାରୁ ନିକଟସ୍ଥ ଚିକିତ୍ସାଳୟ ସ୍ଥାନାନ୍ତରିତ କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ । ଘଟଣାରୁ ପ୍ରକାଶ ଯେ, କଲିକତା ରୁ ଶିକ୍ଷକ ଶିକ୍ଷୟତ୍ରି ମାନଙ୍କ ସହିତ ନନ୍ଦନକାନନ ବୁଲିବାକୁ ଆସିଥିଲେ ।ଅପରାହ୍ନ ପ୍ରାୟ ୨ଟା ସମୟରେ ପ୍ରାଣୀ ଉଦ୍ୟାନ ବୁଲାବୁଲି କରୁଥିବା ବେଳେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ହଠାତ୍ ୪ ଜଣ ନାବାଳିକା ପର୍ଯ୍ୟଟକ ଅସୁସ୍ଥ ହୋଇପଡିଥିଲେ । ପାଖରେ ନିୟୋଜିତ ଥିବା କର୍ମଚାରୀ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ସହିତ ନାବାଳିକାଙ୍କୁ ଆଶୁ ଚିକିତ୍ସା କରିଥିଲେ । ଦୁଇଜଣ ସାମାନ୍ୟ ସୁସ୍ଥ ହେବା ସହିତ ଅନ୍ୟ ଦୁଇଜଣ ଗୁରୁତର ହୋଇପଡିଥିଲେ । କର୍ତ୍ତୃପକ୍ଷ ୧୦୮ ଆମ୍ବୁଲାନ୍ସ କୁ ଡକାଇ ନିକଟସ୍ଥ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି ।

# ସୋଆ ଏନ୍ଏସ୍ଏସ୍ ଦ୍ୱାରା ବନ୍ୟା ପ୍ରପୀଡିତ ଅଞ୍ଚଳରେ ରିଲିଫ୍ ବଣ୍ଟନ

ଭୁବନେଶ୍ୱର, (ସବ୍ୟ) ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ




ଏନ୍ଏସ୍ଏସ୍ ବ୍ୟୁରୋ ପକ୍ଷରୁ ବନ୍ୟା ପ୍ରପୀଡିତ କେନ୍ଦ୍ରାପଡା ଜିଲ୍ଲାର ପ୍ରଭାବିତ ଅଂଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ବନ୍ୟା ପ୍ରପୀଡିତ ତରେଇପାଟଣା, ସିଦ୍ଧବାଲି ଓ ବାଲୁରିଆ ଆଦି ଅଂଚଳରେ ଲୋକଙ୍କ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ସମ୍ ନର୍ସିଂ କଲେଜର ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚୁଡା, ଗୁଡ, ଦିଆସିଲି, ମହମବତୀ, ସାନିଟାରୀ ପ୍ୟାଡ, ମଶା ଧୂପ ଆଦି ବଂଟନ କରାଯାଇଥିଲା । ଉକ୍ତ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅମ୍ବରୀଶ ମଙ୍ଗରାଜ ଓ ବିଶ୍ୱ ବିଦ୍ୟାଳୟ ଏନ୍ଏସ୍ଏସ୍ କର୍ମଚାରୀ ରାଜ ଶେଖର ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଏନ୍ଏସ୍ଏସ୍‌ର ଉପଦେଷ୍ଟା ପ୍ରଫେସର ନଚିକେତା ଖମାରୀ ଶର୍ମା ଓ ପ୍ରୋଗ୍ରାମ୍ ସଂଯୋଜକ ଡ. କମଳ ଲୋଚନ ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ସୋଆ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଏଭଳି ଉଦ୍ୟମ ସାଧାରଣ ଜନମାନସରେ ପ୍ରଶଂସିତ ହେବା ସହ ଅନ୍ୟଙ୍କୁ ପ୍ରେରଣା ମଧ୍ୟ ଯୋଗାଇଛି ।

# ବିଶିଷ୍ଟ ଉଦ୍ୟୋଗୀ ଡ. ଶରତ ସାହୁଙ୍କୁ ସମ୍ମାନିତ କଲା ଶିଳ୍ପସଂଘ

ଭୁବନେଶ୍ୱର, (ସବ୍ୟ) : ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ସଂଘ (ଓସ୍‌ମି) ର ୪୦ତମ ପ୍ରତିଷ୍ଠା ଦିବସରେ ମଙ୍ଗଳବାର ରୁଚି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟର ବିଶିଷ୍ଟ ଉଦ୍ୟୋଗୀ ଡ. ଶରତ କୁମାର ସାହୁଙ୍କୁ ସମ୍ମାନଜନକ ସତ୍ୟ ସାଇଁ ସ୍ମାରକୀ ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଛି । ଆଜି ସଂଘର ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଶିଳ୍ପମନ୍ତ୍ରୀ ସଂପଦ ଚରଣ ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତଥା ଅଣୁ ଓ କ୍ଷୁଦ୍ରଶିଳ୍ପ ବିଭାଗ କମିଶନର ତଥା ସଚିବ ଡି.ପ୍ରଶାନ୍ତ କୁମାର ରେଡ୍ଡୀ, ଶିଳ୍ପ ନିର୍ଦ୍ଦେଶକ ଆବୋଲି



ସୁନୀଲ ନରବଣେ ଓ କେନ୍ଦ୍ର ସରକାରଙ୍କର ଯୁଗ୍ମ ନିର୍ଦ୍ଦେଶକ ପି.କେ.ଗୁପ୍ତା ପ୍ରମୁଖ ମଞ୍ଚାସୀନ ଥିଲେ । ଡ. ସାହୁଙ୍କୁ ପକ୍ଷରୁ ତାଙ୍କ ଧର୍ମପତ୍ନୀ ତଥା ନିର୍ଦ୍ଦେଶିକା ଶ୍ରୀମତୀ ସଙ୍ଗୀତା ସାହୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟର ଏହି ପ୍ରମୁଖ ଶିଳ୍ପ ସଂଘର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତଃ ସତ୍ୟ ସାଇଁଙ୍କ ଧର୍ମପତ୍ନୀ ଶ୍ରୀମତୀ ଅରୁନ୍ଧତୀ ସ୍ୱାଇଁ, ଅଧ୍ୟକ୍ଷ ଗୋଠରୀଶଙ୍କର ଦାଶ ଓ ମହାସଚିବ ଇଂ. ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶିଳ୍ପ ଓ ଉଦ୍ୟୋଗୀ ଜଗତର ବହୁ ପ୍ରତିଷ୍ଠିତ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ ।

# ଭୋଟ ଚୋରି କରି ଶାସନ କରୁଛି ବିଜେପି : ସୋଫିଆ

କଟକ, (ସବ୍ୟ):ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ ନିର୍ବାଚନ କମିଶନଙ୍କ ବିରୋଧରେ ଆଣିଥିବା ଭୋଟର ତାଲିକା ଦୁର୍ନୀତି ଅଭିଯୋଗ ପ୍ରସଙ୍ଗରେ ଆଜି କଟକରେ ବିଧାୟିକା ସୋଫିଆ ଫିରଦୋସ ଏକ ସାମ୍ବାଦିକ ସମ୍ମିଳନୀ କରି ବିଜେପି ଓ ନିର୍ବାଚନ ଆୟୋଗଙ୍କ ବିରୋଧରେ ବର୍ଷିଛନ୍ତି । ନକଲି ଭୋଟ ସହାୟତାରେ ସରକାର ଗଢିଛି ବିଜେପି ବୋଲି ବିଧାୟିକା ଅଭିଯୋଗ କରିଛନ୍ତି । ଗୋଟିଏ ଘରେ କେହି ରହୁନଥିବା ବେଳେ ୮୦ ଜଣ ରହୁଥିବା ଦର୍ଶାଇ ଭୋଟର ତାଲିକାରେ ଉଲ୍ଲେଖ ରହିଛି । କର୍ଣ୍ଣାଟକର ମହାଦେବପୁରା ନିର୍ବାଚନ ମଣ୍ଡଳୀର ଉଦାହରଣ ଦେଇ କହିଥିଲେ , ଭାରତବର୍ଷରେ ଜଣେ ୨୧ ବର୍ଷ ହେଲେ ନୂତନ ଭାବରେ ଭୋଟର ହେବାକୁ ଆବେଦନ କରିଥାନ୍ତି । କିନ୍ତୁ




ନିର୍ବାଚନ ଆୟୋଗ କିଭଳି ଭାବରେ ଫର୍ମ ୬ ଜରିଆରେ ୬୦ ବର୍ଷ, ୭୦ ବର୍ଷ, ୮୦ ବର୍ଷ, ୯୦ ବର୍ଷ ବୟସ୍କ ଲୋକଙ୍କର ନୂତନ ଭାବରେ ଭୋଟର ହେବା ପାଇଁ ଆବେଦନ ପତ୍ର ତିଆରି କରି ଭୋଟର କରିଛନ୍ତି । ୪୦ ହଜାରରୁ ଅଧିକ ଭୋଟରଙ୍କ ଫେକ ଠିକଣା ରହିଛି । ଅନ୍ୟ ପକ୍ଷରେ ଜଣେ ଜଣେ ଭୋଟରଙ୍କ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାରେ ନାମ ଥିବା ପରିଲିଖିତ ହୋଇଛି । ବିଜେପି ସରକାର ଦିବାଲୋକରେ ଗଣତନ୍ତ୍ରର ଅପହରଣ କରିଛି । ଦେଶର ଅଗଣିତ ଗରିବ ଲୋକଙ୍କ ଭୋଟ ନାମକ ଏକମାତ୍ର କ୍ଷମତାକୁ ମଧ୍ୟ ଛଡାଇ ନେଇଛି । ନିର୍ବାଚନ ଆୟୋଗ ପକ୍ଷପାତପୂର୍ଣ୍ଣ ବ୍ୟବହାର କରିବା ସହିତ ଓଡିଶାରେ ମଧ୍ୟ ଏହି ଭଳି ଅନିୟମିତତା ହୋଇଛି ବୋଲି ବିଧାୟିକା ସୋଫିଆ ଫିରଦୋସ ଅଭିଯୋଗ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, କଟକ ମହାନଗର ନିଗମ ବିରୋଧୀ ଦଳ ନେତା ସନ୍ତୋଷ ଭୋଳ, କର୍ପୋରେଟର ଶୁବାଶିଷ ପଟ୍ଟନାୟକ, ଶରତ ଚନ୍ଦ୍ର ଶେଠୀ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ କୃମି ନାଶକ ଦିବସ ଉଦ୍‌ଘାଟିତ

ପୁରୀ, (ସବ୍ୟ): ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୀ ଜିଲ୍ଲା ସ୍କୁଲରେ ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସ ପାଳନର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ଶତପଥୀ ଶୁଭ-ଉଦ୍‌ଘାଟନ କରିଥିଲେ । ପ୍ରତ୍ୟକ ବର୍ଷ ପରି ଏ ବର୍ଷ ମଧ୍ୟ ୧ ରୁ ୧୯ ବର୍ଷର ସମସ୍ତ ପିଲା ଓ ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନର କାର୍ଯ୍ୟକ୍ରମ ରହିଛି । ବିଶେଷ କରି ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ୨୨୦୫ଟି ଶିକ୍ଷାନୁଷ୍ଠାନର ୨୦୧୩୪୮ ଛାତ୍ର ଛାତ୍ରୀ ଏବଂ ୨୫୪ଟି ବେସରକାରୀ ଶିକ୍ଷାନୁଷ୍ଠାନ ର ୫୬୫୬୩ ଛାତ୍ର ଛାତ୍ରୀ ଓ ୨୫୬୬ଟି ଅଙ୍ଗନବାଡି କେନ୍ଦ୍ର ର ୮୮୬୬୮ ପିଲାଙ୍କୁ ଓ ଜିଲ୍ଲାର ୬୨୨୬୦ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନ କରାଯିବ । ଜିଲ୍ଲାର ସମସ୍ତ ବିଦ୍ୟାଳୟ ମାନଙ୍କ ରେ ଆଜି ୧୨ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର,ସରକାରୀ ଓ ବେସରକାରୀ ବିଦ୍ୟାଳୟ ମାନଙ୍କ ରେ ଛାତ୍ରଛାତ୍ରୀ ମାନଙ୍କୁ କୃମି ନାଶକ ଆଲବେଣ୍ଡାଜୋଲ (କୃମି ନାଶକ) ବଟିକା ତଥା ସିରପ ପ୍ରଦାନ କରାଯାଇଛି । ଯେଉଁ ମାନେ ଅଗଷ୍ଟ ୧୨ ତାରିଖରେ କୃମି ନାଶକ ବଟିକା ବା ସିରପ୍ ସେବନ କରିନଥିବେ ବା ଅସୁସ୍ଥ ଥିବେ ସେମାନେ ଆସନ୍ତା ଅଗଷ୍ଟ ୧୯ ତାରିଖରେ କୃମି ନାଶକ ଔଷଧ ସେବନ କରିବେ । ପିଲା ମାନଙ୍କ ଠାରେ ପ୍ରାୟ କୃମି ଦେଖାଯାଏ ଓ ଏହା ଦ୍ୱାରା ପିଲା ମାନେ ରୁଗ୍ଣ ଓ ଦୁର୍ବଳ ହୋଇ ଥାନ୍ତି। ତେଣୁ ପିଲା ମାନଙ୍କ ସ୍ୱାସ୍ଥ୍ୟ ପାଇଁ କୃମି ନାଶନ ଜରୁରୀ ହୋଇ ଥାଏ। ତେଣୁ ବର୍ଷକୁ ଦୁଇ ଥର ଯଥା ଫେବୃଆରୀ ଓ ଅଗଷ୍ଟ ମାସରେ ଏହି କୃମି ନାଶକ ଦିବସ ପାଳନ ହୋଇଥାଏ । ଏଥିରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିଭାଗ, ଜିଲ୍ଲା ମଙ୍ଗଳ ଉନ୍ନୟନ ବିଭାଗ, ପୁରୀ ଜିଲ୍ଲା ପ୍ରଶାସନର ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ତଥା କର୍ମଚାରୀ ମାନେ ଉପସ୍ଥିତ ଥିଲେ କ୍ଷ ଏଥିରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ସ୍ୱାଗତ ଭାଷଣ ରଖିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ , ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ତ୍ରିପାଠୀ, ଶ୍ରୀମତୀ ବାଲ୍ୟବତି ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅଶୋକ କୁମାର ସାହୁ, ସନ୍ଦୀପ ବରଣ ଓଝା, ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାଶ ସଭା କାର୍ଯ୍ୟକୁ ପରିଚାଳନା କରିଥିବାବେଳେ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ନିଜର ଅଭିଭାଷଣ ରଖିବା ସହିତ ଧନ୍ୟବାଦ ଅର୍ପଣ ମଧ୍ୟ କରିଥିଲେ ।

# ବିଶ୍ୱ ହସ୍ତୀ ଦିବସରେ ସଚେତନତା ବାର୍ତ୍ତା
## ସବୁଜବାହିନୀ ପକ୍ଷରୁ ହାତୀଙ୍କ ପାଇଁ ତାଳ ଗଛ ପୃଥିବୀ ପାଇଁ ସୁରକ୍ଷା କବଚ

ବ୍ରହ୍ମପୁର, (ସବ୍ୟ): ବିଶ୍ୱ ହସ୍ତୀ ଦିବସ ଅବସରରେ ସବୁଜବାହିନୀ ପକ୍ଷରୁ ହାତୀ ମାନଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ଉପକଣ୍ଠ ବରଗାଁ ଗ୍ରାମବାସୀ ମାନଙ୍କୁ ନେଇ ଯୋଗଦେଇ ସ୍ଥାନୀୟ ପାଇଁ ତାଳ ଗଛ ପୃଥିବୀ ପାଇଁ ସୁରକ୍ଷା କବଚ ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାମଗୁଡ଼ ସଂରକ୍ଷିତ ଜଙ୍ଗଲ ହେଉଛି ହାତୀମାନଙ୍କ ଚଳପ୍ରଚଳ ସ୍ଥାନ । ସେଥିପାଇଁ ଏହି ସ୍ଥାନରେ ତାଳ ଗଛର ଆବଶ୍ୟକତା ଥିବାରୁ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଜଙ୍ଗଲ ଆଖପାଖ ଅଞ୍ଚଳ ତଥା ବିକାଶପୁର ଡ୍ୟାମ୍ ଠାରେ ଦୀର୍ଘ ଦିନ ଧରି ସଂଗ୍ରହ ଦ୍ୱାରା ତାରି ହଜାରରୁ ଅଧିକ ତାଳ ଗୋଟୀ ରୋପଣ କରାଯାଇଛି । ଯାହା ଆଗାମୀ ଦିନରେ ପରିବେଶକୁ ସନ୍ତୁଳନ ରଖିବା ସହିତ ହାତୀ ମାନଙ୍କ ପାଇଁ ଖାଦ୍ୟ ଓ ସୁରକ୍ଷା ଯୋଗାଇବ ବୋଲି ସବୁଜ ବାହିନୀ ସଭାପତି ଆଶୀର୍ବାଦ କରିଥିବା ବେଳେ ଏହି କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଯୋଗଦେଇ ହାତୀର ସୁରକ୍ଷା ଓ ତାଳ ଗଛର ଆବଶ୍ୟକତା ଉପରେ ଲୋକମାନଙ୍କୁ ସଚେତନ କରିଥିଲେ । ସେହିଭଳି ସମ୍ମାନିତ ଅତିଥି ଭାବେ ବନ୍ୟପକ୍ଷୀ ସଂରକ୍ଷଣ ଶ୍ରୀମତୀ କାମିନୀ ନାୟକ ଯୋଗଦେଇ ସ୍ଥାନୀୟ ଜଙ୍ଗଲରେ ଆଗକୁ କିଭଳି ଆହୁରି ଅଧିକରୁ ଅଧିକ ତାଳ ଗୋଟୀ ରୋପଣ କରାଯାଇପାରିବ ସେଥିପାଇଁ ଚେଷ୍ଟା କରାଯିବ ବୋଲି ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ତାଳ ଗୋଟୀ ଅତିଥିଙ୍କ ଦ୍ୱାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସବୁଜ ବାହିନୀ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା କରିଥିବା ବେଳେ ପରିବେଶବିତ ତଥା ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସ୍ଥାନୀୟ ସମାଜସେବୀ ଟୁନା ନାୟକ, ସାମ୍ବାଦିକ ତଥା ଷ୍ଟେପଅନ ନେଚର ପ୍ରତିଷ୍ଠାତା ସାଧାନ ସାହୁ, ଏ. ପ୍ରକାଶ, ପି. ବିନୋଦ, ଅଜୟ କୁମାର ସାହୁ, ପ୍ରବୀଣ ନାୟକ, ଆକାଶ ରାଉତ, ଗଣେଶ ପାଣିଗ୍ରାହୀ, କିରଣ କୁମାର, ଅନିଲ ଚୌଧୁରୀ, ବିଜେନ୍ଦ୍ର ମାଝୀ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ଯୁବ ଦିବସ : ଏଚ୍‌ଆଇଭି ଓ ଯୌନ ସଂକ୍ରମଣ ନିରାକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ




ବ୍ରହ୍ମପୁର, (ସବ୍ୟ): ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପ୍ରେକ୍ଷାଳୟ ଠାରେ ଆୟୋଜିତ ଏଚ୍.ଆଇ.ଭି / ଏଡ୍ସ ଓ ଯୌନ ସଂକ୍ରମଣ ନିରାକରଣ ପାଇଁ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ । ଯୁବ ବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସଶକ୍ତିକରଣକୁ ପ୍ରାଥମିକତା ଦେଇ ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଯାହାକି ଅଗଷ୍ଟ ୧୨ ରୁ ଆରମ୍ଭ ହୋଇ ଅକେଟାବର ୧୨ ପର୍ଯ୍ୟନ୍ତ ଜାରି ରହିବ । ଏହା ମାଧ୍ୟମରେ ତୃଣମୂଳ ସ୍ତରରେ ଏଚ୍.ଆଇ.ଭି ସମ୍ପର୍କିତ ସଚେତନ କରାଯିବ । ଏହି ଅଭିଯାନକୁ ଆହୁରି ବ୍ୟାପକ କରିବା ଏବଂ ଅଧିକରୁ ଅଧିକ ଲୋକଙ୍କୁ ସଚେତନ କରାଇବା ପାଇଁ ସେ ସମସ୍ତ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ସେହିପରି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଅନେକ ବିକାଶ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରିଛି । ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟରେ ୪ଗୋଟି ଡେଣ୍ଟାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି । ସେହିପରି ବ୍ରହ୍ମପୁରରେ ମଧ୍ୟ ଏକ ଡେଣ୍ଟାଲ କଲେଜ ହେବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧାୟକ କେ. ଅନିଲ କୁମାର, ବିଧାୟକ ନୀଳମଣି ବିଶୋୟୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଜିଲ୍ଲାପାଳ ଡି କୀର୍ତ୍ତି ୱାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଏମ୍.କେ.ସି.ଜି ମେଡିକାଲ୍ କଲେଜର ଅଧକ୍ଷ, ଓ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରକ-ବାଇକ୍ ମୁହାଁମୁହିଁ, ୨ ମୃତ

ବାରିପଦା/କୁଳିଅଣା, (ସବ୍ୟ) : ଟ୍ରକ୍ ବାଇକ୍ ମୁହାଁମୁହିଁ ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି । ମୟୂରଭଞ୍ଜ ଜିଲ୍ଲା ୧୮ ନଂ ଜାତୀୟ ରାଜପଥର କୁଳିଅଣା ଥାନା ଅନ୍ତର୍ଗତ ତିତିର ଗ୍ରାମରେ ଏହି ସଡକ ଦୁର୍ଘଟଣାଟି ଘଟିଛି । ପ୍ରକାଶ ଯେ, ବିପରିତ ଦିଗରୁ ଦୃତଗତିରେ ବାଇକ୍‌ରେ ଆସି ଟ୍ରକ୍ ସମ୍ମୁଖରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ମୃତଦ୍ୱୟଙ୍କ ପରିଚୟ ମିଳିପାରିନଥିବା ବେଳେ ଘଟଣାସ୍ଥଳରେ କୁଳିଅଣା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରାଯାଇଛି ।

# ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟ): ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଘଟଣାରେ ବ୍ରହ୍ମପୁର ସାଇବର ଓ ଅର୍ଥନୈଅତିକ ଅପରାଧ ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି । ପ୍ରକାଶ ଯେ, କୋରାପୁଟର ମୂଳ ନିବାସୀ ୩୬ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି । ମାମଲା ନଂ୬୦/୨୫ ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଜଣଙ୍କ ସଂପୃକ୍ତ ଯୁବତୀଙ୍କ ସମ୍ପର୍କୀୟ ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ ଅନେକ ବର୍ଷ ହେବ ଶାରୀରିକ ସମ୍ପର୍କ ରହିଥିଲା । ହେଲେ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣଙ୍କ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ତାଙ୍କ ସାଙ୍ଗମାନଙ୍କୁ ଦେଖାଇଥିଲେ । ସର୍ବସାଧାରଣରେ ଯୁବତୀଙ୍କ ମର୍ଯ୍ୟାଦା ହାନୀ କରିବା ଲକ୍ଷରେ ସେ ଏଭଳି କରିଥିଲେ । ଏହା ଜାଣିବା ପରେ ଯୁବତୀ ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିଥିଲେ ।

# ଦୁଇ ପରିବାର ମଧ୍ୟରେ ବିବାଦ
## ୨ ମାମଲା ରୁଜୁ, ୪ ଗିରଫ

ବୁଗୁଡା, (ସବ୍ୟ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଢେଉକା ଗ୍ରାମରେ ଦୁଇ ପରିବାର ମଧ୍ୟରେ ବିବାଦ ଘଟଣାରେ ୨ଟି ମାମଲା ରୁଜୁ ସହ ୪ ଜଣ ଗିରଫ ହୋଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ଗିରଫମାନେ ହେଲେ ବିକାଶ ରାଉତ (୨୪), ନାରାୟଣ ସାହୁ (୪୧), ପାଣୁ ରାଉତ (୬୦) ଓ ମହେନ୍ଦ୍ର ରାଉତ (୩୩) । ପ୍ରକାଶଯେ, ଗତ ୧୧ ତାରିଖ ରାତି ପ୍ରାୟ ସାଢେ ୯ଟା ବେଳେ ମହେନ୍ଦ୍ରଙ୍କ ଘର ଭିତରକୁ ବିକାଶ ଓ ନାରାୟଣ ପଶିଆସି ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଗଳାଧMା ମାରି ତଳେ ପକାଇ ମାରିବାକୁ ଉଦ୍ୟମ କରିଥିଲେ । ତାଙ୍କର ସ୍ତ୍ରୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଚୁଟି ଘୋଷାରି ଖରାପ ବ୍ୟବହାର ଦେଖାଇଥିଲେ । ଉଭୟଙ୍କ ଚିତ୍କାର ଶୁଣି ଗାଁ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ । ଏନେଇ ମହେନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୫୨୪/୨୫ରେ ଏକ ମାମଲା ରୁଜୁ କରିଛି । ଅନ୍ୟପକ୍ଷରେ ସେହି ଦିନ ରାତିରେ ପାଣୁ ଓ ମହେନ୍ଦ୍ର ମଧ ବିକାଶଙ୍କ ଘରକୁ ପଶିଆସି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ମାଡ ମାରିବା ସହ ଅସଦାଚରଣ କରିଥିବା ନେଇ ତାଙ୍କ ପନୀ ଜୟା ମହାରଣାଙ୍କ ପାଲଟା ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୫୨୫/୨୫ ଏକ ମାମଲା ରୁଜୁ କରିଥିଲା । ଉଭୟ ଅଭିଯୋଗର ତଦନ୍ତ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ଦ୍ୱାରା ହୋଇ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ।

# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସଂସ୍କୃତ ସପ୍ତାହ ପାଳିତ




ବାରିପଦା, (ସବ୍ୟ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ପକ୍ଷରୁ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ସଂସ୍କୃତ ସପ୍ତାହର ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଡଃ ପ୍ରିୟବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ, ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ, ଓଡ଼ିଶାର ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ସଂସ୍କୃତ ବଞ୍ଚିଲେ ଅସ୍ମିତା ବଞ୍ଚିବ, ସଂସ୍କୃତ ବଞ୍ଚାଅ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ସଂସ୍କୃତ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରଥମେ ଛାତ୍ରୀ ପୂଜା ଦେଓଙ୍କ ବେଦ ପାଠରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧକ୍ଷ ଡ଼ଃ ପ୍ରିୟବ୍ରତ ବେହେରାଙ୍କ ସଭାପତିତ୍ୱ ଅତିଥି ଭାବରେ ବିଭାଗର ଅଧାପିକା କଳ୍ପନା ନାୟକ, ସୁଚିତ୍ରା ସାହୁ, ସୁଚିସ୍ମିତା ବେହେରା ଅଧାପକ ଭୋଳାନାଥ ଦାଶ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଆଧୁନିକ ସମାଜ ସଂସ୍କୃତ ଭାଷାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସୁଚେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ଶ୍ଳୋକ ଆବୃତ୍ତି, ସଂସ୍କୃତ ପଠନ, ସଂସ୍କୃତ ସଙ୍ଗୀତ ଗାନ, ସଂସ୍କୃତ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶ୍ଳୋକ ଆବୃତ୍ତିରେ ପ୍ରଥମ ସୁବ୍ରତ ପଞ୍ଚାଧାୟ, ଦ୍ୱିତୀୟ ଅନ୍ନପୂର୍ଣ୍ଣା ଦାସ, ସଂଜିତ୍ ବିନ୍ଧାଣି ତୃତୀୟ ହୋଇଥିଲେ । ସଂସ୍କୃତ ପଠନରେ ପୁଷ୍ପଲତା ମହାନ୍ତ, ପୂଜା ଦେଓ, ମେଘବର୍ଣ୍ଣ ସି ଓ ସଂସ୍କୃତ ସାଧାରଣଜ୍ଞାନ ପ୍ରତିଯୋଗିତାରେ ମେଘବର୍ଣ୍ଣ ସିଁ, ପୁଷ୍ପଲତା ମହାନ୍ତ, ଲୀଳାବତୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପ୍ରଶଂସାପତ୍ର ଓ ପଦକରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କେଶବ ସିଂ, ଶିବା ମାହାଲି, ରାଜେଶ ମହାନ୍ତ, ନିବେଦିତା ମହାନ୍ତ, ତୁଳସୀ ହାଁସଦାଃ, ରଶ୍ମିତା ଦାସ, ନନ୍ଦିନୀ ଧୁଙ୍ଗିଆ, ବର୍ଷା ପ୍ରିୟର୍ଶିନୀ ଦାଶ ଓ ଅର୍ଚ୍ଚନା ଦେଓ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଅନେକ ଗଣମାଧ୍ୟମ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ପ୍ରସାରଣ କରିଥିଲେ। ଶେଷରେ ବିଦ୍ୟାର୍ଥୀ ପୁଷ୍ପଲତା ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବ୍ୟବସାୟୀଙ୍କୁ ଗୁଳି କରି ହୀରା ଲୁଟ ଘଟଣା, ୪ ଗିରଫ

ବ୍ରହ୍ମପୁର, (ସବ୍ୟ): ବ୍ରହ୍ମପୁର ଶାସ୍ତ୍ରୀନଗରର ହିରା ବ୍ୟବସାୟୀ ଏସ ବାଲକ୍ରିଷ୍ଣା ଆଚାରୀ ଓରଫ ରୁନା ଏବଂ ତାଙ୍କ ପୁତୁରା ସୁନୀଲ କୁମାର ସାହୁଙ୍କୁ ଗୁଳିମାଡ କରି ହିରା ଲୁଟ ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ କାର, ଗୁଳି ଓ ମୋବାଇଲ ପ୍ରଭୁତି ଜବତ କରିଛି ।

ଅଭିଯୁକ୍ତମାନେ ହେଲେ ଆସିକା ନିକଟ ଭେଟନଇ ପନ୍ଦରାସାହିର ଅରୁଣ କୁମାର ଉପାଧାୟ ଓରଫ ମଳୟ(୫୦), ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତଗର୍ତ ବେଗୁନିଆ ମସଜିଦ ନିକଟ ଗୋଲଡେନ ସୋସାଇଟିର ସରୋଜ କୁମାର ମହାନ୍ତି(୫୯), ଜଦୁପୁର ମାଦ୍ରାସ ମସଜିଦ ସେଖ୍ ରାଜୁ(୨୩) ଓ ସାହିଲ ଖାନ(୨୧) । ଅଭିଯୁକ୍ତ ମଳୟ ହିଁ ଏହି ଗୁଳିମାଡ ଓ ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ହୋଇଥିବା ବେଳେ ଅଭିଯୁକ୍ତମାନେ ଦୁବାଇର ହିରା ବ୍ୟବସାୟୀ ବୋଲି ପରିଚୟ ଦେଇ ସେଭଳି ପୋଷାକ ପିନ୍ଧି ରୁନାଙ୍କ ଘରକୁ ଆସିବା ପରେ ଗୁଳିମାଡ କରି ଲୁଟ କରିବା ପରେ ଫେରାର ହୋଇଯାଇଥିଲେ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବକେ ଏମ ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ କାର, ୩ଟି ମୋବାଇଲ ଓ ୨ ଟି ଗୁଳି ଓ କ୍ୟାଟ୍ରିଜ୍ ଜବତ କରିଛି ।

# ଭାଗବତ ପ୍ରବଚନରେ ଶ୍ରଦ୍ଧାଳୁଙ୍କ ସେବା

ଆସିକା, (ସବ୍ୟ): ଚାରଣ ଗୋଷ୍ଠୀ ଆସିକା ଶାଖା ପକ୍ଷରୁ ସ୍ଥାନୀୟ ଶ୍ରୀଶ୍ରୀ ଗୋପୀନାଥ ମନ୍ଦିର (ବାଲାଜୀ ଦୋରା ମଠ)ରେ ୧୪ଦିନିଆ ଶ୍ରୀଶ୍ରୀ ଭାଗବତ କଥାମୃତ ଜ୍ଞାନଯଜ୍ଞ ଆୟୋଜିତ ହୋଇଛି । ଯାଜପୁରରୁ ଆସିଥିବା କଥା ପ୍ରବଚକ ମହନ୍ତ ବିଜୟ ରଘବେନ୍ଦ୍ର ଦାସ ମହାରାଜଙ୍କ ମନୋଲୋଭା ତଥା ଯୁଗୋ ପୋଯୋଗୀ ଉଦାହରଣ ଯୁକ୍ତ ଶ୍ରୀମଦ ଭାଗବତର ବ୍ୟାଖ୍ୟା ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତ, ଆଧାତ୍ମିକ ପ୍ରେମୀଙ୍କୁ ବିମୋହିତ କରୁଛି । ସେହିପରି ପ୍ରବଚକଙ୍କ ଦୁଇ ସଙ୍ଗୀତ ଓ ବାଦ୍ୟ ସହଯୋଗୀଙ୍କ ଭଜନ, ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମକୁ ରସାଳ ସ୍ମୃତି ମଧୁର କରିଛି । ପ୍ରତ୍ୟେହ ଶତାଧିକ ଶ୍ରଦ୍ଧାଳୁ ଭକ୍ତ, ମହିଳା, ସଭ୍ୟ ଓ କର୍ମକର୍ତ୍ତା, ବୁଦ୍ଧିଜୀବୀ ପ୍ରବଚନରେ ଯୋଗ ଦେଉଛନ୍ତି । ଆଜି ନବମ ଦିବସରେ ପ୍ରବଚନ ଆୟୋଜନରେ ସ୍ଥାନୀୟ ଆଲୋକପ୍ରେସ ଗଳି, ଆସିକାର ଜୟ ଶ୍ରୀଶ୍ରୀ ଜଗନ୍ନାଥ ଦ୍ୱାଦଶ ଯାତ୍ରା ଯାତ୍ରୀ ଦଳ ପକ୍ଷରୁ ସିମାଞ୍ଚଳ ସାହୁ, ବୀଣାଦେବୀ ସାହୁ, ଆରତୀ ମିଶ୍ର, ସୁଷମା ପାଳ, ରିତାଞ୍ଜଳୀ ଷଡଙ୍ଗୀ, କୁନି ନାହାକ, ଅଭିମନ୍ୟୁ ନାହାକ, ଝୁନୁ ପାଣିଗ୍ରାହୀ, ନଳନୀ ପଣ୍ଡା, ଝୁନୁ ପାଢ଼ୀ ପ୍ରମୁଖ ସେବାରେ ନିୟୋଜିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଯୁବ ଦିବସ

ଭଞ୍ଜନଗର, (ସବ୍ୟ): ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀକ ଯୁବ ଦିବସ ତା ଆଜି ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପାଳନ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ସୁଶାନ୍ତ କୁମାର ମଲ୍ଲିକ ସଭା ସଂଚାଳନ ସହ ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ଉପଯୁକ୍ତ ଶିକ୍ଷା ଗ୍ରହଣ ଓ ମହାବିଦ୍ୟାଳୟ ର ନୀତି ନିୟମ ପାଳନ ପାଇଁ କହିଥିଲେ । ମୁଖ୍ୟଅତିଥି ସୁଶ୍ରୀ ସୁମନ ଘୋଷ ଡେପୁଟି ଉପଜିଲ୍ଲାପାଳ ଛାତ୍ରୀମାନଙ୍କୁ ଯୁବ ଶକ୍ତି ମାଧ୍ୟମରେ ସମାଜର ବିକାଶ ପାଇଁ କହିଥିଲେ । ଏହା ଛଡା ମହିଳାମାନେ ସହନଶୀଳତା ସହ ନିର୍ଭୀକ ଭାବରେ ନିଜ ଜ୍ଞାନ ଦ୍ୱାରା ନିଜ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପ୍ରେରଣା ଦେଇଥିଲେ । ବରିଷ୍ଠ ଅର୍ଥନୀତି ଅଧାପିକା ଡ଼ଃ ପୁଷ୍ପାଞ୍ଜଳି ପଟ୍ଟନାୟକ ସଭାରେ ମଞ୍ଚସିନ ଥିଲେ । ଯୁବ ରେଡକ୍ରସ ପରିଚାଳିକା ସୁଶ୍ରୀ ରଶ୍ମିତା ବେହେରା ଏହି ପରିପ୍ରେକ୍ଷୀରେ ରେଡକ୍ରସର ଗୁରୁତ୍ୱ, ସାମାଜିକ କାର୍ଯ୍ୟରେ ଭାଗ ନେବା, ସହ ଯୁବ ପ୍ରତିଭାର ବିକାଶ ପାଇଁ ସମାଜିକ ଗଣମାଧମର ଉଚିତ ବ୍ୟବହାର ପାଇଁ ଉଦବୋଧନ ଦେଇଥିଲେ । ଜାତୀୟ ସେବା ଯୋଜନା ଅଧିକାରିଣୀ ଜୟଲକ୍ଷ୍ମୀ ରଥ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ଓ ସର୍ବାଗୀଣ ବିକାଶ ପାଇଁ କର୍ମବୀର ଯୁବ ଶକ୍ତିର ଆବାହକ ବିବେକାନନ୍ଦଙ୍କ ଗୁଣ ଦ୍ୱାରା ସମାଜର କଲ୍ୟାଣ ପାଇଁ ଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ ।

# ବିଦ୍ୟାଧରପୁର ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ



କଟକ, (ସ୍ୱପ୍ର) : ସ୍ଥାନୀୟ ବିଦ୍ୟାଧରପୁର ସ୍ଥିତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂସ୍କୃତ ଦିବସରେ ମୁଖ୍ୟ ଅତିଥିଭାବେ ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସହଦେବ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ପଣ୍ଡା, ସଂସ୍କୃତ ଶିକ୍ଷୟିତ୍ରୀ କବିତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷା ଅନ୍ୟ ସବୁ ଭାଷାର ଜନନୀ ଓ ସର୍ବପୁରାତନ ଭାଷା । ଏହାର ସୁରକ୍ଷା କରିବା ଆମ୍ଭ ସମସ୍ତଙ୍କର କର୍ତ୍ତବ୍ୟ ହେଉ ବୋଲି କହିଥିଲେ । ଏଥିରେ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ବାସନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାବା ଭୈରବେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ରୁଦ୍ରାକ୍ଷ ବୃକ୍ଷରୋପଣ

ବାରିପଦା, (ସବ୍ୟ) : ମଧୁବନ ୱାର୍ଡ ନଂ ୯ ସ୍ଥିତ ମା'ଭୈରବୀ ମନ୍ଦିର ସଂଲଗ୍ନ ବାବା ଭୈରବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ, ମନ୍ଦିର କମିଟିର ବହୁ ସଦସ୍ୟ ଓ ମଧୁବନ ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି କାମନା କରି ଓ ସାରା ସଂସାରରେ ଶାନ୍ତି ବିରାଜମାନ କରିବାର ଅଭିପ୍ରାୟ ରଖି ବିଧି ବିଧାନ ଅନୁଯାୟୀ ମନ୍ଦିର ପୂଜକ ରାଜେଶ କୁମାର ଦ୍ୱିବେଦୀ (ମଣ୍ଟୁ ନନା)ଙ୍କ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ପ୍ରବଚକ ଡ. ଭାଗବତ ପଣ୍ଡାଙ୍କ ବେଦପାଠ ପୂର୍ବକ ମା'ଭୌରବୀ ଟେମ୍ପଲ ଚେରିଟେବ୍ଲ ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି, ମନ୍ଦିର କମିଟିର ବହୁ ସଦସ୍ୟ, ମଧୁବନ ଅଞ୍ଚଳବାସୀ ତଥା ବାରିପଦାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହଯୋଗିତାରେ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଦ୍ୱାରା ମହାଦେବଙ୍କ ଅତିପ୍ରିୟ ଗୋଟିଏ ଏକ ମୁଖୀ ରୁଦ୍ରାକ୍ଷ ବୃକ୍ଷ ଓ ବରିଷ୍ଠ ନାଗରିକ କମିଟି ସଭାପତି ଡ. ଯୋଗେନ୍ଦ୍ର ନାଥ ପଣ୍ଡା ଓ ବାରୁଣେଶ୍ୱର ଦୁର୍ଗା ପୂଜା କମିଟିର ସଭାପତି ଡ. କଞ୍ଜବନ ପୃଷ୍ଟିଙ୍କ ଦ୍ୱାରା ଏକ ପଞ୍ଚମୁଖୀ ରୁଦ୍ରାକ୍ଷ ବୃକ୍ଷ ରୋପଣ କରାଯାଇଥିଲା। ପ୍ରାରମ୍ଭରେ ମନ୍ଦିର କମିଟିର ସକ୍ରିୟ ସଦସ୍ୟ ଇଂ. ସରୋଜ କୁମାର ଦଣ୍ଡପାଟଙ୍କ ୬୮ତମ ଜନ୍ମ ତିଥି ଅବସରରେ ଉପସ୍ଥିତ କମିଟି ସଦସ୍ୟଙ୍କ ଗହଣରେ ପୌରାଧକ୍ଷ କୃଷ୍ଣାନଦ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ମା'ଭୌରଦୀ ଟେମ୍ପୁଲ ଚେରିଟେବ୍ଲ ଟ୍ରଷ୍ଟର ସେଟଲର୍ କମ୍ ମାନେଜିଙ୍ଗ ଟ୍ରଷ୍ଟି ବିକ୍ରମ କେଶରୀ ଜେନାଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା।

# ଶ୍ରୀରାମଚନ୍ଦ୍ର ପାଠାଗାରରେ ଜାତୀୟ ଲାଇବ୍ରେରୀ ଦିବସ



ବାରିପଦା, (ସବ୍ୟ) : ଐତିହ୍ୟ ସମ୍ପନ୍ନ ସର୍ବପୁରାତନ ଶ୍ରୀରାମଚନ୍ଦ୍ର ପାଠାଗାର ଓ ସର୍ବତ୍ର ପରିଚିତ ଜୁବୁଲି ଲାଇବ୍ରେରୀରେ ଜାତୀୟ ଲାଇବ୍ରେରି ଦିବସ ସଭାପତି ଜୟନ୍ତ କୁମାର ପାଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଅଶୋକ କୁମାର ବେହେରା ଏହି ଦିବସ ପାଳନ ସମ୍ପର୍କିତ ମହତ୍ତ୍ୱ ଉଦ୍ଦେଶ୍ୟର ସମ୍ୟକ ସୂଚନା ଦେବାପରେ ବରେଣ୍ୟ ଅତିଥିମାନଙ୍କର ଉପସ୍ଥିତିରେ ଭାରତୀୟ ଲାଇବ୍ରେରୀ ସାଇନ୍ସର ଜନକ ପ୍ରଫେସର ଡଃ ଏସ.ଆର ରଙ୍ଗନାଥନଙ୍କ ୧୩୩ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ମୃତି ଚାରଣ କରି ପ୍ରଦୀପ ପ୍ରଜ୍ୱଳନ ସହ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପାଠାଗାରର ପ୍ରାଣ ପ୍ରତିଷ୍ଠାତା ରାଜର୍ଷୀ ରାମଚନ୍ଦ୍ର ଭଞ୍ଜଦେଓଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବିଶେଷ ଅତିଥି ଭାବେ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ନବୀନ କୁମାର ସାହୁ ଡ଼ଃ ରଙ୍ଗନାଥନଙ୍କ ଜୀବନୀ ଓ ଲାଇବ୍ରେରୀ ବିଜ୍ଞାନକୁ ତାଙ୍କର ମହନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଶିକ୍ଷାବିତ ଡଃ ମୋହିତ କୁମାର ଷଡଙ୍ଗୀ ବାରିପଦା ସହରର ସେ ସମୟର ସମସାମୟିକ ଲାଇବ୍ରେରୀ ଓ ଜୁବୁଲି ଲାଇବ୍ରେରୀ ସହିତ ଜଡ଼ିତ ଭାବେ ବିଶିଷ୍ଟ ବ୍ୟକ୍ତି ମାନଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ଏହି ପୁରାତନ ଲାଇବ୍ରେରୀର ଉନ୍ନତିକରଣ ନିମନ୍ତେ ସମର୍ପଣ ଭାବ ସହ ମିଳିତ ପ୍ରଚେଷ୍ଟା ନିମନ୍ତେ ଆହ୍ୱାନ କରିଥିଲେ। ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ଗବେଷକ ତଥା ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରଓ୍ୱାଲ ଜୁବୁଲୀ ଲାଇବ୍ରେରୀ ସହ ତାଙ୍କର ବାଲ୍ୟକାଳରୁ ଗଢିଉଠିଥିବା ନିବିଡ଼ ସମ୍ପର୍କରର ସ୍ମୃତିଚାରଣ କରି ଏହାର ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ କରିବାର ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ ।

ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଲାଇବ୍ରେରୀ ସହ ବାଲ୍ୟକାଳରୁ ରହିଥିବା ଅନୁଭବ ଅନୁଭୁତିର ବର୍ଣ୍ଣନା କରିବା ସହ ନୂତନ ପିଢ଼ିର ପିଲାମାନଙ୍କୁ ପୁସ୍ତକ ଓ ଲାଇବ୍ରେରୀ ସହିତ ଯୋଡ଼ିବାରେ ପିତାମାତା ନୈତିକ ଦାୟିତ୍ୱ ନେବା ପାଇଁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସମାଜସେବୀ କବି ବିଷ୍ଣୁ ଶତପଥୀ ଲାଇବ୍ରେରୀ ଆନ୍ଦୋଳନରେ ସଚେତନ ନାଗରିକ ମାନଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ମତାମତ ରଖିଥିଲେ। ଶିକ୍ଷାବିତ୍ ଡ. ବନଜା ମହାନ୍ତି ଲାଇବ୍ରେରୀରେ ଅଧ୍ୟୟନରତ ଯୁବପିଢିଙ୍କୁ ଦିଗଦର୍ଶନ ଦେବାସହ ସେମାନଙ୍କୁ ବୈଷୟିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲବେଳେ ଡ଼ଃ ସତ୍ୟବ୍ରତ ମିଶ୍ର ଲାଇବ୍ରେରୀ ସମ୍ପର୍କିତ ଗଠନମୂଳକ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଲାଇବ୍ରେରୀରେ ତାଲିମ ଗ୍ରହଣ କରିଥିବା ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ବିଭାଗର ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ତଥା ଲାଇବ୍ରେରୀ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଏହି ସମାରୋହରେ ଡ଼ଃ ଅବନୀ କୁଣ୍ଡୁ, ଆଶୀଷ ବସା, ଇଂ ଅଶୋକ ବସା, ଅଧାପିକା ସସ୍ମିତା ନାୟକ, ଶିକ୍ଷାବିତ୍ ଉଷା ଶତପଥି, ଡ଼ଃ ପୁଷ୍ପ ପାତ୍ର, ସୁମନସିଂ, ଇଂ ମନୋଜ କୁଁଅରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଲାଇବ୍ରେରୀ ପ୍ରେମୀ ଯୋଗ ଦେଇଥିଲେ। ଲାଇବ୍ରେରୀ ପରିଚାଳନା ପରିଷଦ ସଭ୍ୟ ପ୍ରଦୀପ ଲେଙ୍କା, ଆଶିଷ୍ ମହାନ୍ତି, ବଳଦେବ ଶତପଥୀ, ସମୀର ସାହୁ , ଲାଇବ୍ରେରିଆନ କନିକା ସେନାପତି, ମିଳନ ମିଶ୍ର ଓ ଖଗେଶ୍ୱର ମଲିକ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ ରଖିଥିଲେ । ଶେଷରେ ସମ୍ପାଦକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ ସହ ଲାଇବ୍ରେରୀର ଆଗାମୀ ଦିନର ପ୍ରସ୍ତାବିତ ବୈଷୟିକ ରୂପାନ୍ତରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ରଖିଥିଲେ । ଲାଇବ୍ରେରୀ ଦିବସ ପାଳନ ଅବସରରେ ଏହାର ଅନ୍ୟତମ ଲାଇଫ ମେମ୍ବର ଇଂ ମାନସ ଷଡ଼ଙ୍ଗୀଙ୍କ ଦ୍ୱାରା ଦୈନିକ ସମ୍ବାଦପତ୍ର "ଅନୁଧ୍ୟାନରେ ପ୍ରକାଶିତ ବିଶେଷ ପ୍ରସ୍ତୁତି ତଥ୍ୟାନୁସନ୍ଧିତ ସନ୍ଦର୍ଭ ପାଇଁ ଲାଇବ୍ରେରୀ ପରିବାର ତରଫରୁ ସାଧୁବାଦ ଅର୍ପଣ କରାଯାଇଥିଲା। ଲାଇବ୍ରେରୀର ଉନ୍ନତି ପାଇଁ ଜୀବନର ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ସମର୍ପିତ ରହିଥିବା ସ୍ୱର୍ଗତ ରତନ ମୟ ବେହେରାଙ୍କ ବିଶେଷ ଅବଦାନ ପାଇଁ ସ୍ମୃତି ଚାରଣ କରାଯାଇଥିଲା।

# ମୁସ୍କାନ ବିସ୍କୁଟ କର୍ମଚାରୀ ମକର ବସନ୍ତିଆଙ୍କ ପରଲୋକ



କଟକ, (ସ୍ୱପ୍ର) : ସ୍ଥାନୀୟ ଟାଙ୍ଗୀ ସ୍ଥିତ ମୁସ୍କାନ ବିସ୍କୁଟ କମ୍ପାନୀର କର୍ମଚାରୀ ମକର ବସ୍ତନ୍ତିଆଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । ସେ ସୋମବାର ଅପରାହ୍ନରେ ଟାଙ୍ଗୀ ସ୍ଥିତ ମୁସ୍କାନ୍ ବିସ୍କୁଟ କମ୍ପାନୀରେ କାର୍ଯ୍ୟରତ ଥିବା ସମୟରେ ହଠାତ୍ ତଳେ ପଡି ସଂଜ୍ଞାହୀନ ହୋଇଯାଇଥିଲେ । ଫଳରେ ଅନ୍ୟ କର୍ମଚାରୀମାନେ ତାଙ୍କୁ ନିକଟରେ ଥିବା ଡାକ୍ତରଖାନକୁ ନେଇ ପ୍ରାଥମିକ ଚିକିତ୍ସା କରି ପରେ ଏସ୍‌ସିବି ମେଡିକାଲ ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ତାଙ୍କର ହୃଦ୍‌ଘାତ ହୋଇଥିବା ଜଣାପଡିଥିଲା ।

ମଙ୍ଗଳବାର ଜଗତସିଂହପୁର ଜିଲ୍ଲା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ନିଜ ଗ୍ରାମ ମହିମାଦେଇପୁର ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର ସମ୍ପନ୍ନ ହୋଇଛି । ତାଙ୍କର ଏକମାତ୍ର ପୁତ୍ର ରଞ୍ଜନ ବସନ୍ତିଆ ମୁଖାଗ୍ନି ଦେଇଥିଲେ । ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ଗତ ଦୁଇ ବର୍ଷ ତଳେ ତାଙ୍କ ପନୀ ରଶ୍ମୀତା ବସନ୍ତିଆଙ୍କର ଏକ ଦୁର୍ଘଟଣାରେ ପରଲୋକ ଘଟିଥିଲା । ତାଙ୍କ ପିଲାମାନେ ଏବେ ବେସାହାରା ହୋଇପଡିଛନ୍ତି । ଏଭଳି ଦୁଃଖଦ ପରିସ୍ଥିତିରେ ମୁସ୍କାନ କମ୍ପାନୀ କର୍ତ୍ତୃପକ୍ଷ ବାପା ମା' ଛେଉଣ୍ଡ ପିଲାମାନଙ୍କ ଭବିଷ୍ୟତ ପାଇଁ ଆର୍ଥୀକ ସହାୟତା ସହ ତାଙ୍କ ପୁଅକୁ ଯୋଗ୍ୟତା ମୁତାବକ ଚାକିରୀ ଦେବାକୁ ସାଧାରଣରେ ଦାବି ହୋଇଛି ।

# ଇଫ୍‌କୋକୁ ବେଷ୍ଟ ମଦର ପ୍ଲାଣ୍ଟ ଆୱାର୍ଡ଼




ପାରାଦୀପ ,( ଜି ପ୍ର ) :ଓଡିଶା ବିଧାନସଭାର କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ ଦ୍ୱାରା ଆୟୋଜିତ ୪୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଇଫକୋ ସାର କାରଖାନାକୁ ୨୦୨୫ର ବେଷ୍ଟ. ମଦର ପ୍ଲାଣ୍ଟ ଆଓ୍ୱାର୍ଡ ପ୍ରଦାନ କରାଯାଇଛି। କମ୍ପାନୀକୁ ଏହି ସମ୍ମାନଜନକ ଆଓ୍ୱାର୍ଡ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ମନ୍ତ୍ରୀ ଗୋକୁଳାନନ୍ଦ ମାଲିକ ଓ ଶିଳ୍ପ ବିଭାଗ ଅତିରିକ୍ତ ସଚିବ ହେମନ୍ତ ଶର୍ମାଙ୍କ ଭବ୍ୟ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଇଫକୋ କମ୍ପାନୀ ସାରା ରାଜ୍ୟରେ ଥିବା ୧୮୦ ଗୋଟି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ସେମାନଙ୍କର ଗୁଣବତ୍ତା ଅଭିବୃଦ୍ଧି, ଦକ୍ଷତା ବୃଦ୍ଧି ଓ ମିଳିତ ଅଭିବୃଦ୍ଧିରେ ସହାୟକ ହୋଇ ଶିଳ୍ପ ନିର୍ମାଣରେ ଢେର ଅବଦାନ ସୃଷ୍ଟି କରିଥିବା ଲକ୍ଷ୍ୟ ରଖି ଏହି ଆଓ୍ୱାର୍ଡ ପ୍ରଦାନ କରାଯାଇଛି। କମ୍ପାନୀ କେବଳ ନିଜର ଉନ୍ନତମାନର ସାର ପ୍ରସ୍ତୁତ କରିବାରେ ଲକ୍ଷ୍ୟ ରହେ ନାହିଁ ବରଂ ରାଜ୍ୟରେ ଏକ ଯୁଗାନ୍ତକାରୀ ଶିଳ୍ପ ସହ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବାର ଲକ୍ଷ୍ୟ ରଖେ ବୋଲି ଏହାର ମୁଖ୍ୟ ପରିଚାଳକ ପି କେ ମିଶ୍ର ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଆସ ସ୍କୁଲ ଯିବା - ୨୦୨୫ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ କମିଟି ବୈଠକ

ଜଗତସିଂହପୁର,(ସବ୍ୟ) : ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆସ ସ୍କୁଲ ଯିବା - ୨୦୨୫ କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ସର୍ଭେ କରାଯାଇଥିବା ୮ ୭୫ ଜଣ ସ୍କୁଲ ବାହାରେ ଥିବା ପିଲାମାନଙ୍କୁ କିପରି) ମୁଖ୍ୟ ଶିକ୍ଷା ସ୍ରୋତରେ ସାମିଲ କରାଯିବ, ସେସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପଢ଼ିବା ଯୋଗ୍ୟ ପ୍ରତ୍ୟେକଟି ପିଲା ବିଦ୍ୟାଳୟକୁ ଆସିବା ଏ ଏଥିପ୍ରତି ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ। ଆଦୌ ସ୍କୁଲଯାଇନଥିବା ପିଲାମାନଙ୍କର ଏକ ବିଶ୍ଳେଷଣାତ୍ମକ ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସ ସ୍କୁଲ ଯିବା - ୨୦୨୫ କାର୍ଯ୍ୟକ୍ରମ ନିମନ୍ତେ ଶିକ୍ଷକ ଅଭିଭାବକ ବୈଠକ, ପଦଯାତ୍ରା, ଶିକ୍ଷା ସଭା ଆଦି ଆୟୋଜନ କରାଯାଇ ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରିବା ସହ ମୁଖ୍ୟ ଶିକ୍ଷା ସ୍ରୋତକୁ ଆଣି ସ୍ୱାବଲମ୍ବୀ କରିବା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। ଭିନ୍ନକ୍ଷମ ପିଲାମାନଙ୍କ ହୋମ ବେସଡ ଶିକ୍ଷା, ୧୫ ରୁ ୧୮ ବର୍ଷ ପିଲାମାନଙ୍କ ନିମନ୍ତେ ଉପଯୁକ୍ତ ବୈଷୟିକ ଶିକ୍ଷା ପ୍ରଦାନ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଡ଼ିଇଓ ସୁଶାନ୍ତ ମହାନ୍ତି, ତଥ୍ୟ ସଂଯୋଜକ ଚନ୍ଦ୍ରଜିତ ପରିଡ଼ା ଆବଶ୍ୟକୀୟ ତଥ୍ୟ ପ୍ରଦର୍ଶନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ଜିଲ୍ଲା ଶ୍ରମ ନିଯୋଜନ ଅଧିକାରୀ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଡିଏସ ଡବ୍ଲୁ ଓ, ବୈଷୟିକ ଶିକ୍ଷା ଅନୁଷ୍ଠାନର ଅଧିକାରୀ, ସିଡ଼ିଏମଓଙ୍କ ଅଫିସର ଅଧିକାରୀ, ଜିଲ୍ଲା ଶ୍ରମଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଣ୍ଡିଖୋଲ କଲେଜ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

# ଜ୍ଞାନ ପରିବ୍ୟାପ୍ତ ହେଲେ ସମାଜରେ ସଂସ୍କାର ଆସିବ : କନକ ବର୍ଦ୍ଧନ




ଚଣ୍ଡିଖୋଲ, (ସବ୍ୟ) : ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ ଓ ଗୌରବମୟ ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁଉଦଘାଟନକରିଥିଲେ। ଜ୍ଞାନ ହେଉଛି ଜୀବନଧାରାର ଆଲୋକ ବର୍ତ୍ତିକା ଓ ଅମୂଲ୍ୟ ସମ୍ପଦା ତେଣୁ ଜ୍ଞାନକୁ ସଂକୁଚିତ କରାନଯାଇ ପରିବ୍ୟାପ୍ତ କରାଯିବା ଉଚିତ। ଜ୍ଞାନ ପରିବ୍ୟାପ୍ତ ହେଲେ ସମାଜରେ ସଂସ୍କାର ଆସିପାରିବ ଓ ପଥଭ୍ରଷ୍ଟଙ୍କୁ ଦିଗଦ୍ରଷ୍ଟା ଭାବେ ଗଢି ତୋଳିହେବ ବୋଲି ଶ୍ରୀ ସିଂଦେଓ ତାଙ୍କ ଉଦଘାଟନୀ ଅଭିଭାଷଣରେ ପ୍ରକାଶ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରସନ୍ନକୁମାର ମହାପାତ୍ରଙ୍କ ପୌରହିତ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଶ୍ରୀ ସିଂଦେଓ ଉପରୋକ୍ତ ମନ୍ତବ୍ୟ ଦେବାସହ ଆଜିର ଯୁବ ପିଢି ଦେଶ ଓ ରାଜ୍ୟର ଗୌରବମୟ ଇତିହାସ, ଐତିହ୍ୟ, ପୌରାଣିକ କଥାବସ୍ତୁ ଓ ପରମ୍ପରା ପ୍ରତି ସଚେତନ ହେବାକୁ ଉପମୁଖ୍ୟ ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବାସହ ଜୀବନରେ ୫ଟି ଧ ଯଥା ଧର୍ମ, ଧରିତ୍ରୀ, ଧର୍ଯ୍ୟ, ଧନ୍ଦା ଓ ଧନକୁ ଉପଯୁକ୍ତ ବାଟରେ ପରିଚାଳିତ କରିପାରିଲେ ଜୀବନ ସଫଳ ହେବ ବୋଲି ମଧ୍ୟ କହିଥିଲେ। ଇତ୍ୟବସରରେ ଶ୍ରୀ ସିଂଦେଓ ଚଣ୍ଡିଖୋଲ କଲେଜର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶରେ ଅଭିଭୂତ ହେବା ସହିତ କଲେଜର ପ୍ରତିଷ୍ଠାତା ଶିବଯୋଗୀ ବାବା ଭୈରାବାନନ୍ଦ ବ୍ରହ୍ମଚାରୀଙ୍କୁ ନମନ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ସାଂସଦ ରବିନ୍ଦ୍ରନାରାୟନ ବେହେରା ଐତିହ୍ୟ ସମ୍ପନ୍ନ ଯାଜପୁର ଜିଲ୍ଲାର ଶିକ୍ଷ୍ୟା, ସ୍ୱାସ୍ଥ୍ୟ, ଗମନା ଗମନ, ପରିବହନ, କୃଷି, ନୌବାଣିଜ୍ୟର ସର୍ବାଧିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କହିଥିଲେ।ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରକୁମାର ନାୟକ ଯୋଗଦେଇ ବଡଚଣାରେ ଶିକ୍ଷା ବ୍ୟବସ୍ଥା ସଜାଡ଼ିବା ସହିତ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏବେ ଦ୍ରୁତ ପ୍ରକ୍ରିୟା ଆରମ୍ଭ ହୋଇଛି। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଆହ୍ୱାନ ହେଲେ ସଭିଙ୍କ ସହଯୋଗ ଲୋଡ଼ା ବୋଲି କହିଥିଲେ। ଏଥିସହିତ ବଡଚଣା ବ୍ଲକରେ ଥିବା ୪ଟି ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଓ ସର୍ବୋତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ୮କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରଯାଇଛି ବୋଲି ସେ ସୂଚନା ଦେଇଥିଲେ। ଏଥିରେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ କଲେଜ,ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ନାୟକ,ପୁରାତନ ଛାତ୍ର ସଂସଦ ସଭାପତି ପବିତ୍ରମୋହନ ମାହାଲା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ସଲିଳରାଜନନ୍ଦନ ମହାନ୍ତି ଅତିଥି ପରିଚୟ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଦେବରାଜ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ପରିସରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ଓ ସୁବର୍ଣ୍ଣଜୟନ୍ତୀ ଗୃହ, ଖେଳପଡିଆ ଉନ୍ନତିକରଣ ଓ ଦର୍ଶକ ଗ୍ୟାଲେରୀ କାର୍ଯ୍ୟ ସହିତ ଦ୍ୱିତୀୟ ଛାତ୍ରୀ ନିବାସର ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର ଶୈଳଜାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ନାତକମାନଙ୍କୁ ଉତ୍ସବରେ ପୁରସ୍କୃତ କରଯାଇଥିଲା। ଶେଷରେ ଅଧ୍ୟାପକ ପି ସି ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଏକବର୍ଷ ଧରି ଚାଲିବ ବୋଲି ଘୋଷଣା କରାଯାଇଥିଲା ।

# ତୁଳସୀ ମହିଳା କଲେଜରେ ଯୁବ ଦିବସ

କେନ୍ଦ୍ରାପଡା,(ସବ୍ୟ) :ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାର 'ଜାତୀୟ ସେବା ଯୋଜନା' ଆନୁକୂଲ୍ୟରେ ଆ'ର୍ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ଼ ମଥୁରି ଚରଣ ନାୟକ ସଭାପତିତ୍ୱ କରି ସାମ୍ପ୍ରତିକ ପରିପ୍ରେକ୍ଷୀରେ ଯୁବପିଢିଙ୍କର ଭୂମିକା ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ସବିତା ଦାସ ଓ ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକାରୀ ଅଧିକାରୀ ଡ଼ ପଦ୍ମଜା କବି ଶତପଥୀ ସ୍ୱେଚ୍ଛାସେବୀମାନଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ଓ ତା'ର ସମାଧାନ ଦିଗରେ ଆଲୋକପାତ କରିଥିଲେ । ୩ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ବନ୍ୟା ବେହେରା 'ଆ'ର୍ଜାତୀୟ ଯୁବ ଦିବସ' ପାଳନର ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କୀୟ ତଥ୍ୟମାନ ଉପସ୍ଥାପନ କରିଥିଲେ । ଶେଷରେ ୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ପ୍ରଭାସିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ ।

# ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର ବାର୍ଷିକ ଅଧିବେଶନ



କୁଆଁପାଳ,(ସବ୍ୟ) :ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱରସ୍ଥିତ ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର ବାର୍ଷିକ ଅଧିବେସନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ଙ୍ଗ ସହଦେବ ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉସିବରେ ବିଦ୍ୟାଳୟରେ ନିର୍ମାଣ ହେଉଥିବା ଅଡିଟୋରିୟମ ଗୃହ ସଂପୂର୍ଣ୍ଣ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା। ଉକ୍ତ ଅଡିଟୋରିୟମ ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସଭ୍ୟ ସଦସ୍ୟା

ସୁଲତା ଦେଓ ଓ ସ୍ଥାନୀୟ ବିଧାୟକ ଅର୍ଥରାଶି ପ୍ରଦାନ କରିଥିବାରୁ ପୁରାତନ ଛାତ୍ର ସଂଘ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି। ସେହିପରି ସ୍ଥାୟୀ ସଭ୍ୟ ସଂଗ୍ରହ ପାଇଁ ଅଭିଯାନ ଆରମ୍ଭ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଂଘର ଉପସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ,ସାଧାରଣ ସଂପାଦକ ଅରୁଣ କୁମାର ବାରିକ,ଯୁଗ୍ମ ସଂପାଦକ ଭାରତ ଭୂଷଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ମହାପାତ୍ର,କାର୍ଯ୍ୟକାରୀ କମିଟି ସଭ୍ୟ ଚିତରଂଜନ ମହାପାତ୍ର ,ଚିତରଞ୍ଜନ ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ଡଃ ମହେନ୍ଦ୍ର କୁମାର ମହାନ୍ତି,ଧନେଶ୍ୱର ସେଠୀ ,ଜଗଜୀବନ ବେହୁରା ଓ ମଦନ ମୋହନ ସ୍ୱାଇର୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଆସନ୍ତା ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ଦଶହରା ଦିନ ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ଷିକ ଅଧିବେସନ କରାଯିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା।

# ରାଣିଗୋଡା ପ୍ରାଥମିକ ବିଦ୍ୟାଳୟରେ ତାଲା

ପାଣିକୋଇଲି,(ସବ୍ୟ) : କୋରେଇ ବ୍ଲକ ତଥା ଶିକ୍ଷା ମଣ୍ଡଳ ଅଧିନସ୍ଥ କରଦା ପଂଚାୟତର ରାଣିଗୋଡା ଗ୍ରାମରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ସ୍କୁଲ ଖୋଲିବା ବେଳକୁ ଅନ୍ୟ ଏକ ତାଲା ପଡିଥିବାର ଦେଖିବାକୁ ମିଳିଥିଲା। କିଏ ତାଲା ପକାଇଛି ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟାଳୟର ସମସ୍ୟାକୁ ନେଇ ତାଲା ପଡିଥିବା ଜଣାପଡିଛି। ଖବରପାଇ ପାଣିକୋଇଲି ଥାନାଧିକରୀ ରଂଜିତ କୁମାର ମହାନ୍ତି ଘଟଣାସ୍ଥଳେ ପହଂଚି ଚାବି ଖୋଲିବା ସହ ଏପରି ନକରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଉଚ୍ଚ ଅଧିକାରୀଙ୍କ ସହ ଯୋଗଯୋଗ କରିଥିଲେ। ସୂଚନାନୁଯାୟୀ ଉକ୍ତ ବିଦ୍ୟାଳୟରେ ବାଟିକାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୫୮ ଜଣ ପିଲା ଅଧ୍ୟୟନ କରନ୍ତି। ହେଲେ ମାତ୍ର ୨ଜଣ ଶିକ୍ଷୟତ୍ରୀ ଅଛନ୍ତି। ପ୍ରଧାନ ଶିକ୍ଷକ ମାସରେ ପ୍ରାୟ ୧୨ ଦିନ ସରକାରୀ କାର୍ଯ୍ୟରେ ବିଦ୍ୟାଳୟରେ ଅନୁପସ୍ଥିତ ରୁହନ୍ତି। ଜଣେ ଶିକ୍ଷକ ଦୁଇଟି ଶ୍ରେଣୀ ଗୃହକୁ ସମ୍ଭାଳିବା ସମ୍ଭବ ହୁଏନାହିଁ ଯାହା ଫଳରେ ପିଲାମାନଙ୍କ ମଧ୍ୟରେ ଛୋଟ ମୋଟ ପିଟାପିଟି ବା ଝଗଡା ହୁଏ। ଏହାକୁ ନେଇ କେହି ଅଭିଭାବକ ତାଲା ପକାଇଥିଲେ। ମାତ୍ର ପୁଲିସ ପହଂଚିବାରୁ କେହି ତାଲା ପକାଇଥିବା ମାନିନଇଥିଲେ। ପରେ ପରିଚଳନା କମିଟି ସିଆରସିସି ଓ ଶିକ୍ଷୟତ୍ରୀ ଦ୍ୱୟଙ୍କୁ ନେଇ ବୈଠକ କରାଯାଇ ଏହାର ପୁନରାବୃତି ନହେବା ଦିଗରେ ସମସ୍ତେ ଧ୍ୟାନ ଦେବେ ବବୋଲି ନିଷ୍ପତି ପରେ ବିଦ୍ୟାଳୟ ହୋଇଥିଲା।

# ସଂଘବଦ୍ଧ ଆକ୍ରମଣ ସହିତ ଘର ଓ ଦୋକାନ ଭାଙ୍ଗିଦେଲେ



ମହାକାଳପଡ଼ା,(ସବ୍ୟ) :ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ବତୀଘର ପଞ୍ଚାୟତ ବରକୋଳିଖୋଳା ଗ୍ରାମରେ ଗତକାଲି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ବରକୋଳିଖୋଳା ଗ୍ରାମର ଟୋଟନ ଘଡେଇଙ୍କ ପନି ଚମ୍ପା ଓ ପଡୋଶୀ ସପନ ବେରାଙ୍କ ପନୀ ଙ୍କ ସହିତ ଛିଡା ହୋଇଥିଲେ। ସେହି ସମୟରେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ହାତରେ ମାରଣାସ୍ତ୍ର ଆଦି ଧରି ଟୋଟନ ଓ ସପନଙ୍କୁ ଖୋଜିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଚମ୍ପା ଓ ପଡୋଶୀ ଙ୍କ ପନୀ ଦୁର୍ବୃତ୍ତମାନଙ୍କୁ ଗାଳିଗୁଲଜ କରିବାର କାରଣ ପଚାରିବାରୁ ଉଭୟ ମହିଳାଙ୍କୁ ଦୁର୍ବୃତ୍ତମାନେ ସଙ୍ଘବଦ୍ଧ ଭାବେ ଆକ୍ରମଣ ସହିତ ଅଶାଳୀନ ବ୍ୟବହାର କରିଥିଲେ। ଘଟଣା ସ୍ଥଳରେ ସପନ ଓ ଟୋଟନ ପହଂଚି ଦୁର୍ବୃର୍ତ୍ତମାନଙ୍କୁ ବାରଣ କରିବାରୁ ଉଭୟ ଦୁଇ ପଡୋଶୀ ମଧ୍ୟ ଆକ୍ରମଣ ର ଶୀକାର ହୋଇଥିଲେ। ପରେ ପରେ ଦୁର୍ବୃତ୍ତମାନେ ଟୋଟନଙ୍କ ଘର ଭାଙ୍ଗିବା ସହିତ ସପନ ବେରାଙ୍କ ମାଛ ଦୋକାନକୁ ଭାଙ୍ଗିବା ସହିତ ଦୋକାନରୁ ମାଛ, କୁକୁଡ଼ା ଓ ନଗଦ ଟଙ୍କା ଆଦି ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ଦୀର୍ଘ ସମୟ ଧରି ହାତରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଉତ୍ପାତ କରୁଥିବା ବେଳେ କେହି ସେମାନଙ୍କୁ ଅଟକାଇବାକୁ ସାହସ କରି ନ ଥିଲେ। ଏ ନେଇ ଚମ୍ପା ଘଡେଇ ଜମ୍ବୁ ସାମୁଦ୍ରିକ ଥାନାରେ ୧୦ଜଣଙ୍କ ନାମେ ଅଭିଯୋଗ କରିଥିଲେ। ଜମ୍ବୁ ପୋଲିସ ଅଭିଯୋଗ ମୁଳେ ୧୬୮/୨୫ମାମଲା ରୁଜୁ କରି ଅଧିକ ଅନୁସନ୍ଧାନ ଜାରି ରଖିଥିବାର ଜଣାପଡିଛି।

# ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା

ଧର୍ମଶାଳା ,(ସବ୍ୟ) : ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ଗତ ବିଧାନ ସଭା ନିର୍ବାଚନରେଧର୍ମଶାଳା ବିଧାନ ସଭା ଆସନରେ ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କୁ ପରାସ୍ତ କରି ହିମାଂଶୁ ଶେଖର ସାହୁ ବିଧାୟକ ହୋଇଛନ୍ତି। ରାଜ୍ୟରେ ଏବେ ବିଜେପିର ସରକାର ଚାଲିଥିବା ବେଳେ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ବିଜେପିକୁ ପୂର୍ଣ୍ଣ ମାତ୍ରାରେ ସମର୍ଥନ ଦେଇ ଦଳରେ ନିଜର ସ୍ଥିତି ସୁଦୃଢ କରିପରିଛନ୍ତି। ଧର୍ମଶାଳା ବ୍ଲକରେ ବିଜେଡି ସମର୍ଥିତ ପୂର୍ବତନ ବିଧାୟକଙ୍କ ସାନ ଭାଇ ପ୍ରଭାତ କୁମାର ବଳବନ୍ତରାୟ ଅଧ୍ୟକ୍ଷ ରହିଛନ୍ତି। ଯାହାଫଳରେ ବ୍ଲକରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ଅବସ୍ଥାରେ ବିଜେଡି ସମର୍ଥିତ ଅନେକ ସମିତିସଭ୍ୟ ଓ ସରପଂଚ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସମର୍ଥନ ଜଣାଇ ତାଙ୍କ ଶିବିରରେ ଯୋଗଦେଇଛନ୍ତି। ପୂର୍ବରୁ ବଜେପି ସମର୍ଥନରେ ରହିଥିବା ୧୪ ଜଣ ସମିତିସଭ୍ୟ ଓ ୧୮ ଜଣ ସରପଂଚ ସମେତ ୪୦ରୁ ଉର୍ଦ୍ଧ ପ୍ରତିନିଧି ଯାଜପୁର ଉପଜିଲ୍ଲାପାଳଙ୍କୁ ଭେଟି ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଥିବା ଜଣାପଡିଛି। ଅନ୍ୟପଟେ ଘଟଣାର ତଦନ୍ତ କରିବାକୁ ଉପଜିଲ୍ଲାପାଳ ଧର୍ମଶାଳା ବିଡିଓଙ୍କୁ ନିର୍ଦ୍ଦେଶ ଦେଥିବା ଜଣାପଡିଛି। ତଦନ୍ତ ପରେ ବିଡିଓ ଉପଜିଲ୍ଲାପାଳଙ୍କୁ କଣ ରିପୋର୍ଟ ଦେଉଛନ୍ତି। ତାହା ପରିବର୍ତୀ ସମୟରେ ଜଣାପଡିବ। ଧର୍ମଶାଳା ବିଧାୟକଙ୍କ ସମର୍ଥିତ ୪୦ ରୁ ଉର୍ଦ୍ଧ ପଂଚାୟତ ସ୍ତରୀୟ ଜନ ପ୍ରତିନିଧିମାନେ ଏବେ କୌଣସି ଏକ ଅଲଗା ସ୍ଥାନରେ ରହିଥିବା ନେଇ ଆଲୋଚନା ହେଉଛି। ଏବେ ଧର୍ମଶାଳା ବ୍ଲକରେ ୪୫ ପଂଚାୟତ ରହିଥିବା ବେଳେ ୪୫ ଜଣ ସମିତିସଭ୍ୟ ଓ ୪୫ ଜଣ ସରପଂଚ ରହିଛନ୍ତି। ୪୫ ଜଣ ସରପଂଚଙ୍କ ମଧ୍ୟରୁ ଜେନାପୁର ଓ ଚୋରମୁହାଁ ସରପଂଚଙ୍କ ଅକାଳ ବିୟୋଗ ଘଟିବାରୁ ସେ ସ୍ଥାନ ଖାଲି ପଡିଛି। ଫଳରେ ଧର୍ମଶାଳା ବ୍ଲକରେ ଏବେ ୪୫ ଜଣ ସମିତିସଭ୍ୟ ଓ ୪୩ ଜଣ ସରପଂଚ ମୋଟ ୮୮ ଜଣ ଜନପ୍ରତିନିଧି ରହିଛନ୍ତି। ତେବେ ମୋଟ ୮୮ଜଣ ଜନପ୍ରତିନିଧିଙ୍କ ମଧ୍ୟରୁ କେତେଜଣ କାହା ସପକ୍ଷରେ ରହିଛନ୍ତି। ତାହା ଅନାସ୍ଥା ଭୋଟ ହେବା ପରେ ଜଣାପଡିବ।

# ଗଣଦୁଷ୍କର୍ମ ମାମଲା: ବିଜେଡି ପକ୍ଷରୁ ବିକ୍ଷୋଭ, ରାସ୍ତାରୋକ

ରାଜନଗର ,(ସବ୍ୟ) ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ମାମଲା ତ୍ରିବ୍ର ପତିକ୍ରିୟା ସୃଷ୍ଟି କରିଛି ଆଜି ବିଜେଡି ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି। ରାଜନଗର ହଂସୁଆ ସେତୁ ନିକଟରେ ବିଜେଡି ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯିବା ସହିତ ରାସ୍ତାରୋକ କରାଯାଇଥିଲା। ସରକାର ବିରୋଧୀ ନାରା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରା ଯାଇଥିଲା। ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ ଯୋଗୁଁ ଶହ ଶହ ଗାଡି ଅଟକି ରହିଥିଲା। ରାଜନଗର ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବା କେନ୍ଦ୍ରାପଡା ଜିଲ୍ଲାପାଳ , ଉପଜିଲ୍ଲାପାଳ ଗାଡି ବିକ୍ଷୋଭ ସମୟରେ ଆସିଥିଲେ ମଧ୍ୟ ବିକ୍ଷୋଭକାରୀ ଜିଲ୍ଲାପାଳଙ୍କ ଗାଡିକୁ ଛାଡିନଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଘଟଣା ସ୍ଥଳକୁ ଆସି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ବିକ୍ଷୋଭକାରୀ ଶୁଣିନଥିଲେ। ଜିଲ୍ଲାପାଳ ଗାଡି ବୁଲାଇ ବ୍ଲକ କାର୍ଯ୍ୟାଳୟକୁ ଫେରିଯାଇଥିଲେ। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ପୀଡିତଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା। ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ନେତୃତ୍ୱରେ ରାଜ୍ୟ ଛାତ୍ର ବିଜେଡି ସଂପାଦକ ବୈଦ୍ୟୁତ ନାରାୟଣ ବିଶ୍ୱାଳ,ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି,ମହିଳା ବିଜେଡି ସଭାପତି ରଶ୍ମି ରଂଜିତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ବିଜୟ କୁମାର ନାୟକ, କୈଳାସ ଚନ୍ଦ୍ର ପରିଡା,ଦେବେନ୍ଦ୍ର କୁମାର ଜେନା, ରଞ୍ଜନ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ, ଦାମୋଦର ମହାନ୍ତି, ସରୋଜ କୁମାର ରାଉତ ,ଛାତ୍ର ନେତା ରବୀନ୍ଦ୍ର କୁମାର ସିଂ,ସୁଶାନ୍ତ କୁମାର ବେହେରା, ସୁରଜ କୁମାର ପ୍ରହାଣ,ବିଚିତ୍ର କୁମାର ମଲିକ, ପରମେଶ୍ୱର ଦାସ, ସାଗର ବଳ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

# ସାଧୁ ଗୌରେଶ୍ୱର ମହାବିଦ୍ୟାଳୟରେ

# ସଂସ୍କୃତ ସପ୍ତାହ ପାଳନ

ମଙ୍ଗଳପୁର,(ସବ୍ୟ) : ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡ଼ା ସ୍ଥିତ ସାଧୁ ଗୌରେଶ୍ୱର କଲେଜରେ ଗତ ସପ୍ତାହ ଧରି ସଂସ୍କୃତ ସପ୍ତାହ ବିଶେଷ ଉତ୍ସାହର ସହିତ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଜିତେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଭାଗର ଅଧ୍ୟାପିକା ଶ୍ରୀମତୀ ସ୍ମିତାରାଣୀ ଭୂୟାଁ ପରିଚାଳନା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଉଜ୍ଜ୍ୱଳ କାନ୍ତ ଦାସ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଓ ପ୍ରାଚୀନ ସାହିତ୍ୟରେ ଏହାର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସପ୍ତାହ ବ୍ୟାପି ସଂସ୍କୃତ ଶ୍ଳୋକ ପାଠ, ଅଭିଭାଷଣ ପ୍ରତିଯୋଗିତା, ନାଟକ ଓ କୁଇଜ୍ ପରି ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଯୋଗଦେଇ ନିଜର କୌଶଳ ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ପ୍ରାଧ୍ୟାପକ ଡ଼. ସୁକାନ୍ତ ପାଢ଼ୀ, ଅଧ୍ୟାପିକା ବିମଳିନୀ କର, ସଙ୍ଘମିତ୍ରା ସାହୁ ଏବଂ ଅନ୍ୟ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ପ୍ରତି ଆଗ୍ରହ ବୃଦ୍ଧି କରିଥିଲା ଓ ସାହିତ୍ୟ ସଂସ୍କୃତିକୁ ନବ ଦିଗନ୍ତ ଦେଇଥିଲା। ସମାପନୀ ଅବସରରେ ବିଜେତା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ଭାଗ୍ୟଶ୍ରୀ ରାୟ ଧାନ୍ୟବାଦ ଅର୍ପଣ କରିଥିଲେ।

# ସାଲେପୁର ଚତୁର୍ଥ ସାହିତ୍ୟ ମହୋତ୍ସବ



ସାଲେପୁର, (ସବ୍ୟ) :-ସାଲେପୁର ଚତୁର୍ଥ ସାହିତ୍ୟ ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ସାଲେପୁର ହାଇସ୍କୁଲ ଅଡିଟୋରିଅମ ହଲରେ କମିଟିର ଆବାହକ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ସାଲେପୁର ମାଟି ହେଉଛି ସାହିତ୍ୟର ମାଟି ଏଠାରେ ଏଭଳି ଏକ ସାହିତ୍ୟ ମହୋତ୍ସବ ପାଳନ କରୁଥିବାରୁ କମିଟିର ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ପାର୍ଥସାରଥି ,ବିଶିଷ୍ଟ ଅତିଥି ରୂପେ ସମବାୟବିତ ପ୍ରମୋଦ କୁମାର ସାହୁ,ବିଶିଷ୍ଟ ବକ୍ତା ଭାବେ ସାହିତିକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଭୂୟାଁ, ସମ୍ମାନିତ ଅତିଥି ରୂପେ ସମାଜସେବୀ ଗୀତା ଦାସ ଯୋଗ ଦେଇ ସାହିତ୍ୟ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ୨ୟ ଅଧିବେଶନ ତଥା ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଉଦଘାଟନରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ହିମାଂଶୁ ମହାନ୍ତି ଯୋଗ ଦେଇ ସାହିତ୍ୟକଙ୍କ ପାଇଁ ସାଲେପୁର ଆଜି ସାରା ରାଜ୍ୟରେ ପ୍ରଶଂସିତ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ଡକ୍ଟର ଗିରୀଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ୩୦ରୁ ଉର୍ଦ୍ଧ୍ୱ ସାହିତିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଧିଷ୍ଠିର ଖଟୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼ଃ ନିଖିଳେଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ମଧୁସ୍ମିତା ମିଶ୍ର ଓ ଶିକ୍ଷାବିତ ବିଷ୍ଣୁ ଚରଣ ମିଶ୍ର ପ୍ରମୁଖ କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କବି ଚନ୍ଦ୍ରମଣି ଭୂୟାଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହେମନ୍ତ କୁମାର ନନ୍ଦ, ବିଶ୍ୱ ରଞ୍ଜନ ସାହୁ, ମାନସ କୁମାର ଦାଶ, ନାଗମଣି ସ୍ୱାଇଁ, ତ୍ରୈଲୋକ ଭୂୟାଁ, ସମ୍ବିତ ଦାସ, ଅନନ୍ତ ଚରଣ ଦାଶ, ପ୍ରବୀର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଜେନାପୁର ଡ଼ିଗ୍ରୀ କଲେଜରେ ଇନୋଭେସନ ଓ ଷ୍ଟାଟଅପ କାର୍ଯ୍ୟକ୍ରମ




କୁଆଖିଆ, (ସବ୍ୟ) : ଜେନାପୁର ଡ଼ିଗ୍ରୀ ମହାବିଦ୍ୟାଳୟରେ ଆଜି ଉଚ୍ଚଶିକ୍ଷା ବିଭାଗର ଇନୋଭେସନ ଆଣ୍ଡ ଷ୍ଟାଟ ଅପ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଚିତ୍ତ ରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଯୁବ ଉଦ୍ୟୋଗୀ ମାନସ କୁମାର ମହାନ୍ତି ଯୋଗ ଦେଇ ଆତ୍ମ ନିର୍ଭର ହେବା ପାଇଁ ଛାତ୍ର ଛାତ୍ରୀ ମାନେ ଏବେଠୁ ଚେଷ୍ଟିତ ହେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ରଥ, ଦାମୋଦର ପଣ୍ଡା ଯୋଗ ଦେଇ ଷ୍ଟାଟ ଅ ପ୍ ବିଷୟରେ କହିଥିଲେ। କାର୍ଯ୍ୟକ୍ରମ ସଂଚାଳିକା ଅଧ୍ୟାପିକା ନନ୍ଦିତା ଦୋରା ସଭାର ଉଦେଶ୍ୟ ଜ୍ଞପନ କରିଥିଲେ। ଚିତ୍ତ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ିଗ୍ରୀ କଲେଜର କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥି ବୃନ୍ଦ ସାର୍ଟିଫିକେଟ ବଣ୍ଟନ କରିଥିଲେ। ଏଥିରେ ପି ଇ ଟି ଶଙ୍କର୍ଷଣ ଦୋରା, ବିରଜା ଶଙ୍କର ରାଉତ, ଡି ଇ ଓ ବିଶ୍ୱଜିତ ବେହେରା, ଅଜୟ ମହାନ୍ତି, ଆଶିଷ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

## ମେଧାବୀ ଛାତ୍ରୀଙ୍କ ଅକାଳ ମୃତ୍ୟୁ



କଣାସ,(ସବ୍ୟୁ): ସାକ୍ଷୀଗୋପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରୀ ପୁରୀ ଜିଲ୍ଲା କଣାସ ବ୍ଲକ ଗାଣ୍ଡପଡା ଗ୍ରାମର ଆଲୋକ ପ୍ରଧାନଙ୍କ ଝିଅ ଶୁଭଲକ୍ଷ୍ମୀ ପ୍ରଧାନଙ୍କର ନିମୋନିଆ ଜ୍ୱରାର ଅକାଳ ମୃତ୍ୟୁ ଘଟିଛି। ସାକ୍ଷୀଗୋପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ ।ଶୁକ୍ରବାର ଦିନ ବିଦ୍ୟାଳୟରୁ ଫେରିବା ପରେ ସାମାନ୍ୟ ଅସୁସ୍ଥ ଅନୁଭବ କରିବା ସହ ଗଳା ଦରଜ ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ ଖୋର୍ଦ୍ଧା ସରକାରୀ ଡାକ୍ତରଖାନାକୁ ନେଇଥିଲେ ।ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏମ୍ସ ଓ ପରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ନେଇଥିବା ବେଳେ ମଙ୍ଗଳବାର ସକାଳ ୫ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା ।ଜ୍ୱରରୁ ନିମୋନିଆରେ ଆକ୍ରାନ୍ତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ଡାକ୍ତର କହିଛନ୍ତି ।ଜଣେ ମାଧବୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିଦ୍ୟାଳୟ ଓ ନିଜ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୬ ଗିରଫ

ବଳଙ୍ଗା, (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଭୀମ ଜାର କେନାଲ ବନ୍ଧ ନିକଟରେ ସୋମବାର ବିଳମ୍ବିତ ରାତିରେ ଜୁଆ ଖେଳ ଚାଲିଥିବା ସମୟରେ ପୋଲିସ ଚଢ଼ାଉ କରି ୬ ଜଣକୁ କାବୁ କରି ଥାନାକୁ ଆଣିଛି। ସୂଚନା ମୂତାକ ସୋମବାର ବିଳମ୍ବିତ ରାତିରେ ଭୀମଜାର ଠାରେ ଜୁଆ ଖେଳ ଚାଲିଥିବା ନେଇ ଲଙ୍ଗା ପୋଲିସ ଖର ପାଇବା ପରେ ବଳଙ୍ଗା ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିବା ପରେ ପୋଲିସର ପାଟି ଶୁଣି କେତେଜଣ ଦୌଡି ପଳାଇଥିବା ବେଳେ ୬ ଜଣକୁ କାବୁ କରିଥିଲେ। ଘଟଣା ସ୍ଥଳରୁ ତିନୋଟି ବାଇକ,ଗେମିଙ୍ଗ କାଡ,ସାତ ହଜାର ଦୁଇଶହ ପଚାଶ ଟଙ୍କା, ତିନୋଟି ମୋବାଇଲ ଜବତ କରିଥିଲେ। ମଙ୍ଗଳବାରି ମଧାହ୍ନରେ ଅଭିଯୁକ୍ତ ମାନଙ୍କୁ କାଶିନାଥ ଆଚାର୍ଯ୍ୟ, ସଞ୍ଜୟ କୁମାର ବେହେରା,ସୁନା ବେହେରା, ପ ଗୋପାଳ ଦଳାଇ, ଗଣେଶ ଦାଶକୁ୧୭୧/୨୫ ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ସମୂହ ଛୁଟିରେ ଗଲେ ବାଙ୍କୀ ଉପଖଣ୍ଡ ରାଜସ୍ୱ ଅମଲା

ବାଙ୍କୀ (ସବ୍ୟୁ): ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତି ଅନୁସାରେ ଦଶଦଫା ଦାବି ପୂରଣ ପ୍ରରିପ୍ରେକ୍ଷୀରେ ବାଙ୍କୀ ଉପଖଣ୍ଡ ରେ ଥିବା ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଦୁଇଗୋଟି ତହସିଲ, ବ୍ଲକ ଓ ସମ୍ମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅମଲା ଅର୍ନିଦିଷ୍ଟ କାଳ ପାଇଁ ସମୂହ ଛୁଟିରେ ଯାଇଛନ୍ତି। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଅଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି । କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ହୋଇଅଛି । ଦାବି ପୂରଣ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ରାଜସ୍ୱ ଅମଲା ସଂଘ, କଟକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନା ପ୍ରକାଶ କରିଥିଲେ ଏହି ଅବସରରେ ବାଙ୍କୀ ଉପଖଣ୍ଡରେ କାର୍ଯ୍ୟରତ ଜିଲ୍ଲା କାର୍ଯ୍ୟକାରୀ ପରିଷଦ ସଭ୍ୟ ପଠାଣି ବାରିକ ତଥା ସମସ୍ତ କାର୍ଯ୍ୟାଳୟର ବିଭାଗୀୟ ଅଧିକାରି, ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ମାନେ ଉପସ୍ଥିତ ଥିଲେ ।

## ବିଶ୍ୱ ହସ୍ତୀ ଦିବସ ପାଳିତ

ଗଣିଆ ,(ସବ୍ୟୁ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ତରଫରୁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପରିସରରେ ମଙ୍ଗଳାର ଦିନ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ତତ୍ତାବଧାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ବନଖଣ୍ଡ ଅଧିକାରୀ



ଅମରେଶ ନାଥ ପ୍ରଧାନ, ଓ ସହକାରୀ ବନ ସଂରକ୍ଷକ ଦେବୀ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ହସ୍ତୀ ଦିବସ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟପକ୍ଷେ ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସମନ୍ୱୟରେ ବନ, ବନ୍ୟଜନ୍ତୁ ସୁରକ୍ଷା ଓ ଜଙ୍ଗଲ ନିଆଁ ବନ୍ଦ ପଦକ୍ଷେପ ଦିଗରେ ପରିବେଶ ବିକାଶ ସମିତି ଓ ଗଜସାଥି ମାନଙ୍କ ସହ ବନଖଣ୍ଡ ଅଧିକାରୀ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ଫରେଷ୍ଟର ଗାୟତ୍ରୀ ପରିଡ଼ା, ବଡ଼ମୂଳ ଫରେଷ୍ଟର କାଳନ୍ଦୀ ସାଥୁଆ ଓ ପୁରୁଣାପାଣି ଫରେଷ୍ଟର ସଞ୍ଜୟ କୁମାର ରାଉତଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗଜସାଥୀ, ସ୍କ୍ୱାର୍ଡ ଓ ଇ ଡି ସି ସଭ୍ୟା ସଭ୍ୟ ଯୋଗ ଦେଇଥିଲେ।

## ଏଆଇଏସଏଫ୍‌ର ପ୍ରତିଷ୍ଠା ଦିବସ

ନିମାପଡା,(ସବ୍ୟୁ): ସ୍ଥାନୀୟ ଘନଶ୍ୟାମ ଭବନ ପରିସରରେ ନିମାପଡା ମହାବିଦ୍ୟାଳୟ ଶାଖା ସମ୍ମିଳନୀ ଓ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେସନ(ଏଆଇଏସ୍ଏଫ୍)୯୦ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଏଆଇଏସ୍ଏଫ୍ ରାଜ୍ୟସଭାନେତ୍ରୀ ସଂଘମିତ୍ରା ଜେନା,ଛାତ୍ରନେତା



ବିରଂଚି ନାରାୟଣ ନାୟକ,ପୂର୍ବତନ ଛାତ୍ର ସଂଗଠନର ସଭାପତି ସୁଦୀପ୍ତ ମହାନ୍ତି,ରାଜ୍ୟ ସହ ସଂପାଦିକା ଶୁଭ୍ରାରାଣୀ ସାହୁ,ନିମାପଡା କଲେଜ ଛାତ୍ର ସଂସଦ ସଂପାଦକ ସାଗର ପ୍ରଧାନ,ମିତେଶ ପ୍ରଧାନ ପ୍ରମୁଖ ଉପସ୍ଥିଥିଲେ । ରାଜ୍ୟରେ ଶାସନ କରୁଥିବା ବିଜେପି ସରକାର ଗୋଟିଏ ଛାତ୍ର ବିରୋଧି ,ଗୋଟିଏ ପରେ ଗୋଟିଏ ଛାତ୍ରୀ ଜଳିଯାଉଥିବା ଏବଂ ସେମାନଙ୍କୁ ଏସରକାର ନ୍ୟାୟ ଦେଇପାରୁନି । ବୟବସ୍ଥାର ସୁଧାର ଆଣିବା ପାଇଁ ଏହି ଛାତ୍ର ସଂଗଠନ ତାର ଲଢେଇ ଜାରି ରଖିଛି ବୋଲି ରାଜୟ ସଭାନେତ୍ରୀ ସଂଘମିତ୍ରା ତାଙ୍କ ଅଭିଭାଷଣ ରଖିବା ସହିତ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ସେ ଦାବୀ କରିଥିଲେ । ଭବନ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା । ନିମାପଡା କଲେଜର ପୂର୍ବତନ ଛାତ୍ରନେତା ଦେବେନ୍ଦ୍ର ସାହୁ,ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଛାତ୍ରୀଙ୍କୁ ମାଡ଼: ଶିକ୍ଷୟତ୍ରୀଙ୍କ ବିରୋଧରେ ଅଭିଯୋଗ


ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ଆଦର୍ଶ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ମାଡ ମାରିବା ଘଟଣାରେ ଛାତ୍ରୀଙ୍କ ଦାଦା ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଆଦର୍ଶ ବିଦ୍ୟାଳୟ ଶିକ୍ଷୟତ୍ରୀ ପ୍ରୀତି ସାଗରିକା ପଣ୍ଡା ଦଶମ ଶ୍ରେଣୀରେ ପଢୁଥିବା ପ୍ରଜ୍ଞ ସିଂ ନାମକ ଛାତ୍ରୀଙ୍କୁ ମାଡ ମାରିଥିବାରୁ ଛାତ୍ରୀ ଜଣଙ୍କୁ ଜ୍ୱର ହେବାସହ ତାଙ୍କ କାନ ଫୁଲି ଯାଇଥିଲା ବୋଲି ଛାତ୍ରୀଙ୍କ ଦାଦା ଅଭିଯୋଗ କରିଛନ୍ତି । ମାତ୍ର କେଉଁ କାରଣରୁ ଶିକ୍ଷୟତ୍ରୀ ଜଣଙ୍କ ଛାତ୍ରୀଙ୍କୁ ମାଡ଼ ମାରିଲେ ସେ ସମ୍ପର୍କରେ ଅଭିଯୋଗ ଫର୍ଦ୍ଦରେ ଦର୍ଶା ଯାଇନାହିଁ । ଏ ସମ୍ପର୍କରେ ଶିକ୍ଷୟତ୍ରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି ବି ଇ ଓ ଭକ୍ତ ବିନୋଦ ସଲ ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ବେପାରୁଆ ହାଇୱା ଗାଡ଼ି ଚାଳନା ନେଲା ଚାଷୀଙ୍କ ଜୀବନ : ରାସ୍ତାରୋକ

## ୪ ଲକ୍ଷ ସହାୟତା ଘୋଷଣା: କୃତଜ୍ଞତା ଜଣାଇଲେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି

ଭାପୁର/କଣ୍ଟିଲୋ,(ସବ୍ୟୁ): ଫତେଗଡ଼ –ଦଶପଲ୍ଲା ସଂଯୋଗ କରୁଥିବା ୪୮ ନଂ ରାଜ୍ୟ ରାଜପଥରେ ବେପାରୁଆ ହାଇୱା ଗାଡ଼ିଚାଳନା ସୋମବାର ପୂର୍ବାହ୍ନରେ ଜଣେ ଚାଷୀଙ୍କ ଜୀବନ ନେଇଛି। ଏହି ଦୁର୍ଘଟଣା ନିକଟସ୍ଥ ଭାପୁର ବ୍ଲକ ପଥରଚକଡ଼ା ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ମଧ୍ୟବର୍ତ୍ତି ସ୍ଥାନା କୁକୁଡ଼ାଖାଇ ନାଳ ନିକଟରେ ଘଟିଛି। କ୍ଷତିପୁରଣ ଦାବିରେ ନିକଟସ୍ଥ ଗ୍ରାମବାସୀମାନେ ରାସ୍ତାରୋକ କରିବାରୁ ଯାତାୟତ ପ୍ରଭାବିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୃତକ ଚାଷୀଙ୍କ ନିକଟତମ ସମ୍ପର୍କୀୟଙ୍କୁ ୪ଲକ୍ଷ ଟଙ୍କା ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦେବା ପାଇଁ ଘୋଷଣା କରିଛନ୍ତି। ସୋମବାର ପୂର୍ବାହ୍ନରେ ପଥରଚକଡ଼ା ଗ୍ରାମର ନିରଞ୍ଜନ (ଅଜି) ଗୋଛି (୫୩) ହଳଲଙ୍ଗଳ ଧରି ଚାଷ ଜମିକୁ ଯାଉଥିବା ବେଳେ କୁକୁଡ଼ା ଖାଇ ନାଳ ନିକଟରେ ଫତେଗଡ଼ ପଟୁ ଦ୍ରୁତଗତିରେ ଯାଉଥିବା ହାଇୱା ତାଙ୍କୁ ପଛ ପଟୁ ଧକ୍କା ଦେଇ ତାଙ୍କ ଗୋଡ଼ ଉପରେ ଚଢ଼ି ଘୋଷାଡ଼ି ନେଇଥିଲା। ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ । ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ କଣ୍ଟିଲୋ ଓ ପରେ ଖଣ୍ଡପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅତ୍ୟଧିକ ରାକ୍ତସ୍ରାବ ଯୋଗୁ ତାଙ୍କୁ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ମୃତ ଖବର ପାଇବା ପରେ କ୍ଷତିପୂରଣ ବାବିରେ ପରିବାର ସହ ସ୍ଥାନୀୟ ଗ୍ରାମବାସୀମାନେ ଫତେଗଡ଼ – ଦଶପଲ୍ଲା ସଂଯୋଗ କରୁଥିବା ୪୮ ନଂ ରାଜ୍ୟ ରାଜପଥ ଅବରୋଧ କରିଥିଲେ ଫଳରେ ଯାତାୟତ ଠପ୍ ହୋଇଯାଇଥିଲା। ଖବର ପାଇ ଫତେଗଡ଼ ଥାନା ପୋଲିସ ଓ ଭାପୁର ବ୍ଲକ ବରିଷ୍ଠ ପ୍ରଶାସନ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ବୁଝାଶୁଝା କଲା ପରେ ରାସ୍ତାରୋକ ହଟିଥିଲା। ଏହି ଘଟଣା ବାବଦରେ ପଥର ଚକଡ଼ା ଗ୍ରାମ ନିବାସୀ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା(ଶିବା) ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଅନୁକମ୍ପା ମୂଳକ ସହାୟତା ରାଶି ପାଇଁ ନିବେଦନ କରିଥିଲେ। ଘଟଣାସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏକ୍ସ ଜରିଆରେ ଦୁଃଖ ପ୍ରକାଶ କରିବା ସହ ମୃତ ନିରଞ୍ଜନଙ୍କ ପରିବାର ଲାଗି ତୁରନ୍ତ ୪ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସବୁମହଲାରୁ ସ୍ୱାଗତ କରାଯାଇଥିବା ବେଳେ ଲୋକଙ୍କ ସେ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା(ଶିବା) ନିଜ ପ୍ରତିକ୍ରିୟା ରଖିବା ସହ ନି ଗ୍ରାମ ପଥରଚକେଡ଼ା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ରାଜ୍ୟ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ




ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ଠାରେ ପାଠାଗାର ଆନ୍ଦୋଳନର ଜନକ ଡଃ ଏସ. ଆର. ରଙ୍ଗନାଥନଙ୍କ ଜୟନ୍ତୀ ଉତ୍ସବ ତଥା ଓଡିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ଦାରା ଆୟୋଜିତ ରାଜ୍ୟ ସ୍ତରୀୟ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଉଚ୍ଚ ଶିକ୍ଷା ବିଭାଗ ଏଚଆଇଏମଏସ ଭାରପ୍ରାପ୍ତ ଅଧିକାରୀ ଡ ପାଣ୍ଡବ ପ୍ରଧାନ ଯୋଗଦେଇ ଗ୍ରନ୍ଥାଗାରିକମାନଙ୍କର କିଛି ଆବଶ୍ୟକୀୟ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ସଭାରେ ଡି. ଆଶୁତୋଷ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଘର କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ସମ୍ମାନୀତ ଅତିଥି ଭାବରେ ସଂଘ ମାର୍ଗଦର୍ଶକ ଓ ପ୍ରାଣ ପ୍ରତିଷ୍ଠାତା ଅର୍ଜୁନ ଜେନା, ପଣ୍ଡିତ ନୀଳକଣ୍ଠ ସୂଚନା ଓ ପାଠାଗାର ବିଜ୍ଞାନ କଲେଜ ଅଧକ୍ଷ ଦିଲ୍ଲିପ କୁମାର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ସାହୁ, ବରିଷ୍ଠ ଉପଦେଷ୍ଟା ଆଦିତ୍ୟ ମିଶ୍ର, ସାଂଗଠନିକ ସମ୍ପାଦକ ରତିକାନ୍ତ ଓଝା ଓ ସହ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ପାଠାଗାର କେବଳ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଂଶ ନୁହେଁ ଏହା ସମାଜରେ ଶିକ୍ଷା ବିକାଶର ମୁଖ୍ୟ ମାଧମ ଓ ଶିକ୍ଷାର ବିକାଶରେ ଗ୍ରନ୍ଥାଗାର ଭୂମିକା ଉପରେ ଆଲୋକ ପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶାନ୍ତ ରାଉତ, ହେମନ୍ତ କୁମାର ଶତପଥୀ, ହେମନ୍ତ ଦାସ, ଅବଦୁଲ କଲାମ, ବାସୁଦେବ ମିଶ୍ର , ଅଭିମନ୍ୟୁ ସାମଲ, ଜୟଦେବ ଗୌଡ ଓ ହିମାଂଶୁ ଭୁଷଣ ଚମ୍ପତିରାୟ, ଶୁଭଲକ୍ଷ୍ମୀ ମହାନ୍ତି, ରୋଜାଲିନ ସୁନ୍ଦରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପ ସଭାପତି ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତ ସପ୍ତାହ ସମାରୋହ

ବଳଙ୍ଗା, (ସବ୍ୟୁ):ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ ସଂସ୍କୃତ ବିଭାଗ ଆନୁକୁଲ୍ୟରେ ସଂସ୍କୃତ ସପ୍ତାହ ପାଳନ କରାଯାଇଛି। ବିଭାଗୀୟ ମୁଖ୍ୟ କେଳୁଚରଣ ପଣ୍ଡାଙ୍କ ସଭାପତିତ୍ୱାର ଅନୁଷ୍ଠିତ ଏହିକାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଏଂ ମୁଖ୍ୟ ବକ୍ତା ଭାବେ ଓଡ଼ିଆ ବିଭାଗର ମୁଖ୍ୟ ମିଥୁନ ମଲିକ ଏଂ ସୁବାସ ଚନ୍ଦ୍ର ମିଶ୍ର ଯୋଗଦେଇ ସଂସ୍କୃତର ମହନୀୟତା ଏଂ ଏହା ଏକ ଭାଷା ନୁହେଁ ବରଂ ବିଜ୍ଞାନ ବୋଲି ପ୍ରତିପାଦନ କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଅଧାପିକା ଭାରତୀ ତ୍ରିପାଠୀ ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ପ୍ରଶାନ୍ତ କୁମାର ମିଶ୍ର। ଶେଷରେ ସଂସ୍କୃତ ବିଭାଗର ଛାତ୍ରୀ ଆଲିଶା ମହାପାତ୍ର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କର ମନୋରଞ୍ଜନ କରାଇଥିଲେ।

## ଅକାଳରେ ଚାଲିଗଲା କାହ୍ନା :ଝୁରୁଛି ଜନ୍ମ ମାଟି



କଣ୍ଟିଲୋ,(ସବ୍ୟୁ): : କଣ୍ଟିଲୋ ହାଟମୁଣ୍ଡ ପାଟଣା କାହ୍ନା ସାଥୁଆ (୨୨) ଯକୃତ ଜନିତ ରୋଗରେ ପୀଡିତ ହୋଇ ପ୍ରାଣ ହରାଇଛନ୍ତି। ସେ ପୁରୀର ରଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜଣେ ସରଳ, ଉତ୍ସାହି ଯୁବକ ଭାବେ ଜଣାଶୁଣା କାହ୍ନା ପରିବାରର ଏକମାତ୍ର ରୋଜଗାର କ୍ଷମ ଥିଲେ। ୬ବର୍ଷ ପୂର୍ବେ ବାପାଙ୍କ ପରଲୋକ ପରେ କାହ୍ନା ପାଠ ପଢ଼ାରେ ଡୋରି ଲାଗିଥିଲା। ବିଧବା ମା, ଭଉଣୀ ଓ ଛୋଟ ସାନ ଭାଇ ଙ୍କୁ ପ୍ରତିପୋଷଣ ପାଇଁ କଲେଜ ପାଠ ପଢ଼ା ଛାଡି ବ୍ୟବସାୟ ପ୍ରତିଷ୍ଠାନରେ କାମ କରୁଥିଲେ। କିଡ଼ନୀ ରୋଗରେ ପଡିବା ପରେ ଚିକିତ୍ସାରେ ସର୍ବସ୍ୱାନ୍ତ ପରିବାର ମୁଣ୍ଡରେ ହାତ ଦେଇ କାହ୍ନାକୁ ଝୁରୁଛନ୍ତି। ବିଧବା ମା ବର୍ତ୍ତମାନ କଲେଜ ପଢୁଆ ଝିଅ ଓ ୧୦ମ ଶ୍ରେଣୀ ରେ ପଢୁଥିବା ସାନ ପୁଅକୁ କିଭଳି ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ଅପରପକ୍ଷେ କାହ୍ନାଙ୍କ ଅକାଳ ମୃତ୍ୟୁରେ ତାଙ୍କର ଜନ୍ମ ମାଟି ର ଆବାଳ ବୃଦ୍ଧ ବନିତା ଝୁରି ହଉଛନ୍ତି। ସେ ଜଣେ ଗରିବ ପିଲା ହେଇଥିବାରୁ ତାଙ୍କ ପରିବାରକୁ ସରକାରୀ ଆର୍ଥିକ ସହାୟତା ଦେବା ପାଇଁ ଦାବି ହଉଛି।

## ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ସାକ୍ଷୀଗୋପାଳ ,(ସବ୍ୟୁ):। ଉତ୍କଳ ମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଦ୍ୱାରା ୧୯୦୯ମସିହାରେ ପ୍ରତିଷ୍ଠିତ ଐତିହାସିକ ସତ୍ୟବାଦୀ ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୬ ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଓ ସତୀର୍ଥ ମାନଙ୍କ ପ୍ରତିମୂର୍ତ୍ତି ଓ ଗୋପବନ୍ଧୁଙ୍କ ଶେଷନିଶ୍ୱାସ ତ୍ୟାଗ ସ୍ଥଳରେ ମାଲ୍ୟାର୍ପଣ କରି ଅତିଥିମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଏହି ବନବିଦ୍ୟାଳୟ ପରାଧିନ ଭାରତରେ ଗୁରୁକୂଳ ଶିକ୍ଷାର ଏକୁଟିଶାଳ ସାଜିଥିଲା ବୋଲି ମୁଖ୍ୟ ଅତିଥି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ କର ମତ୍ୟକ୍ତ କରିଥିଲେ। ବନବିଦ୍ୟାଳୟ ଛାତ୍ର ମାନଙ୍କୁ ଶିକ୍ଷା, ସଂସ୍କାର, ସୋ ସହିତ ଭଲମଣିଷ ଭାବରେ ତିଆରି କରାଯାଉଥିଲା ବୋଲି ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ ପ୍ରଭାତ କୁମାର ରଥ କହିଥିଲେ। ସମ୍ମାନିତ ଅତିଥି ଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ବେହେରା, ବିଜୟ କୁମାର ପରିଡ଼ା, ସତ୍ୟବାଦୀ ଦାସ ଓ ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା ପ୍ରମୁଖ ଯୋଗ ଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ଅତୀତ ର ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ଶ୍ରେଣୀ କକ୍ଷ ଓ ଐତିହ୍ୟ ସ୍ମାରକୀପୀଠର ଜରାଜୀର୍ଣ୍ଣ ଅବସ୍ଥା ନେଇ କ୍ଷୋଭ ପ୍ରକାଶ କରିଥଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ସଭାପତିତ୍ୱ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗୀତା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭିକ ସୂଚନା ଓ ସୱାଗତ ଭାଷଣ ଶିକ୍ଷୟତ୍ରୀ ପ୍ରତୀକ୍ଷା ମିଶ୍ର ଓ ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର।

## ବାରମ୍ବାର ରେଳ ଫାଟକ ଜାମ କାରଣରୁ ବିଭାଗୀୟ ସର୍ଭେ ଆରମ୍ଭ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଦେଇ ଯାଇଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ରେଳ ଫାଟକ ସବୁବେଳେ ଅସମ୍ଭବ ଭିଡ ରହୁ ଥିବା କାରଣରୁ ଯାତାୟତ କରୁଥିବା ଲୋକେ, ଜରୁରୀକାଳୀନ ଯାନବାହାନ ହଇରାଣ ହେଉଥିବା ସହିତ ରେଳବାଇ ବିଭାଗ ଟ୍ରେନ ବିଳମ୍ବରେ ଅତିକ୍ରମ କରିବା, ଅତ୍ୟଧିକ ରାଜସ୍ୱ ହାନି ହେଉଛି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ମଧ୍ୟ ହେଉଛି। କିଛି ଲୋକ ନୂଆ ଜଗନ୍ନାଥ ସଡ଼କ କୁ ବାଇପାସ କରାଇ ନେବାକୁ ପ୍ରୟାସ ଜାରି ରଖିଥିବାବେଳେ କିଛି ଲୋକ ଓଭର ବ୍ରିଜ ରେଳ ଫାଟକ ଉପରେ ନିରାକାରପୁର ବଜାର ମଧ୍ୟ ଦେଇ ଯିବା ପାଇଁ ପ୍ରୟାସ କରୁଛନ୍ତି। ଯାହା ବି ହେଉ ରେଳ ଓଭର ବ୍ରିଜ ଯେଉଁ ଠାରେ ହେଲେ ବି ସ୍ଥାନୀୟ ଜନସାଧାରଣଙ୍କ ଯାତାୟତ ପାଇଁ ରେଳ ଫାଟକ ଉତ୍ତର ଦିଗରେ ଏକ ଅଣ୍ଡର ପାସ ର୍ନିମାଣ ପାଇଁ। ପ୍ରସ୍ତାବ ଥିବାର ସୂଚନା ରହିଛି। ପ୍ରକୃତରେ ଅତ୍ୟଧିକ ଦୁଇ ଚକିଆ ଯାନ ଭିଡ଼କୁ ଦୁଇ ଗୁଣିତ କରୁଛି। ଯଦି ଅଣ୍ଡର ପାସ ମାଧ୍ୟମରେ ଏଗୁଡ଼ିକ ଅତିକ୍ରମ କରି କରିଦିଅନ୍ତି ତେବେ କେତେକାଂଶ ରେ ଭିଡ କମିଯାଇ ପାରିବ ବୋଲି କେତେକ ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି । ବର୍ତମାନ ଏହି ରେଳ ଫାଟକରେ ଦିନକୁ ଦିନ ଭିଡ ବୃଦ୍ଧି ପାଇବାରେ ଲାଗିଛି। ଫାଟକ ଜଗୁଆଳି ଫାଟକ ପକାଇ ପାରୁ ନ ଥିବାବେଳେ ଟ୍ରେନ ଆସି ଅନେକ ସମୟରେ ସିଗ୍ନାଲ ପୂର୍ବରୁ ଛିଡା ହେବାକୁ ପଡୁଛି। ତେଣୁ ଏ ସବୁକୁ ଆଖି ଆଗରେ ରଖି ଗହଳି ଓ ଭିଡ କମାଇବା ଉଦ୍ଦେଶ୍ୟରେ ଦୁଇ ଦିନ ତଳେ ରେଳ ବିଭାଗ ତରଫରୁ କିଛି କର୍ମଚାରୀ ଆସି ଡ୍ରୋନ ଉଡ଼ାଇ କ୍ୟାମେରା ରେ ଫଟୋ ଉଠାଇ ସର୍ଭେ କରୁଥିବାର ଦେଖିବାକୁ ମିଳିଥିଲା। ସେମାନେ ରେଳ ଫାଟକର ଉଭୟ ପାର୍ଶ୍ୱ, ରେଳ ଫାଟକର ଉତ୍ତର ଦିଗ ଓ ଦକ୍ଷିଣ ଦିଗରେ ଧଳା ଚୁନରେ କିଛି ଚିହ୍ନିତ ହୋଇଥିବାରୁ ଏହା ରେଳ ବିଭାଗ ତରଫରୁ ଅଣ୍ଡର ପାସ କିମ୍ବା ଓଭର ବ୍ରିଜ ର୍ନିମାଣ କାର୍ଯ୍ୟ କରିବା ପାଇଁ ସର୍ଭେ ହେଉଥିବା ଆଲୋଚନା ହେଉଛି। କିନ୍ତୁ ରେଳ ବିଭାଗ ତରଫରୁ କୌଣସି ର୍ନିଦ୍ଦିଷ୍ଟ ସୂଚନା ଏ ପର୍ଯ୍ୟନ୍ତ ମିଳିପାରି ନ ଥିବା ଜଣାପଡିଛି।

## ଅମଲାଙ୍କ ଆନ୍ଦୋଳନ ଅଫିସ କାମ ଠପ

ଦଦପଲ୍ଲ ,(ସବ୍ୟୁ): ଅମଲାମାନଙ୍କ ଆନ୍ଦୋଳନ ଫଳରେ ଦଶପଲ୍ଲାରେ ଅଫିସ କାମ ଠପ ହୋଇ ପଡିଛି । ବିଭିନ୍ନ ଅଫିସ ଖାଁ ଖାଁ ଲାଗୁଥିବାବେଳେ ନିଜର କାମ ପାଇଁ ଆସିଥିବା ଜନସାଧାରଣ ନିରାସ ହୋଇ ଫେରିଛନ୍ତି । ବିଶେଷ ଭାବେ ଅମଲା ସଂଘ ପକ୍ଷରୁ ପ୍ରମୋସନ,ପେନସନ,ଇନ୍ସୁରାନ୍ସ, ଏବଂ ସେମାନଙ୍କ ଟ୍ରେନିଂ କୁ ନେଇ ଅମଲା ମାନେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସତ୍ୟବାଦୀ ଦିବସ ପାଳିତ

ସାକ୍ଷୀଗୋପାଳତା ,(ସବ୍ୟୁ) :ସ୍ଥାନୀୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଦ୍ୱିତୀୟ ଥର ପାଇଁ ସତ୍ୟବାଦୀ ଦିବସ–୨୦୨୫ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧକ୍ଷତାରେ ଏକ ସମ୍ମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ କବି ତଥା ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ ଯୁବ ସାହିତ୍ୟିକ ତଥା ରେଭେନ୍ସା ବିଶବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର। ଆଦର୍ଶ ମଣିଷ, ସୁସ୍ଥ ସମାଜ ଓ ଉନ୍ନତ ଦେଶର ପରିକଳ୍ପନା କେବଳ ଉତ୍କଳମଣିଙ୍କର ରହିଥିଲା । ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଉକ୍ତ ସମ୍ମାନରେ ଶ୍ରୀ ନାରାୟଣ ପ୍ରସାଦ ବେହେରା, ଡ. ଶୁଭେନ୍ଦୁ ପରିଡ଼ା, ଡକ୍ଟର ସଙ୍ଗୀତା ଜେନା, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ, ଡ. ପ୍ରୀତିସୀମା ସ୍ୱାଇଁ, ଶ୍ରୀ ବିଜୟ ମିଶ୍ର ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ତଥା ତିନି ବିଭାଗର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଉଭୟ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ବିଶ୍ୱବିଦ୍ୟାଳୟ ପାଠାଗାର ନିମନ୍ତେ ସ୍ୱରଚିତ ପୁସ୍ତକଗୁଡ଼ିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପରିଶେଷରେ ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ଉପସ୍ଥିତ ଅତିଥି, ଆଲୋଚକ ତଥା କର୍ମକର୍ତ୍ତାଗଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ପଞ୍ଚାୟତର ପ୍ରଥମ ଜନଶୁଣାଣି ଶିବିର

ଗୋପ,(ସବ୍ୟୁ): ସୋମବାର ପ୍ରଥମ କରି ଗୋପ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନ ପୟରା ପଞ୍ଚାୟତରେ ମୋ ପଞ୍ଚାୟତ ମୋ ତହସିଲ ଯୋଜନା ଶୁଭାରମ୍ଭ ହୋଇଛି। ଏହି ଜନଶୁଣାଣୀ ଶିବିରରେ ୧୧୬ ଗୋଟି ଅଭିଯୋଗ ଆସିଥିବା ବେଳେ ଖୁବଶିଘ୍ର ଏହି ସବୁ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ସମାଧାନ ସମାଧାନ କରାଯିବ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ୍ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ ସରକାର ଜମିଜମା ସଂପର୍କିତ ଅଭିଯୋଗ ଉପରେ ଏବେ ଅଧିକ ମାତ୍ରାରେ ଗୁରୁତ୍ୱ ଦେବା ସହିତ ମୋ ପଞ୍ଚାୟତ ମୋ ତହସିଲ ଯୋଜନା ଦ୍ୱାରା ଏହାର ତ୍ୱରିତ ସ୍ଥାୟୀ ସମାଧାନ କରିବା ପାଇଁ ଏପରି ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୬ ଗୋଟି ଅଭିଯୋଗ ମଧ୍ୟରେ ଖାନା ସଂଶୋଧନ ଲାଗି ଦରଖାସ୍ତ ଗ୍ରହଣ,ଖାନା ସଂଶୋଧନ ପଟ୍ଟା ବଣ୍ଟନ, ବସୁନ୍ଧରା ଯୋଜନା ରେ ଅଭିଯୋଗ ସହିତ ପଟ୍ଟା ବଣ୍ଟନ, ଅଭିଯୋଗ ଗ୍ରହଣ ଓ ଶୁଣାଣି, ସମସ୍ତ ପ୍ରମାଣପତ୍ର ଅନୁମୋଦନ ଓ ସମସ୍ତ ରାଜସ୍ୱ ଅଭିଯୋଗ ଉପରେ ତ୍ୱରିତ ସମାଧାନ ଭଳି ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପୟରା ପଞ୍ଚାୟତ ସରପଞ୍ଚ ସୁମନ୍ତ କୁମାର ନାୟକ ଓ ସମିତି ସଭ୍ୟ ତଥା ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଜନଶୁଣାଣୀ ଶିବିରରେ ବସୁନ୍ଧରା ଯୋଜନା ଉପରେ ୪୪ ଗୋଟି ଆବେଦନ ପତ୍ର ଆସିଥିବା ବେଳେ ଅନ୍ୟାନ୍ୟ ରାଜସ୍ୱ ସମ୍ପର୍କିତ ଆବେଦନ ୭୨ ଗୋଟି ଆସିଥିବା ଗୋପ ରାଜସ୍ୱ ନିରୀକ୍ଷକ ଜି, ରଶ୍ମିତା ପ୍ରଧାନ କହିଛନ୍ତି। ଅନ୍ୟ ପକ୍ଷରେ ପୟରା ପଞ୍ଚାୟତର କେତେକ ଅଞ୍ଚଳରେ କେନାଲ ନ ଥାଇ ଚାଷୀମାନେ ଜଳକର ନୋଟିସ ହେଉଥିବା ଅଭିଯୋଗ ଉପରେ ଏକ ତିନି ଜଣିଆ ପ୍ରତିନିଧି ଦଳ କରାଯାଇ ସ୍ଥାୟୀ ସମାଧାନ ହେବ ବୋଲି ଜଣା ପଡ଼ିଥିବା ବେଳେ ପ୍ରତ୍ୟେକ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ମାସରେ କରାଯାଇ ସାଧାରଣ ଲୋକ ମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି। ସରକାରଙ୍କ ଏପରି ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ସାଧାରଣ ଲୋକ ମାନେ ସନ୍ତୋଷ ପ୍ରକାଶ କରିଛନ୍ତି।

## ସମାଜସେବୀ ଦୀପକ କୁମାର ଚୌଧୁରୀ ସମ୍ବର୍ଦ୍ଧିତ

ଫୁଲନଖରା ,(ସବ୍ୟୁ): ଲାୟନ୍ସ କ୍ଲବ ଇଣ୍ଟରନେସନାଲ ଓଡ଼ିଶା ପ୍ରଦେଶ ପକ୍ଷରୁ ବାଲେଶ୍ୱର ଠାରେ ଅନୁଷ୍ଠିତ ସଭାରେ ସମାଜସେବା କ୍ଷେତ୍ରରେ ଅବଦାନ ନେଇ ଦୀପକ କୁମାର ଚୌଧୁରୀଙ୍କୁ ପ୍ରେସିଡେନ୍ସିଆଲ ଆୱାର୍ଡ଼ ପ୍ରଦାନ କରାଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଚେନ୍ନାଇର ପୂର୍ବ ଇଣ୍ଟରନେସନାଲ ନିର୍ଦ୍ଦେଶକ ଲାୟନ ଏନ.ଏସ ଶଙ୍କର ଯୋଗ ଦେଇ ଲାୟନ୍ସ ଜିଲ୍ଲା ୩୨୨ ସି୫ ର ସମସ୍ତ କ୍ୟାବିନେଟ ମେମ୍ବର ଓ ସହ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର




ଚୌଧୁରୀ,ଗିରିଜା ମିଶ୍ର,କୋଷାଧକ୍ଷ ମନିଷା ଦାସ,ସହ କୋଷାଧକ୍ଷ ବାବଲି ଗୁପ୍ତା,ସମ୍ପାଦକ କ୍ରିଷ୍ଣା ଦାସ, ସହ ସମ୍ପାଦକ ଶର୍ମିଷ୍ଠା ଦାସ ଏବଂ ଜିଏଲଟି କୋଡ଼ି ନେଟର ସୌମ୍ୟରଞ୍ଜନ ପ୍ରଧାନ,ଜିଏମଟି କୋଡ଼ି ନେଟର ସଂଗ୍ରାମ ରଞ୍ଜନ ଦାସ,ଜିଏସଟି କୋଡ଼ି ନେଟର ସମରେଶ ଡିଣ୍ଡା,ଜିଇଟି କୋଡ଼ି ନେଟର ସଞ୍ଜୟ ସନ୍ତୁକ ସହିତ ଦ୍ୱିତୀୟ ଭାଇସ ଜିଲ୍ଲା ଗଭର୍ଣ୍ଣର ଅଶୋକ କୁମାର ମହାନ୍ତି,ପ୍ରଭାତ ମହାନ୍ତି,ଶରତ ପ୍ରଧାନ,ପ୍ରଥମ ଜିଲା ଗଭର୍ଣ୍ଣର ବିକାଶ ନାୟକ ଏବଂ ଏ ବର୍ଷ ୨୦୨୫–୨୬ ବର୍ଷ ପାଇଁ ଜିଲ୍ଲା ଗଭର୍ଣ୍ଣର ଭାବରେ ମମତା ଦାସଙ୍କୁ ଶ୍ରୀଯୁକ୍ତ ଏନଏସ ଶଙ୍କର ଶପଥ ପାଠ କରାଇଥିଲେ । ଏହି ସଭା ଏବଂ ଶପଥ ପାଠର ଆୟୋଜନ ଜିଲ୍ଲା ଗଭର୍ଣ୍ଣର ମମତା ଦାସ ଆୟୋଜନ କରିଥିବା ବେଳେ,ପୂର୍ବ ବର୍ଷ ଅର୍ଥାତ୍ ୨୦୨୪–୨୫ ବର୍ଷର ଜିଲ୍ଲା ଗଭର୍ଣ୍ଣର ପ୍ରଲୁବ୍ଧ ଜେନାଙ୍କ ଦାରା ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ଉତ୍ସବରେ ସୁଦୂର କଲିକତାର ମଲ୍ଟିପୁଲ ଏମଡି ୩୨୨ ର ଦୁଇଜଣ ଲିଡର ର୍ନିମଳ ଗିଡ୍ରା ଏବଂ ପ୍ରବୀଣ ଅଗ୍ରୱାଲ ଯୋଗ ଦେଇଥିଲେ । ଏହି ସଭାରେ ୨୦୨୫/୨୬ ବର୍ଷ ପାଇଁ ଡିଷ୍ଟ୍ରିକ୍ଟ ଡାଇରେକ୍ଟୋରି ଲାୟନ୍ସ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ଚୌଧୁରୀ,ସହ ଲୋକ ସମ୍ପର୍କ ଅଧିକାରୀ ଗିରିଜା ମିଶ୍ର,ପ୍ରଭାତ ମହାନ୍ତି,ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପ୍ରଲୁବ୍ଧ ଜେନା,୨୦୨୫/୨୬ ବର୍ଷର ନୂତନ ଗଭର୍ଣ୍ଣର ମମତା ଦାସ, ର୍ନିମଳ ଗିଡ୍ରା,ପ୍ରବୀଣ ଅଗ୍ରୱାଲଙ୍କ ଦାରା ଉନ୍ମୋଚନ କରାଯାଇଥିଲା।

## ମୋବାଇଲ ଟାୱାର ସର୍କିଟ ଚୋରି : ଯନ୍ତ୍ରୀ ଗିରଫ



ଆଠଗଡ ,(ସବ୍ୟୁ): ମୋବାଇଲ କମ୍ପାନୀ ରେ ଯନ୍ତ୍ରୀ ଭାବରେ କାମ କରୁଥିଲେ। କିନ୍ତୁ ଟାୱାର ରେ ଲାଗିଥିବା ସର୍କିଟ ଚୋରି କରୁଥିଲେ। ଶେଷ ରେ ଆଠଗଡ଼ ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି ସଂପୃକ୍ତ ଯନ୍ତ୍ରୀ।ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଥାନା ପଣ୍ଡାଳ ଗ୍ରାମ ସର୍ଗତ ସଦାନନ୍ଦ ନାୟକଙ୍କ ପୁଅ ଜନ୍ମେଜୟ ନାୟକ (୩୨) ।ସେ ଏୟାରଟେଲ ଏବଂ ଭୋଡାଫୋନ କମ୍ପାନୀରେ ଯନ୍ତ୍ରୀ ଭାବରେ କାମ କରୁଥିଲେ। କିନ୍ତୁ ତାଙ୍କ ନାମରେ ମୋବାଇଲ ଟାୱାର ସର୍କିଟ ଚୋରି କରୁଥିବା ଓଡିଶାର ବିଭିନ୍ନ ଜିଲ୍ଲାରେ ୯ ରୁ ଅଧିକ ମାମଲା ଥିବା ଜଣାପଡିଛି। ତାଙ୍କ ନିକଟରୁ ମୋବାଇଲ ଟାୱାର ସର୍କିଟ ସହିତ ଅନ୍ୟାନ୍ୟ ଯନ୍ତ୍ରାଂଶ,କେବୁଲ ତା'ର, ଚୋରିରେ ବ୍ୟବହୃତ ସ୍କ୍ରୁ ଡ୍ରାଇଭର ଗୋଟିଏ ହୋଣ୍ଡା ଆକ୍ଟିଭା ଗାଡ଼ି ନଂ ଓଡି –୦୧– ଏଜେ –୩୮୧୨ ଜବତ କରା ଯାଇଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୧୪)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍ ।**
**ବିବିଧଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ॥ ୧୪ ॥**

(ତାନ୍ୟବାହ)– ଅଧିଷ୍ଠାନଂ (ଶରୀରଂ) ତଥା କର୍ତ୍ତା (ଅହଂଙ୍କାରଃ), ପୃଥଗ୍‌ବିଧଂ (ଅନେକପ୍ରକାରଂ) କରଣଂ (ଚକ୍ଷୁଶ୍ରୋତ୍ରାଦି) ଚ, ବିବିଧାଃ ପୃଥକ୍‌ଚେଷ୍ଟାଃ (ପ୍ରାଣାପାନାଦିବ୍ୟାପାରାଃ) ଅତ୍ର ପଞ୍ଚମଂ ଦୈବଂ ଚ (ଚକ୍ଷୁରାଦ୍ୟନୁଗ୍ରହକମାଦିତାଦି, ସର୍ବପ୍ରେରକଃ ଅର୍ନ୍ତଯାମୀ ବା) ॥ ୧୪ ॥

# ବିରୋଧୀ ଦଳକୁ ନିଜ ଦଳରୁ ବିରୋଧ

ଭାରତରେ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ କେନ୍ଦ୍ରର ବିଜେପି ସରକାରଙ୍କୁ ଗଠନମୂଳକ ସମାଲୋଚନା କରାଗଲେ, ଭାରତରେ ଗଣତନ୍ତ୍ର ଭାରସାମ୍ୟ ରଖି ଆଗକୁ ଚାଲିପାରିବ । ବିରୋଧୀ କଂଗ୍ରେସ ଓ ତାହାର ସହଯୋଗୀ ଇଣ୍ଡିମେଣ୍ଟ ରାହୁଲଙ୍କ ନେତୃତ୍ୱରେ ନୂଆ କିଛି କରି ଦେଖାଇବ ବୋଲି ଭାରତର ସଚେତନ ଲୋକେ ଆଶା କରୁଥିଲେ । ମାତ୍ର ତାହା ସମ୍ଭବ ହେଉନାହିଁ । ନିର୍ବାଚନ କମିଶନ ଭୋଟ ଚୋରୀ କରିଛନ୍ତି ବୋଲି ଯେଉଁ ଅଭିଯୋଗ ଶ୍ରୀ ରାହୁଲ ଗାନ୍ଧି ଆରମ୍ଭ କରିଛନ୍ତି, ତାହା ସହଜରେ ଦାନା ଧରି ପାରୁନାହିଁ । ଏବେ ତାଙ୍କ ନିଜ ଦଳ ପକ୍ଷରୁ ତାଙ୍କୁ ବିରୋଧ କରାଯିବା ଘଟଣା ଜନସାଧାରଣଙ୍କୁ ବିସ୍ମିତ କରିଛି । ଦେଶରେ ଅନେକ ସମସ୍ୟା ରହିଛି । ଦେଶ ଯେତେବେଳେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି, ସେତେବେଳେ ଦେଶକୁ ଶାସକ ଦଳ ପରି ଆଗକୁ ନେବା ଦାୟିତ୍ୱ ମଧ୍ୟ ବିରୋଧୀ ଦଳର ରହିଛି । ମାତ୍ର ଦଳ ସେଥିରେ ନମାତି ଗତ ୨୦୨୪ ସାଧାରଣ ନିର୍ବାଚନରେ ଦଳର ପରାଜୟ କାହିଁକି ଘଟିଲା, ସେ ବିଷୟରେ ଆତ୍ମସମୀକ୍ଷା କରାଯିବା ଦରକାର ଥିଲା । ବଡ଼ କଥା ହେଉଛି ଯେ ରାହୁଲ ଗାନ୍ଧି ନିର୍ବାଚନ କମିଶନଙ୍କ ନିକଟରେ ଭୋଟ ଚୋରୀ ବିଷୟରେ ଯେଉଁ ଅଭିଯୋଗ କରିଛନ୍ତି, ତାହାକୁ କର୍ଣ୍ଣାଟକର ସମବାୟ ମନ୍ତ୍ରୀ ଶ୍ରୀ କେ.ଏନ୍.ରାଜାନ୍ନା ବିରୋଧ କରି କହିଛନ୍ତି ଯେ ଗତ ୨୦୨୪ ସାଧାରଣ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀମାନଙ୍କରେ କଂଗ୍ରେସ କାହିଁକି ହାରିଲା, ସେ ଦାୟିତ୍ୱ ମଧ୍ୟ କଂଗ୍ରେସ ଦଳ ନେବା ଆବଶ୍ୟକ ।

ମନ୍ତ୍ରୀ ଶ୍ରୀ କେ.ଏନ୍.ରାଜାନ୍ନା ମଧ୍ୟ ଆହୁରି କହିଛନ୍ତି ଯେ ନିର୍ବାଚନ କମିଶନଙ୍କଦ୍ୱାରା ଭୋଟଦାତାଙ୍କ ତାଲିକାରେ ସଂଶୋଧନ ଆମ ସରକାର (କଂଗ୍ରେସ ଦଳ) କ୍ଷମତାସୀନ ଥିବାବେଳେ କରାଯାଇଥିଲା । ସେତେବେଳେ ଆମ ଦଳ କାହିଁକି ସେପରି ଘଟଣା ପ୍ରତି ସଚେତନ ନ ରହି ଆଖି ବୁଜି ଦେଇଥିଲା ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି । ସେ କହିଛନ୍ତି, 'ଏ କଥା ସତ ଯେ ଭୋଟର ତାଲିକାରେ ଯେଉଁ ତ୍ରୁଟି ରହିଥିଲା, ତାହା ଆମ କଂଗ୍ରେସ ସରକାରଙ୍କ ଅମଳରେ ହିଁ ହୋଇଥିଲା । ନିର୍ବାଚନ କମିଶନ ସେତେବେଳେ କହିଥିଲେ, କୌଣସି ଦଳର ଆପତ୍ତି ଅଭିଯୋଗ ଥିଲେ, ତାହାକୁ ଅନୁଧ୍ୟାନ କରି ଭୋଟର ତାଲିକାକୁ ସଂଶୋଧନ କରାଯିବାର ଥିଲା । ସେ ସମୟରେ ଆମ କଂଗ୍ରେସ ଦଳ ପକ୍ଷରୁ କୌଣସି ଆପତ୍ତି ବା ଅଭିଯୋଗର ସ୍ୱର ଉତ୍ତୋଳନ କରାଯାଇ ନଥିଲା । ବିଶେଷ କରି ମହାଦେବପୁରା ନିର୍ବାଚନ ମଣ୍ଡଳୀରେ, ଯେଉଁଠି ଭୋଟ କାରସାଦିର ବହୁ ଅଭିଯୋଗ ରହିଥିଲା, ଆମେ ସେ ବିଷୟରେ ନୀରବ ରହିଯାଇଥିଲୁଁ । ଆଉ ଆମେ ଏବେ ଭୋଟ ଚୋରୀ ବିଷୟରେ ସ୍ୱର ଉତ୍ତୋଳନ କରି ଲାଭ କ'ଣ 'ବୋଲି ସେ କହିଛନ୍ତି ।' ଅବଶ୍ୟ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଶ୍ରୀ ଡି.କେ. ଶିବକୁମାରଙ୍କ ସମର୍ଥକମାନେ ଅଭିଯୋଗ କରି କହିଛନ୍ତି ଯେ ଶ୍ରୀ କେ.ଏନ୍.ରାଜାନ୍ନା ଦଳର ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ଦଳ ବିରୋଧରେ କାହିଁକି ଏପରି କହୁଛନ୍ତି ।

ଉଲ୍ଲେଖନୀୟ ଯେ କର୍ଣ୍ଣାଟକରେ ଏବେ ଭିତରେ ଭିତରେ କ୍ଷମତା କନ୍ଦଳ ଚାଲିଛି । କିଏ ମୁଖ୍ୟମନ୍ତ୍ରୀ ହେବେ, ସେଥିପାଇଁ ଛକାପଞ୍ଝା ଚାଲିଛି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧାରାମାୟା ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀ ଡି.କେ. ଶିବକୁମାରଙ୍କ ମଧ୍ୟରେ ଥିବା କନ୍ଦଳ ବିଷୟରେ ସମସ୍ତେ ଜାଣିଛନ୍ତି । ଇତିମଧ୍ୟରେ କର୍ଣ୍ଣାଟକର ରାଜ୍ୟ ସରକାର ଭୋଟ ଚୋରୀ ବିଷୟରେ ତଦନ୍ତ କରିବାକୁ ରାଜ୍ୟର ଆଡଭୋକେଟ ଜେନେରାଲଙ୍କୁ ଏକ ରିପୋର୍ଟ ପ୍ରସ୍ତୁତ କରାଯିବାକୁ କୁହାଯାଇଛି ବୋଲି ଦଳର ଜଣେ ବିଧାୟକ ଶ୍ରୀ ଏଚ୍.ଡି. ରଙ୍ଗନାଥ ପ୍ରକାଶ କରିଛନ୍ତି । ଦଳ ଭିତରେ କୁହୁଳୁଥିବା ଅସନ୍ତୋଷ ଉପରେ କଂଗ୍ରେସର ହାଇକମାଣ୍ଡ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ମଧ୍ୟ କହିଛନ୍ତି ।

ତେଣୁ କଂଗ୍ରେସ ଦଳ ଭୋଟ ଚୋରୀ ଉପରେ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିବା କଥା, କରୁ । କିନ୍ତୁ ନିଜ ଦଳରେ ସୃଷ୍ଟି ହୋଇଥିବା ଫାଟକୁ ପ୍ରଥମେ କଂଗ୍ରେସ ମରାମତି କରୁ । ଭାରତର ସ୍ୱାଧୀନତା ପରେ, ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ ଦାୟିତ୍ୱ ସମ୍ଭାଳିଥିବା ଶ୍ରୀ ସି. ରାଜଗୋପାଳାଚାରୀ (ରାଜାଜୀ) ତାଙ୍କ ରଚିତ 'Rescue Democracy from Money Power' (ଅର୍ଥଶକ୍ତି କବଳରୁ ଗଣତନ୍ତ୍ରକୁ ବଞ୍ଚାଅ) ପୁସ୍ତକରେ ପ୍ରତି ଘର ବୁଲି ଭୋଟ ଅଣାଯିବା ବିଷୟରେ ଯାହା ଚିନ୍ତା କରିଥିଲେ, ତାହା ସର୍ବୋତ୍କୃଷ୍ଟ ପନ୍ଥା ବୋଲି ମନେହୋଇଥାଏ ।

## ଭକ୍ତିର ଶକ୍ତି

**ବିଜ୍ଞାନ କେବଳ ଧାତୁକୁ ତରଳାଇ ଦେଇପାରେ କିନ୍ତୁ ପଥରକୁ ନୁହେଁ, ପଥରକୁ ଆକାର ଦେଇ ମୂର୍ତ୍ତି ଗଢ଼ିପାରେ କିନ୍ତୁ ତା' ଭିତରେ ଜୀବନ ସଂଚାର କରିପାରେ ନାହିଁ, କିନ୍ତୁ ଭକ୍ତି ପଥରକୁ ତରଳାଇ ଦେଇପାରେ ଆଉ ତା' ଦେହରେ ବି ଜୀବନ ସଂଚାର କରିପାରେ ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅଣାଅଶୀତମ ସ୍ୱାଧୀନତା ଦିବସର ଚିନ୍ତା



**ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ**

ସେଦିନ ଅତୀତ ହୋଇଯାଇଛି । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖର ଅବିସ୍ମରଣୀୟ ମୁହୂର୍ତ୍ତ ସମୂହ । ଯେଉଁଦିନ ଅଫୁରନ୍ତ ଆନନ୍ଦ ଉଲ୍ଲାସ, ଉତ୍ସାହ ଉଦ୍ଦୀପନା ତଥା ଆବେଗ ସହକାରେ ଆକୁମାରୀ ହିମାଚଳ ସର୍ବତ୍ର ତ୍ରିରଙ୍ଗା ଉଡାଇ ଭାରତୀୟମାନେ ପ୍ରାଣପ୍ରାଚୁର୍ଯ୍ୟ ଓ ଉଲ୍ଲାସରେ ଆତ୍ମହରା ହୋଇଥିଲେ । ଏବେ ସେହି ପତାକା ଅଛି । ସେହିଭଳି ପ୍ରତିବର୍ଷ ଭାରତର ଆକାଶରେ ସେଦିନ ତ୍ରିରଙ୍ଗା ଉଡିବା ସଙ୍ଗେ ସଙ୍ଗେ ଆମକୁ ସେଦିନର ସ୍ୱପ୍ନ ଓ ସଂକଳ୍ପ ସମ୍ପର୍କରେ ସ୍ମରଣ କରାଇଦେଉଛି । କିନ୍ତୁ ସେଦିନର ଆଶା, ଆକାଙ୍‌କ୍ଷା, ସ୍ୱପ୍ନ–ସଂକଳ୍ପ ମଳିନ ପଡିଯାଇଥିବାର ମନେ ହେଉଛି । ସ୍ୱାଧୀନ ଭାରତର ଜନ୍ମଦିବସ ପାଳନ ଏବେ ଏକ ଔପଚାରିକତାରେ ସୀମିତ ହୋଇଥିବା ପରି ପ୍ରତୀୟମାନ ହେଉଛି । ସେଦିନର ଦେଶପ୍ରେମ, ସଂଗ୍ରାମର ଭାବଧାରା ଓ ଜାତୀୟତା ଯାହା ଅନେକ ସଂଗ୍ରାମୀ ଓ ସହୀଦଙ୍କୁ ସୃଷ୍ଟି କରିଥିଲା, ତାହା ଆଜି ନିଷ୍ପ୍ରଭ ହୋଇଯାଇଛି । ଦେଶପ୍ରେମ ଭାବନାର ଦ୍ରୁତ ଅବକ୍ଷୟ ଆମ୍ଭମାନଙ୍କୁ ଏକ ଏକ ସ୍ୱାର୍ଥାନ୍ୱେଷୀ, ବସ୍ତୁବାଦୀ ଓ ଆତ୍ମସର୍ବସ୍ୱ ସମାଜ ଉପହାର ଦେଇଛି ।

ଆମେ ସର୍ବଦା ନାଗରିକର ଦାୟିତ୍ୱ ଅପେକ୍ଷା, ଅଧିକାରକୁ ଅଗ୍ରାଧିକାର ଦେଇଚାଲିଛୁ । ଶିକ୍ଷା ବ୍ୟବସ୍ଥାରେ ଆଗାମୀ ପିଢ଼ିପାଇଁ ଦେଶପ୍ରେମ ଭାବ ଉଦ୍ରେକ କଲାଭଳି ସେଭଳି କିଛି ପାଠ୍ୟ ଖସଡା ନାହିଁ, ଯଦିଓ ଆମ ଦେଶରେ ବହୁ ଆଦର୍ଶ ବ୍ୟକ୍ତି ଜନ୍ମ ଲାଭ କରି ମାଟିକୁ ନିତ୍ୟ, ଚିରନ୍ତନ ଭାବଧାରାରେ ପ୍ଲାବିତ କରିଛନ୍ତି । ମଧୁବାବୁ, ଗୋପବନ୍ଧୁ, କୃଷ୍ଣଚନ୍ଦ୍ର, ହରିହର, ସୁଭାଷ, ରମାଦେବୀ, ନବକୃଷ୍ଣ, ଆମ୍ବେଦକର, ଶାସ୍ତ୍ରୀ, ତିଲକ, ଗାନ୍ଧିଜୀଙ୍କ ଭଳି ଆଦର୍ଶ ରାଷ୍ଟ୍ରନେତା ଆମର ପଥପ୍ରଦର୍ଶକ । ବିବେକାନନ୍ଦ, ରାମକୃଷ୍ଣ, ଦଧିଚୀ, ଦାସିଆ, ସାଲବେଗ, ଭୀମଭୋଇ, ରଘୁ ଅରକ୍ଷିତ, ଅରବିନ୍ଦ, କବୀର, ନାନକ, ବୁଦ୍ଧ ଆଦି ବହୁ ସନ୍ଥ ଓ ମନୀଷି ଗଣ ଏ ମାଟିରେ ଜନ୍ମ ହୋଇ ସେମାନଙ୍କ ଚିରନ୍ତନ, ବାଣୀ ମାଧ୍ୟମରେ ବହୁ ଆଧ୍ୟାତ୍ମିକ ଓ ଆତ୍ମିକ ଚେତନାର ସ୍ୱର ଶୁଣାଇଛନ୍ତି । ବାଘାଯତୀନ, ବାଜିରାଉତ, ଲକ୍ଷ୍ମଣ ନାଏକ, ରଘୁ ଦିବାକର, ଉଦ୍ଧାମ ସିଂ, ଜୟୀ ରାଜଗୁରୁ, ଚନ୍ଦନ ହଜୁରୀ, ବକ୍‌ସି ଜଗବନ୍ଧୁ, ମାଧବ ରାଉତରାୟ, ବିର୍ସାମୁଣ୍ଡା, ଭଗତ ସିଂ ଓ ସବରକରଙ୍କ ଭଳି ସହୀଦଙ୍କ ଜୀବନୀ ଦେଶପ୍ରାଣତାର ଶିଖର ଛୁଇଁଛି । ରାମଚନ୍ଦ୍ରଙ୍କ ଭଳି ଆଦର୍ଶ ମର୍ଯ୍ୟାଦା ପୁରୁଷ, ହନୁମାନଙ୍କ ଭଳି ଭକ୍ତ, ଗାନ୍ଧାରୀଙ୍କ ଭଳି ଜନନୀ ଆମ ଧର୍ମଚେତନା ସହ କାଳକାଳ ଧରି ଯୋଡି ହୋଇଛି । ଏ ସବୁ ଶିକ୍ଷଣୀୟ ଜୀବନାଦର୍ଶ ଶିକ୍ଷା ବ୍ୟବସ୍ଥାରେ ସ୍ଥାନିତ ହେବା ବାଞ୍ଛନୀୟ । ଶିକ୍ଷା ବ୍ୟବସ୍ଥାରେ ସ୍ୱାଧୀନତା ସମୟର ଭାବଧାରା ସହ ନାଗରିକର ଦାୟିତ୍ୱ, କର୍ତ୍ତବ୍ୟ ସମ୍ପର୍କରେ ଆତ୍ମଚେତନା ଉଦ୍ରେକ କରାଇବା, ନୀତି–ଆଦର୍ଶ ସମ୍ପନ୍ନ ମାନବ ସୃଷ୍ଟି କରିବା ବିନା ଗୋଟିଏ ଉଚ୍ଚ ସଂସ୍କୃତି ସମ୍ପନ୍ନ ଜାତି ସୃଷ୍ଟି କରାଯାଇ ନ ପାରେ । ନେତା, ଶିକ୍ଷକ, ବିଚାରପତି, ପ୍ରଶାସକ – ସମସ୍ତଙ୍କର ଜୀବନାଦର୍ଶକୁ ଯୁବପିଢ଼ି ଅନୁକରଣ କରେ । ଉଚ୍ଚାରଣକୁ ନୁହେଁ, ଆଚରଣକୁ ଜୀବନ ଗଠନର ଉପାଦାନ ଭାବେ ସଂଗ୍ରହ କରେ । ଅଥଚ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ ସମୟରେ ଆମେମାନେ ପ୍ରତାରଣାର ଇନ୍ଧନ ଭାଷଣ ମାଧ୍ୟମରେ ଭରିଦେଉଁ । ତାହାର ପ୍ରଭାବ ଯୁବ ପିଢ଼ିଙ୍କ ମନରେ ଏକ ସର୍ବଗ୍ରାସୀ ଅଗ୍ନିଶିଖା ସୃଷ୍ଟି କରେ ।

ପ୍ରତିଶ୍ରୁତି ମାଧ୍ୟମରେ ପ୍ରତାରଣାର ଜାଲବୁଣି କିପରି ନିଜକୁ ଢ଼ାଙ୍କିହେବ ତାର ବାଟଖୋଜୁଁ ଆମେ । ଗାନ୍ଧିଜୀ ସର୍ବଦା କହୁଥିଲେ–"My life is my message". ଜଣେ ଡକାୟତ 'ଚୋରି ଏକ ପାପ' ବୋଲି ଯେତେ ଚିତ୍କାର କଲେ ମଧ୍ୟ ଚୋରି ରୋକି ହେବ ନାହିଁ । ବରଂ ପ୍ରତାରଣା ଓ ଛଳନା ମନୋଭାବ ବୃଦ୍ଧି ପାଇବ ।

ତେଣୁ, ଆମ୍ଭର ଦେଶପାଇଁ ପ୍ରଥମ କର୍ତ୍ତବ୍ୟ ହେଲା ଏହି ପ୍ରତାରଣା ମନୋଭାବକୁ ପରିହାର କରିବା । ସେଥିପାଇଁ ଶାସନ, ପ୍ରଶାସନ, ଶିକ୍ଷା, ରାଜନୀତି ଓ ସମାଜନୀତିରେ ସତ୍ୟନିଷ୍ଠା, ସ୍ୱଚ୍ଛତା ସାଙ୍ଗକୁ ମାନବିକତାର ବୀଜ ବପନ କରିବା । ଆମର ଶିକ୍ଷାବ୍ୟବସ୍ଥା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପାଠ୍ୟ ଖସଡାରେ କେବଳ ପରିବର୍ତ୍ତନ କଲେ ହେବନାହିଁ । ଶିକ୍ଷକତା ଓ ଶିକ୍ଷାଦାନ ପଦ୍ଧତି ତଥା ଆଚରଣରେ ପରିବର୍ତ୍ତନ ହେବା ଆବଶ୍ୟକ ।

ରାଜନୈତିକ ପ୍ରଚାର ବହୁ ସମୟରେ ଛଳନା ପରିପୂର୍ଣ୍ଣ ହେଉଥିବାରୁ ସେଥିରୁ ନିବୃତ୍ତ ରହି ସୁସମାଜ ଗଠନ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ । ଆଜିର ନେତୃମଣ୍ଡଳୀ ଏକ ସମୃଦ୍ଧ ସଭ୍ୟତା ଗଠନ କରିବା ପାଇଁ ନିରନ୍ତର ଉଦ୍ୟମ କରୁଥିଲାବେଳେ ସମୃଦ୍ଧ ସଂସ୍କୃତି ଗଠନରୁ ବିରତ ରହୁଛନ୍ତି । କୋଠାବାଡି କଳକାରଖାନା – ଆଦି ଯାହା ଦୃଶ୍ୟମାନ ହେଉଛି, ସେ ସବୁ ସଭ୍ୟତାର ସନ୍ତକ । କିନ୍ତୁ ଦେଶପ୍ରେମ, କର୍ତ୍ତବ୍ୟ ପରାୟଣତା, ସୁନାଗରିକତା, ମାନବିକ ମୂଲ୍ୟବୋଧ ଆଦି ସଂସ୍କୃତିର ପ୍ରତୀକ– ଯାହା ସଭ୍ୟତାର ମୂଳଦୁଆ ମଧ୍ୟ । ଦୃଢ଼ ସଂସ୍କୃତି ବିନା ସଭ୍ୟତାର ଉତ୍ତୁଙ୍ଗ ଅଟ୍ଟାଳିକା ଭୁଶୁଡି ପଡିବ । ମୂଳଦୁଆ ଦୃଢ଼ ନ ହେଲେ ଡିଗ୍ରୀଧାରୀ ଯୁବଗୋଷ୍ଠୀ ସମାଜ ପାଇଁ ବୋଝ ହୋଇଯିବେ । ଜ୍ଞାତସାରରେ ଓ ଅଜ୍ଞାତସାରରେ ସମସ୍ୟା ସୃଷ୍ଟି କରିବେ । କାରଣ ଡିଗ୍ରୀ ହାସଲ କରିବା ପ୍ରକୃତ ଶିକ୍ଷା ନୁହେଁ । ଡିଭିଜନ ଶିକ୍ଷା ନୁହେଁ । ଭିଜନ ହିଁ ଶିକ୍ଷା ।

ତେଣୁ ଅଣାଅଶୀତମ ସ୍ୱାଧୀନତା ଦିବସରେ ଅଠସ୍ତରୀ ବର୍ଷର ଔପଚାରିକତାକୁ ପରିହାର କରି ଥରେ ମାତ୍ର ତ୍ରିରଙ୍ଗାକୁ ଚାହିଁ ସତ୍ୟ ଓ ସମର୍ପଣର ଶପଥ ନେଲେ ଦେଶର ମଙ୍ଗଳସାଧନ ହୋଇ ପାରନ୍ତା ।

ପ୍ରଚଳିତ ସାମାଜିକ– ରାଜନୈତିକ ଜୀବନ ବହୁବିଧ ଅପସଂସ୍କୃତି ଓ ବର୍ବରତାରେ ପରିପୂର୍ଣ୍ଣ ହୋଇଯାଇଛି । ଦେଶରେ ଜଣେ ଆଦର୍ଶ, ନୀତିନିଷ୍ଠ, ସ୍ପଷ୍ଟବାଦୀ, ସାଧୁ ଓ ଦେଶପ୍ରେମୀ ନାଗରିକ ଖୋଜିଲେ ମଧ୍ୟ ପ୍ରାୟ ମିଳୁନାହାଁନ୍ତି । ଭଲ ମଣିଷଟିଏ ଖୋଜିଲେ ଦୃଶ୍ୟମାନ ହେଉ ନାହାନ୍ତି । ସବୁଠି ପ୍ରାୟ ସଂକୀର୍ଣ୍ଣ, ସ୍ୱାର୍ଥାନ୍ୱେଷୀ, ଅର୍ଥଲୋଭୀ, ଆତ୍ମକୈନ୍ଦ୍ରୀକ, ପରଶ୍ରୀକାତର, ନୀତିହୀନ ମାନବ କାୟା ବିସ୍ତାର କରିଛନ୍ତି । ବର୍ତ୍ତମାନର ମାନବଗୋଷ୍ଠୀ ନୀତିଭ୍ରଷ୍ଟ ହୋଇଥିବାରୁ, ତା'ର ପ୍ରଭାବ ଉତ୍ତରପିଢ଼ି ଉପରେ ବହୁଗୁଣରେ ଅନୁଭୂତ ହେଉଛି । ଦେଶପ୍ରେମ ଭାବଧାରାର ବିଲୋପ ଘଟି ସବୁଠି ଆତ୍ମପ୍ରତ୍ୟୟ ଓ ସ୍ୱାର୍ଥପର ମନୋଭାବ ରାଜତ୍ୱ କରୁଛି । ବ୍ୟକ୍ତିକୁ ନେଇ ଗଢ଼ା ହୁଏ ସମାଜ । ବ୍ୟକ୍ତିର ସମଷ୍ଟିରେ ସମାଜର ସୃଷ୍ଟି ।

ସାମାଜିକ ଜୀବନର ଆତ୍ମା ଛଳନାଧାରୀ ବ୍ୟକ୍ତିମାନଙ୍କ ବିଷୟ ବାସନାର ଭୂତାଣୁରେ ପରିପୂର୍ଣ୍ଣ ହୋଇଯାଇଛି । ତେଣୁ ଉନ୍ନତ ସମାଜ, ଗଠନ କରିବା ପାଇଁ ଥରେ ଚିନ୍ତା କରିବାର ଅବକାଶ ଆସିଛି । ନିଜକୁ ନିଜେ ନିୟନ୍ତ୍ରିତ ନକଲେ ଉତ୍ତର ପିଢ଼ି ଅସଂଗଠିତ ଓ ବିଶୃଙ୍ଖଳିତ ହୋଇଯିବ । ସାମାଜିକ ଜୀବନ ବିପନ୍ନ ହେବ ।

ତୃତୀୟରେ କର୍ମ ବିମୁଖତା ଆମର ବିକାଶରେ ପ୍ରଧାନ ଅନ୍ତରାୟ । ସର୍ବାଧିକ ମାନବସମ୍ବଳ ଥିବା ରାଷ୍ଟ୍ର ଲୋକଶକ୍ତିର ଉପଯୁକ୍ତ ବିନିଯୋଗର ଅଭାବରେ ଦେଶପାଇଁ ସମସ୍ୟାର ବୋଝ ହୋଇ ଯାଇଛନ୍ତି । ଆମ ଆଗରେ ଚୀନ୍, ଜାପାନ ଆଦି ରାଷ୍ଟ୍ର ବିକାଶର ଦୌଡରେ ବହୁ ଆଗକୁ ମାଡି ଚାଲିଛନ୍ତି । ଆଳସ୍ୟପରାୟଣତା ପରିହାର କରି ଯୁବଶକ୍ତିଙ୍କୁ ସଦ୍‌ବିନିଯୋଗ କରିବାର ଚିନ୍ତନ ଯୋଜନାକାରୀଙ୍କ ପ୍ରଧାନ ପ୍ରାଥମିକତା ହେବା ଆବଶ୍ୟକ । କେବଳ କମ୍ପ୍ୟୁଟର ଓ ମ୍ୟାନେଜମେଣ୍ଟରେ ନିଯୁକ୍ତ କରାଇ ଯୁବଶକ୍ତିଙ୍କ ମାନସିକ ରାଜ୍ୟକୁ ଅଭିନବ ପରିକଳ୍ପନାରୁ ନିବୃତ୍ତ ନକଲେ କିଛି ନୂତନ ଆବିଷ୍କାର ବା ଉଦ୍‌ଭାବନ ହୋଇ ପାରିବ ନାହିଁ । ଯୁବ ଶିକ୍ଷାର୍ଥୀଙ୍କୁ ଚାପମୁକ୍ତ କରିବା ପାଇଁ ଗଭୀର ଚିନ୍ତନ ସହ ସୁପରିକଳ୍ପିତ ଯୋଜନାର ଆବଶ୍ୟକତା ରହିଛି ।

ବୁଦ୍ଧ, ମହାବୀର ଓ ଗାନ୍ଧିଜୀଙ୍କ ଜନ୍ମମାଟିରେ ଆମେ ଏ ଯାଏଁ ନିଶା ନିବାରଣ ଅନୁପାଳନ କରିପାରିଲେ ନାହିଁ । ବରଂ ନିଶାର ପ୍ରଭାବରେ ଯେଉଁ ହିଂସ୍ରତା, ବର୍ବରତା ଓ ଅବିମୃଷ୍ୟକାରୀତା ସୃଷ୍ଟି ହେଲା, ତାହାର ବ୍ୟୟ ଅବକାରୀ ଶୁଳ୍କ ଦ୍ୱାରା ଉପୃନ୍ନ ଆୟକୁ ବଳିଗଲା । ନିଶାର ପ୍ରଭାବ କେତେ ନିରୀହ ଅବଳା, ନିଃସହାୟ ମଣିଷ ଓ ନିରସ୍ତ୍ର ଲୋକଙ୍କର ପ୍ରାଣନେଲା । ରାମ ରାଜ୍ୟର ସ୍ୱପ୍ନ, ସ୍ୱପ୍ନ ହୋଇ ରହିଗଲା। ଏବେ ରାମଚନ୍ଦ୍ରଙ୍କ ମନ୍ଦିର ଓ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ରାମଚନ୍ଦ୍ରଙ୍କ ତ୍ୟାଗ, ନୀତି ଓ ଆଦର୍ଶର ପ୍ରଭାବ ଆମ ଉପରେ ନାହିଁ ।

ଥରେ ଦେଶକଥା ଚିନ୍ତା କରିବାକୁ, ଆତ୍ମକେନ୍ଦ୍ରୀକତାରୁ ରାଷ୍ଟ୍ରବାଦୀତାକୁ, ଛଳନାରୁ ସ୍ପଷ୍ଟବାଦୀତା, ସକୀର୍ଣ୍ଣତାରୁ ବୀସ୍ତିର୍ଣ୍ଣତାକୁ, ନିଷ୍ଠୁରତାରୁ ସହୃଦୟତାକୁ, ହୀନମନ୍ୟତାରୁ ଉଦାରତାକୁ, ଅପସଂସ୍କୃତିରୁ ସଂସ୍କୃତିକୁ, ମାୟାରୁ ନିର୍ମାୟାକୁ, ପ୍ରତାରଣାକୁ ପ୍ରତିବଦ୍ଧତାରୁ ଅପସଂସ୍କୃତିରୁ ସଂସ୍କୃତିକୁ, ଦୁର୍ଗତିରୁ ପ୍ରଗତିକୁ, ଦାନବିକତାରୁ ମାନବିକତାକୁ ଅଗ୍ରସର ହେବା ପାଇଁ ସ୍ୱାଧୀନତା ଦିବସ ଅବସରରେ ଆମେମାନେ ସଚେତନ ହେବା ଦରକାର ।

**ଅବସର ପ୍ରାପ୍ତ ଶାସନ ସଚିବ,
ବରମୁଣ୍ଡା, ଭୁବନେଶ୍ୱର–୩
ମୋ–୯୯୩୭୦୬୨୦୦୧**

# ପ୍ରକୃତିର ସଂରକ୍ଷଣ, ଆମ ଦାୟିତ୍ୱ

**ବୈଷ୍ଣବ ଚରଣ ଦାଶ**

ଆମେ ଜାଣୁ ଯେ, ପ୍ରାକୃତିକ ଅସନ୍ତୁଳନ ଯୋଗୁଁ ଆମେ ବିଶ୍ୱ ତାପମାତ୍ରା ବୃଦ୍ଧି, ବିଭିନ୍ନ ରୋଗ, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି ଅନେକ ସମସ୍ୟାର ସମ୍ମୁଖୀନ ହେଉଛେ । ପୃଥିବୀର ସୁରକ୍ଷା ପାଇଁ ପ୍ରକୃତିର ସଂରକ୍ଷଣ ଜରୁରୀ । ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ମଧ୍ୟ ପାଳନ କରାଯାଇଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୃଥିବୀର ପ୍ରାକୃତିକ ପରିବେଶରୁ ବିଲୁପ୍ତ ହେବାକୁ ଯାଉଥିବା ଗଛ ଏବଂ ପ୍ରାଣୀମାନଙ୍କୁ ସଂରକ୍ଷଣ କରିବା ।

ଏକ ସୁସ୍ଥ ପରିବେଶ ଏକ ସ୍ଥିର ଏବଂ ଉତ୍ପାଦନକାରୀ ସମାଜର ମୂଳଦୁଆ । ପ୍ରକୃତିର ସୁରକ୍ଷା ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ିର ସୁସ୍ଥତାକୁ ମଧ୍ୟ ସୁନିଶ୍ଚିତ କରିଥାଏ । ପ୍ରକୃତି କିପରି ସଂରକ୍ଷିତ ହୋଇପାରିବ କିମ୍ବା ଆମେ କିପରି ଆମର ପ୍ରକୃତିର ସୁରକ୍ଷା କରିପାରିବା ସେନେଇ ମଧ୍ୟ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ । ଜଙ୍ଗଲ ନଷ୍ଟ କରିବା, ବେଆଇନ ବନ୍ୟଜନ୍ତୁ ଶିକାର ଏବଂ ଚୋରାଚାଲାଣ, ପ୍ରଦୂଷଣ, ପ୍ଲାଷ୍ଟିକ୍, ରାସାୟନିକ ପଦାର୍ଥ ବ୍ୟବହାର ଦ୍ୱାରା ପ୍ରକୃତି ପାଇଁ ବିଭିନ୍ନ ବିପଦ ସୃଷ୍ଟି ହେଉଛି । ଜଳ, ବାୟୁ, ମୃତ୍ତିକା, ଖଣିଜ ପଦାର୍ଥ, ଗଛ, ପ୍ରାଣୀ, ଖାଦ୍ୟ ଇତ୍ୟାଦି ବଞ୍ଚିବା ପାଇଁ ପୃଥିବୀ ମୌଳିକ ଆବଶ୍ୟକତା ଯୋଗାଇ ଦେଇଛି । ତେଣୁ ପ୍ରକୃତିକୁ ପରିଷ୍କାର ଏବଂ ସୁସ୍ଥ ରଖିବା ଅପରିହାର୍ଯ୍ୟ । ପ୍ରକୃତିର ଅବନତି ପାଇଁ ଶିଳ୍ପ ବିକାଶ ଏବଂ ଅନ୍ୟାନ୍ୟ କାରଣ ମଧ୍ୟ ଦାୟୀ । ଆମେ ଯାହା ବି କରୁ ତାହା ପରିବେଶକୁ ପ୍ରଭାବିତ କରିଥାଏ । ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ବଢୁଥିବା

*ପ୍ରକୃତି ସଂରକ୍ଷଣ ସଭିଁଙ୍କର ଏକ ନୈତିକ କର୍ତ୍ତବ୍ୟ । ସଂରକ୍ଷଣ ଆନ୍ଦୋଳନ ଦ୍ୱାରା ପୃଥିବୀର ବିଭିନ୍ନ ସଚରାଚର ପ୍ରଜାତିଗୁଡ଼ିକୁ ବିଲୁପ୍ତ ହେବାରୁ ରକ୍ଷା କରିବା । ସେହିପରି ପ୍ରତି ପ୍ରଜାତିର ପ୍ରାକୃତିକ ବାସସ୍ଥାନର ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର ସହିତ ଇକୋସିଷ୍ଟମ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି ଏବଂ ଜୈବ ବିବିଧତାକୁ ସୁରକ୍ଷା ଉପରେ ଧ୍ୟାନ ଦେବା ଲାଗି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ସଚେତନତା ସୃଷ୍ଟି କରିଥାଏ ।*

ତାପମାତ୍ରା ଏବଂ ମୃତ୍ତିକା କ୍ଷୟ ଆଦି ଯୋଗୁଁ ପ୍ରାକୃତିକ ପରିବେଶ ବହୁମାତ୍ରାରେ ପ୍ରଭାବିତ ହେଉଛି । ମଣିଷ ନିଜର ଇପ୍ସିତ ଆଶାକୁ ପୂରଣ କରିବା ପାଇଁ ସବୁକିଛିକୁ ବଳି ଦେବାର ଉଦାହରଣ ସର୍ବତ୍ର ଦେଖିବାକୁ ମିଳେ । କାରଣ ମଣିଷ ଲୋଭର ବଶବର୍ତ୍ତୀ । ନିଜର ଲାଳସା ଉପରେ ମଣିଷର ଅକ୍ତିଆର ନାହିଁ । ବିଜ୍ଞାନ ବଳରେ ବଳୀୟାନ ଏହି ମାନବ ସମାଜ ଏବେ କ୍ଷଣିକ ସମୟରେ ସୃଷ୍ଟି କରିପାରୁଛି ପ୍ରଦୂଷଣର ବିଷମଞ୍ଜି । ଯେଉଁ ପରିବେଶ ଦିନେ ଶସ୍ୟଶ୍ୟାମଳା ଥିଲା ଆଜି ସେଠି କାରଖାନାର ମଞ୍ଚ । ପ୍ରକୃତି ସବୁକିଛି ଦେଇଛି, ଆମେ ପ୍ରକୃତରେ ପ୍ରକୃତିରୁ ଲାଭବାନ କିନ୍ତୁ ପ୍ରାୟତଃ ଆମେ ଏହାକୁ ଅନୁଦାନ ଭାବରେ ଗ୍ରହଣ କରୁ । ପ୍ରକୃତିର ଶୋଭାରେ ପ୍ରଲୁବ୍ଧ ମଣିଷ ଏବେ ସ୍ୱାର୍ଥ ସର୍ବସ୍ୱ ନିଶାରେ ମସଗୁଲ । ପ୍ରକୃତି ସହ ମଣିଷର ସମ୍ପର୍କ ନିବିଡ଼ । ଦିନ ଥିଲା ପ୍ରକୃତିର ନିନାଦିତ ସ୍ୱର ମଣିଷର ହୃଦୟକନ୍ଦରରେ ବଜାଉଥିଲା ନିର୍ମଳତାର ବୀଣାତନ୍ତ୍ର । ଆମ ପରିବେଶ, ଆମ ଜୀବନ ଥିଲା ସମସ୍ତଙ୍କର ଧ୍ୟେୟ ବାକ୍ୟ । ପରନ୍ତୁ ଏକବିଂଶ ଶତାବ୍ଦୀର ଶିଳ୍ପ ଭିତ୍ତିକ ସଭ୍ୟତା ପରିବେଶରେ ଆଣିଲା ନାହିଁ ନଥିବା ପରିବର୍ତ୍ତନ । ପ୍ରକୃତି ସମସ୍ତ ପ୍ରାଣୀଙ୍କ ପାଇଁ ପୃଥିବୀପୃଷ୍ଠରେ ବହୁବିଧ ସୁବିଧା ସୁଯୋଗ ଖଞ୍ଜି ଦେଇଛି । ଖାଇବାଠାରୁ ଆରମ୍ଭ କରି ଦେହ ଖରାପ ହେଲେ ଔଷଧର ବ୍ୟବସ୍ଥା ମଧ୍ୟ ରହିଛି । ବିଭିନ୍ନ ଔଷଧୀୟ ବୃକ୍ଷଲତା ପ୍ରାକୃତିକ ଉପାୟରେ ଜୀବଜଗତକୁ ସୁରକ୍ଷା ପ୍ରଦାନ କରିଥାନ୍ତି । ତେଣୁ ପ୍ରକୃତି ବିନା ଜୀବନ୍ତ ପୃଥିବୀର ପରିକଳ୍ପନା କରିବା ହାସ୍ୟାସ୍ପଦ । ପ୍ରକୃତିର ଉପଯୁକ୍ତ ସଂରକ୍ଷଣ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ପ୍ରତିବର୍ଷ ଜୁଲାଇ ୨୮ରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଇଥାଏ । ପ୍ରତିବର୍ଷ ଏହି ଦିବସର ଭିନ୍ନ ଭିନ୍ନ ବାର୍ତ୍ତା ରହିଥାଏ ।

ପ୍ରକୃତି ସଂରକ୍ଷଣ ସଭିଁଙ୍କର ଏକ ନୈତିକ କର୍ତ୍ତବ୍ୟ । ସଂରକ୍ଷଣ ଆନ୍ଦୋଳନ ଦ୍ୱାରା ପୃଥିବୀର ବିଭିନ୍ନ ସଚରାଚର ପ୍ରଜାତିଗୁଡ଼ିକୁ ବିଲୁପ୍ତ ହେବାରୁ ରକ୍ଷା କରିବା । ସେହିପରି ପ୍ରତି ପ୍ରଜାତିର ପ୍ରାକୃତିକ ବାସସ୍ଥାନର ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର ସହିତ ଇକୋସିଷ୍ଟମ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି ଏବଂ ଜୈବ ବିବିଧତାକୁ ସୁରକ୍ଷା ଉପରେ ଧ୍ୟାନ ଦେବା ଲାଗି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ସଚେତନତା ସୃଷ୍ଟି କରିଥାଏ ।

ପରିବେଶର ପାରିପାର୍ଶ୍ୱିକ ସ୍ଥିତି ଏବେ ସଂଜ୍ଞାହୀନ ହେବାକୁ ବସିଲାଣି । ପ୍ରକୃତିକୁ ନେଇ ଏ ସମାଜ । ପ୍ରକୃତିର କରାଳ ରୂପକୁ ମାନବ ମୁହୂର୍ତ୍ତକ ପାଇଁ ମଧ୍ୟ ସହ୍ୟ କରିବା କଷ୍ଟକର ହୋଇପଡ଼େ । ଆଜି ଜୀବନ ଜୀଇଁବାର ପ୍ରତ୍ୟେକଟି ସୋପାନରେ କେବଳ ପ୍ରଦୂଷଣର ବିଷ । ତେବେ ଏସବୁଥିର ସମାଧାନ ମଣିଷ ଚାହିଁଲେ କରିପାରିବ । ସେ ହିଁ ସୃଷ୍ଟି କରିପାରିବ ପୁଣି ଥରେ ସବୁଜ ବନାନୀ । ପୁଣି ଥରେ ଗଢ଼ି ଉଠିବ ସବୁଜ ବାତାବରଣ । ପରିବେଶ ହେବ ସୌନ୍ଦର୍ଯ୍ୟମୟ, ନୂତନ ମନ୍ତ୍ରର ବାଣୀରେ ପୁଣିଥରେ ପ୍ରକମ୍ପିତ ହେବ ମାନବ ସମାଜ । ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଆମକୁ ସଚେତନ ହେବାକୁ ପଡ଼ିବ । ବିଶ୍ୱକୁ ସୁରଭିତ ଭାବେ ଗଢ଼ି ତୋଳିବାକୁ ସଂକଳ୍ପ ନେବାକୁ ହେବ । ତା'ହେଲେ ଯାଇ ଆମେ ବଞ୍ଚିବାର ପ୍ରକୃତ ଖୋରାକ ପାଇପାରିବା ।

**ବୀରଧନଞ୍ଜୟପୁର,ବୁଗୁଡ଼ା, ଗଞ୍ଜାମ
ମୋ–୯୭୭୬୫୩୪୯୩୦**

# ପରମ୍ପରାରେ ଗୋମୟ ଲେପନ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଆମ ନିତିଦିନିଆ ଜୀବନରେ ଅନେକଙ୍କ ଘରେ ବିଶେଷକରି ଗ୍ରାମାଞ୍ଚଳରେ ମାଟିଘରରେ ଗୋମୟ ବା ଗୋବର ଲେପନ କରାଯାଇଥାଏ । ଗୋବର ଲିପା ପରେ ଅତ୍ୟନ୍ତ ଚିତ୍ତାକର୍ଷକ । ଚିତା ଘରର ସୌନ୍ଦର୍ଯ୍ୟକୁ କେବଳ ବଢ଼ାଇନଥାଏ, ଅନେକ ହୁଏତ ଜାଣିନଥିବେ ଯେ ଏହା ପଛରେ ଏକ ସ୍ୱାସ୍ଥ୍ୟଗତ ଦିଗ ମଧ୍ୟ ରହିଛି । ଭାରତୀୟ ସନାତନ ସଂସ୍କୃତିରେ ଗୋମୟ ବା ଗୋବର ପୂଜା କାର୍ଯ୍ୟରେ ମଧ୍ୟ ଲାଗିଥାଏ । ଗୋବର ପ୍ରାୟତଃ ଶସ୍ୟ କ୍ଷେତ୍ରରେ କେବଳ ପୂର୍ବକାଳରେ ନୁହେଁ ବର୍ତ୍ତମାନ ମଧ୍ୟ ବ୍ୟବହାର ହେଉଛି । ଶସ୍ୟ ଉତ୍ପନ୍ନ ସହ ଏହାର ସୁଷମତାକୁ ମଧ୍ୟ ଗୋମୟ ଭରି ଦେଇଥାଏ ।

ଏହି ଗୋମୟ ଲେପନ ସମ୍ବନ୍ଧରେ ଆଲେଖ୍ୟ ପ୍ରସ୍ତୁତ ବେଳେ ମନେପଡୁଛି ଭୟଙ୍କର ଭୋପାଳ ଗ୍ୟାସ ଟ୍ରାଜେଡ଼ି କଥା । ଅନେକ ହୁଏତ ଜାଣିନଥିବେ ଭୟଙ୍କର ବିଷାକ୍ତ ଗ୍ୟାସରୁ ସୁରକ୍ଷା ଦେଇଥିଲା ମାଟିଘର । ୧୯୮୪ ଡିସେମ୍ବର ୨ ତାରିଖରେ ଘଟିଥିବା ଭୋପାଳ ଗ୍ୟାସ ଦୁର୍ଘଟଣା ସମୟରେ ଗୋଟାଏ ବିଚିତ୍ର ଘଟଣା ଘଟିଥିଲା। କୀଟନାଶକ ଔଷଧ କାରଖାନାରୁ ମାରାତ୍ମକ ମିଥାଇଲ ଆଇସୋସିୟାନେଟ ଗ୍ୟାସ ଲିକ ହୋଇ ଚାରିଆଡ଼େ ବ୍ୟାପିଗଲା । ବିଷାକ୍ତ ବାଷ୍ପ କବଳରୁ ତ୍ରାହି ପାଇବାକୁ ଲୋକେ ଆଶ୍ରୟ ଖୋଜିବାକୁ ଧାଇଁଲେ । କିନ୍ତୁ ଜୈନେକ ପରିବାରର କିଛି କ୍ଷତି ହୋଇନଥିଲା । ଗୋମୟରେ ଲିପାପୋଛା ହୋଇଥିବା ଘରେ ସେହି ପରିବାର ସୁରକ୍ଷିତ ଥିଲେ । **ବିଷାକ୍ତ ଗ୍ୟାସର କୁପ୍ରଭାବରେ ୨୦,୦୦୦ରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ଅନେକଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥିଲା । କିନ୍ତୁ ଉକ୍ତ ପରିବାରର ଲୋକମାନଙ୍କ ଠାରେ ଅସୁସ୍ଥତାର ଲେଶମାତ୍ର ଚିହ୍ନ ନଥିଲା। କେବଳ ସେହି ଘରର ଲୋକ ନୁହଁନ୍ତି, ସେ ଅଞ୍ଚଳରେ ଗୋମୟ ଲିପା ମାଟିଘରେ ବାସବାସ କରୁଥିବା ଲୋକେ ମଧ୍ୟ ଏହି ବିଷାକ୍ତ ବାଷ୍ପ ଦ୍ୱାରା ପ୍ରଭାବିତ ହୋଇ ନଥିଲେ ।**

ଆଦିକାଳରୁ ମାଟିଘର ସବୁ ଗୋମୟରେ ଲିପାପୋଛା ହୋଇ ଆସୁଅଛି । ଘରେ କୌଣସି ଅଙ୍ଗଅଭିଷେକ, କାମକାର୍ଯ୍ୟ କି ପୂଜାପର୍ବାଣୀରେ ତ ଗୋମୟ ଲେପନ ହୁଏ । ତା'ଛଡ଼ା ଲକ୍ଷ୍ମୀଙ୍କର ବାର କୁହାଯାଉଥିବା ଗୁରୁବାର ଦିନ ଘର ନ ହେଲେ ବି ଦୁଆର ନିଶ୍ଚୟ ଗୋମୟ ଜଳରେ ଲିପାପୋଛା କରାଯାଏ ।

ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ଗୋମୟ । ସମ୍ପ୍ରତି ଗୋମୟରେ ଘର ଲିପିବା ପ୍ରଥା ଅନ୍ଧବିଶ୍ୱାସ ବୋଲି ଅଧିକାଂଶ ମନେକଲେ ବି ଏଥିରେ କେତେକ ବୈଜ୍ଞାନିକ ସଦ୍‌ଗୁଣ ରହିଛି । କିନ୍ତୁ ସାଧାରଣ ଲୋକେ ତାର ମାହାତ୍ମ୍ୟ ବିଷୟରେ ବିଶେଷ ଭାବେ ଜାଣନ୍ତି ନାହିଁ । ଗୋମୟର ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା, ପ୍ରଥମତଃ ଏଥିରେ ଅଠାଭାଗ ଥିବାରୁ ମାଟିକାନ୍ଥ ଫାଟିବାକୁ ଦେଇନଥାଏ । ଦ୍ୱିତୀୟତଃ ଏହା ତାପ କୁପରିବାହୀ ହୋଇଥିବାରୁ ଗ୍ରୀଷ୍ମକାଳରେ ଘର ଅପେକ୍ଷାକୃତ ଶୀତଳ ରହେ ଏବଂ ଶୀତ ଦିନେ ଉଷୁମ ରହେ ।

ତୃତୀୟତଃ ଏଥିରେ ବ୍ୟାକ୍ଟେରିଆ ବା ଅଣୁଜୀବ ବିନାଶକାରୀ ଉପାଦାନ ଥିବାରୁ ଘର ଜୀବାଣୁମୁକ୍ତ ରହେ । ଏସବୁ କାରଣରୁ ମଫସଲ ଅଞ୍ଚଳର ଝାଟିମାଟି ଓ ମାଟି ଘରର କାନ୍ଥ, ଚଟାଣ, ପିଣ୍ଡା ଓ ଦ୍ୱାର ଆଦି ଗୋମୟରେ ଲିପି ଚିକ୍କଣ କରାଯାଏ ।

କଂକ୍ରିଟ ଯେମିତି ବାହ୍ୟ ଉତ୍ତାପ ବିଶୋଷଣ କରେ, ଗୋମୟ ତାହା କରେ ନାହିଁ । ବରଂ ଏହା ପ୍ରାକୃତିକ ଉତ୍ତାପ ନିରୋଧକ ଭାବେ କାର୍ଯ୍ୟକରି ଗ୍ରୀଷ୍ମକାଳରେ ଘର ଭିତର ଶୀତଳ ଓ ଶୀତଦିନେ ଉଷୁମ ରଖେ । ଆଜିକାଲି ସହରମାନଙ୍କରେ ମଧ୍ୟ ଅନେକ ସ୍ଥାନରେ ଗୋମୟ ଓ ପ୍ରାକୃତିକ ଉପାଦାନ ପ୍ରସ୍ତୁତ ସହିତ ନିମପତ୍ର ଓ କାଦୁଅ ଦିଆଯାଇ ସିମେଣ୍ଟ ପଲସ୍ତରା ପରି ଗୃହ ତିଆରି କରାଯାଉଛି । ଗୋମୟ କେବଳ ଘର ଭିତରର ଅଙ୍ଗାରକ ନିର୍ଗମନ ହ୍ରାସ କରିନଥାଏ ବରଂ ଏହା ବାସ୍ତୁବିତ୍‌ଙ୍କ କହିବାଅନୁଯାୟୀ ମଧ୍ୟ ଘର ପାଇଁ ଶୁଭ ହୋଇଥାଏ । ପ୍ରାକୃତିକ ଉତ୍ତାପ ନିୟନ୍ତ୍ରକ ହେବା ସହ ଚରମ ଜଳବାୟୁ ଅଞ୍ଚଳରେ ଆରାମ ପାଇଁ ଏହା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ । ତେଣୁ ଗୋମୟ ଲେପନ କେବଳ ପରମ୍ପରା ନୁହେଁ, ଏହା ପଛରେ ମଧ୍ୟ ବିଜ୍ଞାନ ସମ୍ମତ କାରଣ ରହିଛି ।

**ବାକ୍ ଶ୍ରବଣ ବିଶେଷଜ୍ଞ, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ମୋ– ୯୪୩୮୨୭୬୭୬୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନାରୀ...

ପୋଲିସ ବିଭାଗରେ ଖାଲି ରହୁଥିବା ପଦବୀ ଗୁଡ଼ିକ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିଲେ ।

ବୈଠକରୁ ଜଣାପଡ଼ିଛି ଯେ, ରାଜ୍ୟରେ ପୋଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମୋଟାମୋଟି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ୨୪ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼ିଛି ଯେ, ବିଗତ ଏକ ବର୍ଷ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି । ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରା ଚାଲାଣ ଏବଂ ଜାମିନ୍ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ।

ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଇ ଏହି ପଦକ୍ଷେପକୁ ଅଧିକ ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀଗଣ ଯୋଗ ଦେଇଥିଲେ ।

## ଆଧାର...

ସନ୍ଦେହ ପ୍ରକାଶ କରାଯିବ । ଯଦି ମୁଁ ନାଗରିକ ତେବେ ମୋତେ କିଭଳି ଭୋଟର ତାଲିକାରୁ ବାଦ୍ ଦିଆଯିବ । ମୋର ନାଁ ପୂର୍ବରୁ ଭୋଟର ତାଲିକାରେ ରହିଛି । ଏବେ କିପରି ନିର୍ବାଚନ କମିଶନ ଏହାକୁ ବାଦ୍ ଦେବେ । ପୁନଃ ଯାଞ୍ଚରେ ପ୍ରାୟ ୮ କୋଟି ଭୋଟର ନିର୍ବାଚନର କିଛିମାସ ପୂର୍ବରୁ ଯାଞ୍ଚ କରିବା ସମ୍ଭବ ନୁହେଁ ବୋଲି ସେ ଯୁକ୍ତି ବାଢ଼ିଥିଲେ ।

## ପାରାଦ୍ୱୀପରେ...

ଘର ଭିତରକୁ ପଶିଯାଇ ନାବାଳିକାକୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ।

ଅଭିଯୁକ୍ତ କୁମର ଦଳାଇଙ୍କୁ ପୋଲିସ ଗିରଫ କରିବା ପରେ ନାବାଳିକାଙ୍କୁ ଅଭୟଚାନ୍ଦପୁର ଥାନାରେ ମହିଳା ପୋଲିସ ଅଧିକାରିଣୀ ନଥିବାରୁ ପାରାଦୀପ ଆଦର୍ଶ ଥାନାକୁ ନିଆଯାଇ ଜବାନବନ୍ଦୀ କରାଇବା ସହ ଡାକ୍ତରୀ ପରୀକ୍ଷା କରାଯାଇଛି । ପୋଲିସ ଏବେ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି । ଚଳିତ ଏକମାସ ମଧ୍ୟରେ ଜଗତସିଂହପୁର ସଦର ଥାନା ଅଞ୍ଚଳ, କୁଜଙ୍ଗ ଅଞ୍ଚଳର ଅଞ୍ଚଳରେ ଦୁଇଟି ଘଟଣା ଓ ଏବେ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଘଟଣାରେ ନାବାଳିକା ଦୁଷ୍କର୍ମର ଶିକାର ଓ ଗୋଟିଏ ଜାଗାରେ ଗର୍ଭବତୀ ଏବଂ ଅନ୍ୟ ଜଣେ ନାବାଳିକା ମୃତ ପୁତ୍ର ସନ୍ତାନ ଜନ୍ମ ଦେବା ଏବେ ଆଲୋଡନ ସୃଷ୍ଟି କରିଛି । ଦିନକୁ ଦିନ ମହିଳାଙ୍କ ପ୍ରତି ଅତ୍ୟାଚାର ଏବଂ ନାବାଳିକା ଯୌନ ନିର୍ଯାତନା ଘଟଣା ବୃଦ୍ଧି ପାଉଥିବା ବେଳେ ଅଭୟଚାନ୍ଦପୁର ଥାନାରେ ମହିଳା ପୋଲିସ ଅଧିକାରିଣୀ ନ ରହିବା ଗୋଟିଏ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଥାନା ଇଲାକାରେ ଭାରତୀୟ ତୈଳ ବିଶୋଧନାଗାର, ପ୍ରସ୍ତାବିତ ପୋସ୍କୋ ଜିଏସଡବ୍ଲ୍ୟୁ ଅଞ୍ଚଳ ସହ ଅନେକ ସମ୍ବେଦନଶୀଳ ସ୍ଥାନ ଅନ୍ତର୍ଭୁକ୍ତ ଥିବାବେଳେ କିଭଳି ଏହି ଥାନାକୁ ଏକ ମହିଳା ପୋଲିସ ଅଧିକାରିଣୀ ଦିଆଯାଇ ନାହିଁ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ।

## ଦଶମ...

ଭଳି ହୋଇଥିବା ସ୍ଥାନକୁ ନେଇ ଯାଇଥିଲେ । ପୀଡ଼ିତାଙ୍କ ବିରୋଧ ସତ୍ତ୍ୱେ ପିଉଶା ନିଜ ଝିଆରୀକୁ ଦୁଷ୍କର୍ମ କରିଥିଲା । ପୀଡ଼ିତା ଯେତେ ବିରୋଧ କଲେ ମଧ୍ୟ ପିଉଶା ଶୁଣିନଥିଲେ । ପୀଡ଼ିତା ଚିତ୍କାର ଶୁଣି ଅନ୍ୟ ୪ ଜଣ ଅଜଣା ଲୋକ ଆସି ପୀଡିତଙ୍କୁ ଟଣାଓଟରା କରି, ମାଡ ମାରି ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ନିଜେ ଏତଲାରେ ଦର୍ଶାଇଛନ୍ତି । ଗଣଦୁଷ୍କର୍ମ ପରେ ପିଉସା ପୀଡ଼ିତା ଝିଆରୀକୁ ଗାଁ ମୁଣ୍ଡରେ ଏକା ଛାଡିଦେଇ ଚାଲି ଯାଇଥିଲା । ସାଙ୍ଗରେ ଗଲେ ସମସ୍ତେ ସନ୍ଦେହ କରିବେ କହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି । ଏହି ଘଟଣା ପରେ ପୀଡ଼ିତା ନାବାଳିକା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମାଈଁ ତାଙ୍କୁ ସାହସ ଦେବା ସହିତ ତାଙ୍କୁ ଆଣି ଥାନାରେ ପହଞ୍ଚାଇଥିବା ପୀଡ଼ିତା ଏତଲାରେ ଉଲ୍ଲେଖ କରିଛନ୍ତି । ଶନିବାର ୯ ତାରିଖରୁ ଘଟଣା ଘଟିଥିଲେ ମଧ୍ୟ ଗତକାଲି ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ରାତାରାତି ପିଉଶା ହାପି ମଳିକ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିବା ପଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଏକ ଗାଁର ଅନ୍ୟ ୪ ଜଣ ଯୁବକଙ୍କୁ ପୋଲିସ ବିଭିନ୍ନ ଜାଗାରୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି । ୪ ଯୁବକଙ୍କ ମୋବାଇଲ ଜବତ କରି ଯାଞ୍ଚ କରୁଛି ପୋଲିସ । ଘଟଣା ସମୟର ଫଟୋ ଓ ଭିଡିଓ ଦୁଷ୍କର୍ମକାରୀମାନେ ଉତ୍ତୋଳନ କରି ତାହାକୁ ଭାଇରାଲ କରିବା ସହ ପୀଡିତାଙ୍କ ଭାଇଙ୍କ ପାଖକୁ ପଠାଇଥିଲେ। ଭାଇ ମୋବାଇଲରେ ଆସିଥିବା ଫଟୋ ଦେଖି ସେ ତାଙ୍କ ଭଉଣୀ ସହ ଦୁଷ୍କର୍ମ ହୋଇଥିବା ଜାଣିବାକୁ ପାଇଥିଲେ । ଦୁଷ୍କର୍ମକାରୀମାନେ ଦୁଷ୍କର୍ମ ଓ ଅସଦାଚରଣ କରି ଫଟୋ ଉଠାଇ ତାଙ୍କ ଭାଇଙ୍କୁ ପଠାଇବା ଘଟଣା ଆଲୋଡନ ସୃଷ୍ଟି କରିଛି । ପୀଡିତା ଓ ତାଙ୍କ ଭାଇଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି । ପୋଲିସ ପକ୍ଷରୁ ତଦନ୍ତ ଜୋରଦାର ଚାଲିଥିଲା ଜଣାପଡିଛି। ଏହି ଘଟଣାକୁ ନେଇ ସମଗ୍ର ରାଜନଗର ଅଞ୍ଚଳରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ବିଜେଡ଼ି ଓ କଂଗ୍ରେସ ର ଏକ ଟିମ ପୀଡ଼ିତାଙ୍କ ଘରକୁ ଆସି ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଜଷ୍ଟିସ୍..

ମହା ଅଭିଯୋଗ ପ୍ରସ୍ତାବକୁ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଯେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବହିଷ୍କାର ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ସଂସଦ ଦୁର୍ନୀତି ବିରୋଧରେ ଏକାଠି ହୋଇଛି । ମୁଁ ଏହି ମହାଅଭିଯୋଗ ପ୍ରସ୍ତାବକୁ ଗ୍ରହଣ କରୁଛି । ଫଳରେ ଲୋକଙ୍କ ବିଶ୍ୱାସ ବିଚାର ବିଭାଗୀୟ ବ୍ୟବସ୍ଥା ଉପରେ ଆସିବ । ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ମିଳିବା ପରେ ଏକ ୩ ଜଣିଆ କମିଟି ଗଠନ କରାଯାଇ ଏହାର ଯାଞ୍ଚ କରାଯାଇଥିଲା । ସଂସଦ ଅଧିବେଶନ ଆରମ୍ଭ ହେବାର ପ୍ରାୟ ସପ୍ତାହେ ପରେ ଉଭୟ ବିରୋଧୀ ଓ ସରକାରୀ ଦଳର ସାଂସଦଙ୍କ ସ୍ୱାକ୍ଷର ଥିବା ନୋଟିସକୁ ଗ୍ରହଣ କରାଯାଇଛି । ତେବେ ଜଷ୍ଟିସ୍ ବର୍ମା ତାଙ୍କ ଘରୁ ବାହାରିଥିବା ଟଙ୍କାକୁ ଅସ୍ୱୀକାର କରିଛନ୍ତି । ପୂର୍ବରୁ ସୁପ୍ରିମ୍‌କୋର୍ଟ ଗଠନ କରିଥିବା କମିଟିର ରିପୋର୍ଟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଥିଲା ।

## ଓଡ଼ିଶାରେ...

ଏହାଦ୍ୱାରା ନବ ସୃଜନତା ତ୍ୱରାନ୍ୱିତ ହେବ, ନିଯୁକ୍ତି ସୁଯୋଗ ବଢ଼ିବ ଓ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଶକ୍ତିଶାଳୀ ହେବ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ଏବେ ଓଡ଼ିଶା ଏକ ବିକଶିତ ରାଜ୍ୟ ଭାବେ ସମଗ୍ର ଦେଶରେ ଉଭା ହେବ ବୋଲି ସେ କହିଛନ୍ତି ।

## ପାତ୍ରପଡା...

ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୨୪ ଘଣ୍ଟା ପରେ ତାହା ସମ୍ଭବ ହୋଇନାହିଁ । ଥର୍ ଓ ଆଉ ଗୋଟିଏ ସ୍କର୍ପିଓ ଦ୍ରୁତ ଗତିରେ ପରସ୍ପର ରେସିଂ କରି ଆସୁଥିବା ବେଳେ ମା'-ପିଲାଙ୍କୁ ଥର୍ ଧକ୍କା ଦେଇଥିଲା । ଜଟଣୀ ଥାନା ନିକଟରେ ସୋମନାଥର ଗାଡିକୁ ଜବତ କରାଯାଇଥିବା ବେଳେ ବାପ-ପୁଅଙ୍କ ସନ୍ଧାନ ପାଉନି ପୋଲିସ ।

ସ୍ଥାନୀୟ କିଛି ଲୋକଙ୍କ କହିବାନୁଯାୟୀ ବାପ-ପୁଅ ପ୍ରଭାବଶାଳୀ ବ୍ୟବସାୟୀ ହୋଇଥିବାରୁ ସେମାନେ ଗିରଫ ହେବା ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସେମାନଙ୍କୁ ଆଗୁଆ ଜାମିନ ସୁଯୋଗ ଦେଉଛି ଖଣ୍ଡଗିରି ଥାନା ପୋଲିସ । ରାଜ୍ୟ ବାହାରୁ ଅପରାଧୀଙ୍କୁ ଗିରଫ କରିବାରେ ପୋଲିସ ସଫଳ ହେଉଥିବା ବେଳେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରକୁ ଗିରଫ କରିବାରେ ବିଫଳ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖଣ୍ଡଗିରି ଥାନା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ମୃତ ମହିଳାଙ୍କ ସ୍ୱାମୀ ମାନସ ପୋଲିସ ବିଭାଗର ଜଣେ କର୍ମଚାରୀ ହୋଇଥିଲେ ମଧ୍ୟ ସେ ନ୍ୟାୟ ପାଇବାରେ ବିଳମ୍ବ ହେବା ନେଇ ଫୁଲେଶ୍ୱରୀ ବସ୍ତିରେ ନାନା କଥା ଚର୍ଚ୍ଚା ହେଉଛି । ବସ୍ତି ଲୋକଙ୍କ କହିବାନୁଯାୟୀ ପୋଲିସ ଥର୍ ଚାଳକ ସୋମନାଥକୁ ଆଗୁଆ ଜାମିନ ସୁଯୋଗ ଦେଉନାହିଁ ତ ? ପୋଲିସ ଗାଡି ଚାଳକଙ୍କ ବିରୋଧରେ କଡା ଦଫା ଲଗାଇ ମାମଲା ରୁଜୁ କରିଥିବାରୁ ସେ ପୋଲିସକୁ ଭୟ କରୁଥିବା କୁହାଯାଉଛି । ଗାଡି ଚାଳକ ଗିରଫ ହୋଇନଥିଲେ ମଧ୍ୟ ତା' ଡିଏଲ୍ ବାତିଲ ପାଇଁ ସମସ୍ତ ବ୍ୟବସ୍ଥା ହୋଇସାରିଲାଣି ବୋଲି ସୂଚନା ମିଳିଛି ।

## ସରକାରୀ...

ପ୍ରକାରର ରେକର୍ଡ, ଚିଠିପତ୍ର, ଜାତି ପ୍ରମାଣପତ୍ର, ପ୍ରକାଶନ ଆଦିରେ ''ହରିଜନ' ଶବ୍ଦର ଉପଯୋଗ ସମ୍ପୂର୍ଣ୍ଣ ବନ୍ଦ ରହିବ । ଏ ସମ୍ପର୍କରେ ସରକାରୀ ଅଫିସରମାନଙ୍କ ମଧ୍ୟରେ ଆବଶ୍ୟକ ସଚେତନତା ସୃଷ୍ଟି ନିମନ୍ତେ ମଧ୍ୟ ବିଭାଗ କହିଛି ।

ନୟାଗଡ଼, କଟକ, ପୁରୀ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାପାଳମାନଙ୍କୁ ତୁରନ୍ତ ନିଜ ନିଜ ଅଞ୍ଚଳରେ ଥିବା ସ୍କୁଲ ଗୁଡ଼ିକର ନାମରେ ''ହରିଜନ'ଶବ୍ଦ ଉପଯୋଗ ହୋଇଥିଲେ ତାକୁ ହଟାଇବା ସହ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ଧାର୍ଯ୍ୟ ସମୟସୀମା ମଧ୍ୟରେ କୋର୍ଟଙ୍କୁ ଅବଗତ କରାଯାଇପାରିବ ବୋଲି ବିଭାଗ କହିଛି । ଓଡ଼ିଶାର ବହୁଜନ ଛାତ୍ର ଓ ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଅନୀଲ କୁମାର ମଲ୍ଲିକଙ୍କ ଦ୍ୱାରା ଦାଏର ଏକ ମାମଲାର ବିଚାର କରି ଓଡ଼ିଶା ମାନବାଧିକାର ଆୟୋଗ(ଓଏଚଆରସି) ୨୦୨୫ ଜାନୁୟାରୀ ୩୧ତାରିଖରେ ମଧ୍ୟ ଅନୁରୂପ ନିର୍ଦ୍ଦେଶ ଜାରି କରିଛନ୍ତି । ଶ୍ରୀ ମଲ୍ଲିକ ସରକାରୀ ସଂସ୍ଥା, ଶିକ୍ଷାନୁଷ୍ଠାନ ଓ ସରକାରୀ ଯୋଗାଯୋଗରେ ''ହରିଜନ'ଶବ୍ଦର ଉପଯୋଗ ବନ୍ଦ ପାଇଁ ଦାବି ଜଣାଇଥିଲେ । ଏହି ଶବ୍ଦର ଉପଯୋଗ ଅନୁସୂଚିତ ଜାତି ବର୍ଗର ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ବୋଲି ଦର୍ଶାଇବା ସହ କେତେକ ସ୍କୁଲରେ ଏହି ଶବ୍ଦ ବ୍ୟବହାର ହେଉଥିବାର ତାଲିକା ମଧ୍ୟ ପ୍ରଦାନ କରିଥିଲେ ।

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବଙ୍କ ଦ୍ୱାରା ମଙ୍ଗଳବାର ଜାରି ନିର୍ଦ୍ଦେଶନାମା ପୂର୍ବରୁ ୧୯୮୨ ଫେବୃୟାରୀ ୧୦ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଅନୁସୂଚିତ ଜାତି ପ୍ରମାଣପତ୍ରରେ ''ହରିଜନ' ଶବ୍ଦ ବ୍ୟବହାର ନକରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ୧୯୯୦ ଅଗଷ୍ଟ ୧୬ତାରିଖରେ ମଧ୍ୟ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ସରକାରୀ କାର୍ଯ୍ୟ ଓ ଯୋଗାଯୋଗରେ କେବଳ ''ଅନୁସୂଚିତ ଜାତି' ଶବ୍ଦ ଏବଂ ଏହାର ଅନ୍ୟ ଭାଷାରେ ଅନୁବାଦ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ୨୦୧୦ ଅଗଷ୍ଟ ୧୯ ତାରିଖରେ ମଧ୍ୟ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ସଂସଦୀୟ ସ୍ଥାୟୀ କମିଟି ତାଙ୍କର ନବମ ରିପୋର୍ଟରେ ମଧ୍ୟ ଏହି ''ହରିଜନ' ଶବ୍ଦ ଉପଯୋଗ ବନ୍ଦ ହେଉନଥିବା ନେଇ ଚିନ୍ତାପ୍ରକଟ କରି ନୂଆ ନିର୍ଦ୍ଦେଶନାମା ଜାରି ପାଇଁ ସୁପାରିଶ କରିଥିଲେ ।

## ଗିରଫ...

ହୋଇଥିଲେ । କଟକ ମେଡିକାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ଘରକୁ ଫେରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ ପକ୍ଷରୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା । ଅପରପକ୍ଷରେ ଶୁଭ୍ର ସମ୍ବିତ ଏବିଭିପି ଛାତ୍ର ସଂଗଠନର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି ।ବିଭାଗୀୟ ଏଚଓଡି ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇଥିଲେ ସୌମ୍ୟାଶ୍ରୀ । ନ୍ୟାୟ ନପାଇ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ସେ ପୋଡି ହୋଇଥିଲେ । ୧୪ ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ସମ୍ବେଦନଶୀଳ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା ।ପୋଲିସ ଏଚଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କ୍ରାଇମବ୍ରାଞ୍ଚ , ଉଚ୍ଚ ଶିକ୍ଷା ବିଭାଗର ଏକ ଟିମ ଓ୍ୟୁଜିସି ଫ୍ୟାକଫ ଫାଇଣ୍ଡିଂ ଟିମ କଲେଜରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ ଆରମ୍ଭ କରିଥିଲେ । ଆତ୍ମାହୁତି ନିମନ୍ତେ ଗିରଫ ଛାତ୍ର ଦ୍ୱୟଙ୍କ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ପ୍ରମାଣ ପାଇଥିବା କୁହାଯାଉଛି । ଛାତ୍ରୀ ଜଣକ ନ୍ୟାୟ ପାଇଁ ଲଢେଇ କରୁଥିବାବେଳେ କିଛି ଛାତ୍ର ଓ ସହଯୋଗୀ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ଥିଲେ । ଘଟଣା ଦିନ ସୌମ୍ୟାଶ୍ରୀଙ୍କ ପାଖରେ ରହି ଜ୍ୟୋତି ପ୍ରକାଶ ମୋବାଇଲରେ ଭିଡିଓ ଉତ୍ତୋଳନ କରିବା ସହ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ ।

## ଯନ୍ତ୍ରଣାରେ...

ନାହିଁ । ଫଳରେ ବ୍ୟକ୍ତିଗତ ଭାବେ ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରି ଅସ୍ତ୍ରୋପଚାର କରୁଛନ୍ତି ରୋଗୀ ।

ଜଣେ ରୋଗୀଙ୍କ ଉଦାହରଣ ନେଇ ସେ କହିଛନ୍ତି, ନିକଟ ଅତୀତରେ ଆୟୁଷ୍ମାନ ଯୋଜନାରେ ସ୍ତ୍ରୀ ଓ ପ୍ରସୂତି ରୋଗୀଙ୍କ ସିଷ୍ଟ ଅସ୍ତ୍ରୋପଚାର ପାଇଁ ରାଜ୍ୟ ସ୍ୱାସ୍ଥ୍ୟ କମିଟି ଠାରୁ ୨୬ ହଜାର ଟଙ୍କାର ମଞ୍ଜୁର ମିଳିଥିଲା । କିନ୍ତୁ ଅସ୍ତ୍ରୋପଚାର ପରେ କେନ୍ଦ୍ରର ଟିମ ଏହି ଟଙ୍କା ଦେବାକୁ ମନା କରିବା ପରେ ହସ୍ପିଟାଲରେ ରୋଗୀ ନିଜେ ଧାରକରଜ କରି ଅର୍ଥ ପୈଠ କରିଥିଲେ । ଏଭଳି ଅନେକ କେସରେ ଅନୁମତି ମିଳିବା ପରେ ବି ପୁଣି କେନ୍ଦ୍ର ପକ୍ଷରୁ ମନା କରାଯାଉଛି । ରୋଗୀମାନେ ଆୟୁଷ୍ମାନରେ ଚିକିତ୍ସା ହେବାକୁ ଅମଙ୍ଗ ହେଉଛନ୍ତି । ଫଳରେ ବିଏସ୍‌କେୱାଇରେ ରୋଗୀଙ୍କ ପାଇଁ ଯେତେ ପରିମାଣର ଅର୍ଥ ଖର୍ଚ୍ଚ ହେଉଥିଲା, ଆୟୁଷ୍ମାନରେ ତା'ର ଦୁଇ ତୃତୀୟାଂଶ ଖର୍ଚ୍ଚ କମିଯାଇଛି । ଏହି ଘଟଣାରେ ଖୁବଶୀଘ୍ର ଏଓପିଏମ୍‌ଇଏଫ ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଏକ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ସଦସ୍ୟ ଜଣକ କହିଛନ୍ତି ।

ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ଆୟୁଷ୍ମାନ କାର୍ଡରେ ତାଙ୍କ ମା'ଙ୍କ ଚିକିତ୍ସା ଏକ ଘରୋଇ ହସ୍ପିଟାଲରେ କରାଇଥିଲେ । ଆୟୁଷ୍ମାନ ଯୋଜନାରେ ସୀମିତ ଆଣ୍ଟିବାୟୋଟିକ ବ୍ୟବହାର ପାଇଁ ଅନୁମତି ରହିଛି । ତେବେ ସେହି ଆଣ୍ଟିବାୟୋଟିକ ଯଦି ରୋଗୀଙ୍କ ଶରୀରରେ କାମ କରୁନି, ତାହେଲେ ସେ ନିଶ୍ଚିତ ମୃତ୍ୟୁ ମୁଖରେ ପଡୁଛନ୍ତି । ତେବେ ପୂର୍ବରୁ ଥିବା ବିଏସ୍‌କେୱାଇରେ ଡାକ୍ତରମାନେ ଆଣ୍ଟିବାୟୋଟିକ ବଦଳାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଆବେଦନ ପତ୍ର ଲେଖୁଥିଲେ । ଫଳରେ ରୋଗୀଙ୍କୁ ନୂଆ ଆଣ୍ଟିବାୟୋଟିକ ବ୍ୟବହାର ଲାଗି ଅନୁମତି ମିଳୁଥିଲା । କିନ୍ତୁ ଆୟୁଷ୍ମାନରେ ଏହି ସୁବିଧା ଉପଲବ୍ଧ ନାହିଁ ବୋଲି ସେ କହିଛନ୍ତି ।

ଏତିକିରେ ଆୟୁଷ୍ମାନ ସମସ୍ୟା ସରିନି । ରୋଗୀ ଚିକିତ୍ସା ପରେ ଡିସଚାର୍ଜ ବେଳେ ଯନ୍ତ୍ରଣା ଭୋଗୁଛନ୍ତି ସମ୍ପର୍କୀୟମାନେ । ପୂର୍ବରୁ ବିଏସ୍‌କେୱାଇରେ ଡିସଚାର୍ଜ ସମୟରେ ରୋଗୀଙ୍କ ଠାରୁ ସମସ୍ତ ଦସ୍ତାବିଜ ରଖି ଦେଇ ତୁରନ୍ତ ଛାଡ଼ି ଦେଉଥିଲେ । କିନ୍ତୁ ଆୟୁଷ୍ମାନରେ ଏବେ ଡିସଚାର୍ଜ ସମୟରେ ୬ରୁ ୭ ଘଣ୍ଟା ରୋଗୀଙ୍କ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରୋଗୀଙ୍କ ସମ୍ପର୍କୀୟଙ୍କୁ ସମସ୍ତ ଦସ୍ତାବିଜ ସହିତ ବାୟୋମେଟ୍ରିକ ଦେବାକୁ ବାଧ୍ୟତାମୂଳକ କରାଯାଇଛି । ଫଳରେ ରୋଗୀ ଓ ସମ୍ପର୍କୀୟ ଘଣ୍ଟା ଘଣ୍ଟା ଧରି ଅସୁବିଧା ଭୋଗୁଥିଲେ ମଧ୍ୟ ମୁହଁ ଖୋଲୁନାହାନ୍ତି ।

ରାଜଧାନୀ ଭୁବନେଶ୍ୱର ଓ କଟକ ଭଳି ସହରରେ ଏଭଳି ବ୍ୟତିକ୍ରମ ଦେଖାଦେଉଛି । ସେହିପରି କୋରାପୁଟ ଓ ମାଲକାନଗିରି ଭଳି ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବ୍ୟବସ୍ଥା କଥା ନକହିଲେ ଭଲ । ସେଠାରେ ସଚେତନତା ଅଭାବରୁ ବହୁ ମୂଲ୍ୟବାନ ଜୀବନ ଯାଉଥିବା ଅଭିଯୋଗ ହେଉଛି । ଆଦିବାସୀମାନେ ଆୟୁଷ୍ମାନ ଯୋଜନା ସମ୍ପର୍କରେ ଜାଣିପାରୁନାହାନ୍ତି । ଏ ପର୍ଯ୍ୟନ୍ତ ସମସ୍ତ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ସରକାର ବଣ୍ଟନ କଲେନାହିଁ । ସେଠାରେ କୌଣସି ଅଙ୍ଗନବାଡ଼ି କର୍ମୀ କିମ୍ବା ଆଶା କର୍ମୀମାନେ ସରକାରଙ୍କ ମାଗଣାରେ ଆୟୁଷ୍ମାନ ଯୋଜନାର ଲାଭ ଉଠାଇବାକୁ ସଚେତନ କରୁନଥିବା ଜଣାପଡ଼ିଛି । ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ଉଚିତ ପଦକ୍ଷେପ ନେବାକୁ ଆଦିବାସୀ ସଂଗଠନ ପକ୍ଷରୁ ଦାବି ହୋଇଛି ।

# ଜିଲ୍ଲା ମେଡିକାଲ କମିଟିର ତଦନ୍ତ ଶେଷ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମିଳିତ ଅଭିଯୋଗର ତଦନ୍ତ ଶେଷ ହୋଇଛି । ମଙ୍ଗଳବାର ଅପରାହ୍ନ ୩ଟା ରେ ମେଡିକାଲର ସ୍ୱତନ୍ତ୍ର ଗଠିତ ତଦନ୍ତ କମିଟି ଅଧକ୍ଷା ତଥା ଜିଲ୍ଲା ପରିବାର କଲଯାଣ ଅଧିକାରୀ ଡା. କନକଲତା ସାହୁ, ସଦସ୍ୟ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନହରି ମିଶ୍ର ଓ ଜିଲ୍ଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି ଜିଲ୍ଲା ମେଡିକାଲ ସମ୍ମିଳନୀ କକ୍ଷରେ ମିଳିତ ଭାବେ ତଦନ୍ତ କରିଥିଲେ ଅଧିକ୍ଷକ ଡା. ସ୍ୱାଇଁ ଓ ଅବଶିଷ୍ଟ ୧୩ ଜଣ ଅଭିଯୋଗକାରୀ ସି.ଏଚ.ଓ.ଙ୍କୁ ତଦନ୍ତ ପାଇଁ ଡକାଯାଇଥିଲା । ୨ ଘଣ୍ଟା କାଳ ତଦନ୍ତ ଶେଷରେ ଅଭିଯୋଗକାରୀଙ୍କୁ ଲିଖିତ ବୟାନ ଦେବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା । ଏହି ସମୟରେ ତଦନ୍ତ କମିଟିର ଜନୈକ ସଦସ୍ୟ ବାହାରକୁ ଆସି ଲିଖିତ ବୟାନ ପ୍ରସ୍ତୁତ କରୁଥିବା ଅଭିଯୋଗକାରୀଙ୍କୁ ତାଗିଦ କରି ଘରକଥା ଘରେ ରଖିବା ସହ ଗଣମାଧ୍ୟମକୁ ଏଡାଇବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି । ଅନ୍ୟଥା ଚାନ୍ଦବାଲି ନହେଲେ ବାସୁଦେବପୁର ବଦଳିର ରାସ୍ତା ଦେଖାଇ ଦିଆଯିବ ବୋଲି ସଂପୃକ୍ତ ତଦନ୍ତ ସଦସ୍ୟ କହିଥିଲେ । ତଦନ୍ତ କମିଟିର ସଦସ୍ୟଙ୍କ ଏଭଳି ପକ୍ଷପାତପୂର୍ଣ୍ଣ ଧମକ ଘଟଣାକୁ ନେଇ ଅଭିଯୋଗକାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଲିଖିତ ବୟାନ ଦାଖଲ କରିଥିଲେ । ଅଭିଯୋଗକାରୀମାନେ ପଛକୁ ଆଦୌ ହଟିବେ ନାହିଁ ଓ ଅଭିଯୋଗକୁ ନିର୍ଣ୍ଣାୟକ ସ୍ତରକୁ ନେବାକୁ ସଙ୍କଳ୍ପ କରିଥିଲେ । ଏବେ ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଉଛି । ଏହା ମିଳିବା ପରେ ପରବର୍ତ୍ତି ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଥିଲେ ।

## ଭାଲୁ ଆକ୍ରମଣରୁ ବର୍ତ୍ତିଲେ ବୃଦ୍ଧ

ନୀଳଗିରି,(ସବ୍ୟୁ): ସକାଳେ ଫୁଲ ତୋଳିବା ସମୟରେ ଭାଲୁ ଆକ୍ରମଣରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଜଣେ ବୃଦ୍ଧ । ନୀଳଗିରି ଏନଏସି ୬ ନମ୍ବର ୱାର୍ଡ ନିଜଗଡ଼ ଗ୍ରାମର ରତନ ଦାଶ (୬୫), ରାମବାବୁ ଲୁଗା ଦୋକାନ ପାଖ ଗଳିରେ ସକାଳେ ଫୁଲ ତୋଳିବା ସମୟରେ ଭାଲୁ ହାବୁଡ଼ରେ ପଡ଼ିଥିଲେ ।

# ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ

ସୋର,(ସବ୍ୟୁ): ଝାଡଖଣ୍ଡ ରାଜ୍ୟ ସାହଭୂମ ଜିଲ୍ଲା ଚକୁଲିଆ ଥାନା ସିନ୍ଦୁରଗୌରୀ ଗ୍ରାମର ଭୁବନେଶ୍ୱର ଶବରଙ୍କ ସାନ ପୁଅ ମୋହନ ଶବର (୧୦)ଙ୍କୁ ଏକ ବିଷଧର ସାପ କାମୁଡ ଦେବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି ।


**AFFIDAVIT**

I, Priyanka Das, W/o-Smruti Ranjan Das, resident of B-212, BDA HIG Duplex Near Pragyan vihar park, Baramunda, Bhubaneswar, Dist-Khordha, Pin-751003, Odisha declare by this affidavit No-406 dtd-12.08.2025 that now onwards I shall be known as **PRIYANKA MOHANTY** for all future purposes.

**AFFIDAVIT**

By virtue of an Affidavit sworn before Notary Public, Bhubaneswar, date.22.02.2025, sl No.186. I Tamana Priyadarshini, aged 20 years, D/o.: Akshaya Kumar Parida, R/o: At/PO: Kansar, PS/Dist:Kendrapara, Aadhaar No.297301226917, present residing at Plot-525/5690, Lane-2, Jagamara, PS:Khandagiri, Bhubaneswar, Dist:Khordha declare that I have changed my name from **Tamana Priyadarshini** & Dob: 09.05.2004 to **Tamanna Priyadarshini** Dob: 09.05.2005. Henceforth I shall be known as **Tamanna Priyadarshini** and date of birth **09.05.2005** for all purposes.

**AFFIDAVIT**

By virtue of an affidavit sworn before Notary Public, Kendrapara, dated 08.04.2025 I Gyana Ranjan Choudhury, S/o Dhirendra Prasad Choudhury, Vill-Pokharipada, Po-Pokharipada, PS-Pattamundai, Dist-Kendrapara, Pin-754215 declare that I have changed my name from Jnanaranjan Choudhury to Gyana Ranjan Choudhury. Henceforth, I shall be known as Gyana Ranjan Choudhury for all purposes.

**Sd/- Gyana Ranjan Choudhury**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 11.08.2025 I, SUNITA BAIRAGANJAN, Address SCIENCE PARK BASTI, ACHARYA VIHAR, SAHEED NAGAR, BHUBANESWAR 751013 declare that I have changed my name from SUNITA SAHOO to SUNITA BAIRAGANJAN. Henceforth, I shall be known as SUNITA BAIRAGANJAN for all purposes.

**SUNITA BAIRAGANJAN**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 06/08/2025. I, Om Prakash Dash, Address At-Jerakanda, Po- Rahania, Ps-Mahanga, District- Cuttack, Odisha, Pin Code- 754204. Declare that I have changed the name of my son from Sai Prasad Das to Tanmaya Kumar Dash. Henceforth, he shall be known as **Tanmaya Kumar Dash** for all purposes.

**Sd/- Om Prakash Dash**

**OFFICE OF THE SUPERINTENDENT**
**VSS INSTITUTE OF MEDICAL SCIENCE AND RESEARCH BURLA (SAMBALPUR)**
**No. 11777 / VIMSAR, Burla Dated the 12th 8 2025**

**TENDER CALL NOTICE**

**E-310 :** Sealed Tenders are invite by the undersigned from interested Firms having GST registration for purchase of the condemned materials from this Hospital so as to reach to the office of the Superintendent, VIMSAR, Burla on or before **16.09.25** up to **5.00 PM** which will be opened at 10.30 AM or the next working day.

The details of the terms and conditions of the Tender Call Notice can be collected from the office of the Superintendent, VIMSAR, Burla on working days from 10.00 AM to 5.00 PM or can be downloaded from District / VIMSAR website from the date of publication of the Tender Call Notice to last date of submission.

Sd/- Superintendent
VIMSAR, Burla

OIPR : 10187/11/0042/2526

**ପୌରପରିଷଦ କାର୍ଯ୍ୟାଳୟ, ଜୟପୁର**
**OFFICE OF THE MUNICIPAL COUNCIL : JEYPORE**
C- 852
Letter No. 3473/JM Date : 11 August 2025

**ଭୁଲ ସଂଶୋଧନ ସୂଚନା**

ଜୟପୁର ପୌରସଂସ୍ଥା ପାର୍କ ଗୁଡିକର ରକ୍ଷଣା ବେକ୍ଷଣ ନିମନ୍ତେ ଏହି କାର୍ଯ୍ୟାଳୟ ଚିଠି ସଂଖ୍ୟା ୩୪୦୩ ତାରିଖ ୦୨/୦୮/୨୦୨୫ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଯୁବ ଗୋଷ୍ଠୀମାନଙ୍କ ଠାରୁ ଇଚ୍ଛାପତ୍ର ଆହ୍ୱାନ କରିଛି । ଏହି ଚିଠିର ୪ ନମ୍ବର ସର୍ତ୍ତରେ ଭୁଲ ବଶତଃ **ଅଫସେଟ ପ୍ରାଇସ ରୁ କମ ଦର୍ଶାଇଥିଲେ ତାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଦର୍ଶାଯାଇଥିଲା ।**

ଏହି ଭୁଲ ସଂଶୋଧନ କରି ସୂଚୀତ କରାଯାଉଛି ଯେ, ତାହାକୁ **ଅଫସେଟ ପ୍ରାଇସ ରୁ ଅଧିକ** ବୋଲି ପଢ଼ିବେ ।

ଅନ୍ୟ ସମସ୍ତ ସର୍ତ୍ତ ଅପରିବର୍ତ୍ତିତ ରହିଛି ।

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜୟପୁର ପୌରପରିଷଦ

OIPR : 13079/11/0056/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1430
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୨୪ **ବିଜ୍ଞାପନ** ତା : ୩୧.୦୭.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ୨ୟ ପର୍ଯ୍ୟାୟ ଗୃହନିର୍ମାଣ ପ୍ରକଳ୍ପ, ଭୁବନେଶ୍ୱରରେ ଘର ନଂ ଏଲ.ଆଇ.ଜି.-୧୬୬୯ (LIG-1669), ଚିକ୍କୁ ଶ୍ରୀ ସନ୍ତୋଷ କୁମାର ନାୟକ, ପି- ସ୍ୱର୍ଗତ ଶ୍ରୀନିବାସ ନାୟକ, ସା-ସିମିଳିପୁର, ପୋ-ହରିରାଜପୁର, ଥା-ଦାଙ୍ଗା, ଜି-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସନ୍ତୋଷ କୁମାର ନାୟକ ଉକ୍ତ ଗୃହଟିକୁ ଦ୍ୱିତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସ୍ୱୟମ୍ କୁମାର, ପି-ଶ୍ରୀ ସୁଶାନ୍ତ କୁମାର ନାୟକ, ପ୍ଲଟ ନଂ-୪୮୨/୪୬୯୦, ସା-ଲିଙ୍ଗିପୁର, ପୋ-ଶିଶୁପାଳଗଡ, ଥା-ଶ୍ରୀଲିଙ୍ଗରାଜ, ଭୁବନେଶ୍ୱର-୨, ଜି-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0800/2526

**ଦ.ପୂ. ରେଳପଥ-ଟେଣ୍ଡର**

ଟ୍.ଆର ଏସ୍.ଓ-କେ ଜି ପି-ଏଚ ଏଲ ଏସ-ଆଇଆରଇପିଏସ-ଏନ-୩-୨୦୨୫, ତାରିଖ : ୧୧.୦୮.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଇଇ/ଓପି/ଖଡ଼ଗପୁର, ଡିଆରଏମ୍ ବିଲ୍ଡିଂ, ପ୍ରଥମ ମହଲା, ଦ.ପୂ.ରେଳପଥ, ଖଡ଼ଗପୁର-୭୨୧୩୦୧, ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ ସହାଣେ ସୂଚିତ ତାରିଖ ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଣ୍ଟିକାରେ ଖୋଲାଯିବ । କ୍ର.ନଂ. : (୧), କାର୍ଯ୍ୟର ବିବରଣୀ : [illegible] । ଟେଣ୍ଡର ମୂଲ୍ୟ : ଟ. ୧,୩୫,୦୩,୫୯୨.୦୫, ଇଏମଡି : ଟ. ୨,୧୨,୫୦୦.୦୦, ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଟ. ୫,୦୦୦.୦୦, ଖୋଲା ତାରିଖ : ୦୩.୦୯.୨୦୨୫, ସମାପ୍ତି ସମୟ : ୦୨ ବର୍ଷ (୭୩୦ ଦିନ), ଦାଖଲ ତାରିଖ : ୦୩.୦୯.୨୦୨୫ ଅପରାହ୍ନ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ୱେବସାଇଟ୍ **www.ireps.gov.in** ଦେଖି ପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ ହେବ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ **www.ireps.gov.in** ଦେଖୁଥିବେ ।(PR-513)

**OFFICE OF THE NOTIFIED AREA COUNCIL, GANJAM**
C-854
Letter No.- 2411/NAC Date : 08.08.2025

**"e" Procurement Notice**
**Tender Reference No.GJM-02-NAC/2025-26**
**BID ID No :**

Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt, website, i.e **www.tendersodisha.gov.in**

1. Name of the Work : Civil construction works as mentioned in DTCN.
2. No. of works : 8 Nos.
3. Estimated cost : Rs 5.27 lakhs.to Rs. 19.49 lakhs
4. Period of completion : As Per DTCN.
5. Date & time of availability of bid document in the portal : From 11.00 AM of 12-08-2025 to 5.00 PM of 26-08-2025
6. Last date / Time for receipt of bids in the portal : 26-08-2025 up to 5.00 PM.
7. Bids received online shall be opened on : 29-08-2025 at 11.30 AM.
8. Name and address of the Officer Inviting Bid : Executive Officer, NAC, Ganjam.
9. Further details can be seen from the e-procurement portal **https://tendersodisha.gov.in**

Sd/- Executive Officer,
NAC, Ganjam

OIPR : 13164/11/0003/2526

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel uihep@ohpcltd.com
ODISHA HYDRO POWER CORPORATION LTD."(A GOVERNMENT OF ODISHA UNDERTAKING)'
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com. CIN: U40101OR1995SGC003963
CAD-1438

**'e'- Procurement Notice**
**NOTICE INVITING TENDER NO.UIHEP/23/2Q25-26 DATED.11.08.2025**

The Unit Head, UIHEP, Mukhiguda, Dist- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in Online mode from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contact |
|---|---|---|---|---|---|---|
| | Cleaning inside 11KV/33KV220KV/400KV Switchyard area and clearing shrub jungles, uprooting stumps and small bushes at Switchyard area (in between boundary wall & drain area) of UIHEP, Mukhiguda for a period of one year. | 6,16,855/- (Excluding GST) | 6,170/- | 'C' & 'D' Class Contractor registered with State Govt./ Central Govt/MES/ Railways | 4,000/- + GST @18% =4,720/- | One (01) Calendar Year |

Availability of tender document in the portal: From 16.08.2025 (10:00 Hrs) to 29.08.2025 (up to 13:00 Hrs.). Last date & time of submission of tenders in the portal: 29.08.2025 up to 13:00 Hrs.. The date & time of opening of the bid: 29.08.2025 at 16:30 Hrs (Only Technical Bid). The bidders have to participate in **ONLINE** bidding only. Further details can be seen and tender. document can be downloaded from the e-Procurement Portal "**https://tendersodisha.gov.in**".

OIPR : 04008/11/0040/2526
Sd/- Unit Head, UIHEP, Mukhiguda

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
**Email Address : cemech.eicwr.od@gmail.com**
A-494
**e-Procurement Notice - Bid Identification No.- CEM/MDS-03/2025-26**

1. No. of the Works : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/MSME for Irrigation Shutters / Hydro mechanical gates
4. Bid Identification No. : CEM / MDS - 03 / 2025-26
5. Estimated Cost : Rs. 39,17,926.00
6. Period of Completion : 03 (Three) Calendar Months.
7. Date & time of availability of bid documents in the Portal. : From dt. 16.08.2025 (10.00 AM) to dt. 30.08.2025 (5.30 PM)
8. Last date / time for receipt of bid in the Portal : dt. 30.08.2025 (up to 5.30 PM)
9. Date and Place of opening of Technical Bid : dt. 01.09.2025 (1200 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/Corrigendum/ Cancellation Notice shall be uploaded in the aforesaid website only.

Sd/- Chief Engineer, Mechanical
O/o- Engineer-In-Chief
Secha Sadan, Bhubaneswar

OIPR : 32520/11/0055/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବିପିଏନ୍‌ଏସ୍‌ଆଇରେ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ବୃତ୍ତିଗତ ପ୍ରାକ୍-କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଯାଜପୁରର ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ରେ ଏହାର ସ୍ନାତକ ଇଞ୍ଜିନିୟର ପ୍ରଶିକ୍ଷାର୍ଥୀ ଏବଂ ସ୍ନାତକୋତ୍ତର ଇଞ୍ଜିନିୟର ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆରମ୍ଭ ହୋଇଛି। ରାକେଶ ପାଠକ, ଏଭିପି (ଏଚ୍‌ଆର) ବିପିଏନ୍‌ଏସ୍‌ଆଇ ଦ୍ୱାରା ଆୟୋଜିତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ବିଶେଷକରି ଦେଶର ଲୁହା ଏବଂ ଇସ୍ପାତ ଶିଳ୍ପର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ ପୁନଃ ଦକ୍ଷତା ଏବଂ ଉନ୍ନତ କରିବାର ଦାୟିତ୍ୱ ନେଇଥିବାରୁ ବିପିଏନ୍‌ଏସ୍‌ଆଇକୁ ପ୍ରଶଂସା କରିଥିଲେ। ବିପିଏନ୍‌ଏସ୍‌ଆଇର ବରିଷ୍ଠ ସହାୟକ ପ୍ରଫେସର ପ୍ରଫେସର ସତ୍ୟପ୍ରିୟ ଶତପଥୀ, କର୍ମଶାଳାର ଗୁରୁତ୍ୱ ଏବଂ କାର୍ଯ୍ୟକ୍ରମ ସୂଚୀ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ପ୍ରଫେସର (ଡକ୍ଟର) ରାମକୃଷ୍ଣ ସାବତ, ସହଯୋଗୀ ପ୍ରଫେସର, ଆଇଆଇଟି, ଭୁବନେଶ୍ୱର "ଇସ୍ପାତ ଗୁଣବତ୍ତା ପରିଚାଳନା ଏବଂ ମିଶ୍ରଣ କୌଶଳ" ବିଷୟରେ ପାଠପଢ଼ାଇଥିଲେ। ପ୍ରଫେସର (ଡକ୍ଟର) ଅମୃତେନ୍ଦୁ ରାୟ, ସହଯୋଗୀ ପ୍ରଫେସର, ଆଇଆଇଟି, ଭୁବନେଶ୍ୱର "ଲାଡଲ୍ ରିଫାଇନିଂ ପ୍ରକ୍ରିୟାରେ ଇସ୍ପାତ ରିଫାଇନିଂ ପ୍ରକ୍ରିୟା ଏବଂ ଉପକରଣ ବିଫଳତା" ବିଷୟରେ ପାଠପଢ଼ାଇଥିଲେ।



କର୍ମଶାଳାରେ, ପ୍ରଫେସର ଏସ୍.ପି. ଶତପଥୀ ଅଂଶଗ୍ରହଣକାରୀମାନଙ୍କୁ ଇସ୍ପାତ ଶିଳ୍ପରେ ଡିକାର୍ବୋନାଇଜେସନ ଏବଂ ପ୍ରକ୍ରିୟା ପରିବର୍ତ୍ତନ ବିଷୟରେ ସଂକ୍ଷିପ୍ତ ଟିପ୍ସ ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ଶ୍ୟାମ ତ୍ରିପାଠି, ଏଜିଏମ୍ (ମାନବସମ୍ପଦ) ମଧ୍ୟ କର୍ମଶାଳାରେ ଉପସ୍ଥିତ ଥିଲେ।

# ଚୌଦ୍ୱାର ମଣ୍ଡଳ ବିଜେପି ପକ୍ଷରୁ ହରଘର ତିରଙ୍ଗା କାର୍ଯ୍ୟକ୍ରମ

ଚୌଦ୍ୱାର, (ସ.ବ୍ୟୁ.) : ଚୌଦ୍ୱାର ମଣ୍ଡଳ ବିଜେପି ପକ୍ଷରୁ ଆଜି ସକାଳେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବା ପରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ପୌରପାଳିକାର ୧୭ନମ୍ବର ୱାର୍ଡରେ ଥିବା କାରଗିଲ ସହୀଦ୍ ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଅପରାହ୍ଣରେ ସ୍ଥାନୀୟ ବିରୂପା ବ୍ୟାରେଜ୍ ଠାରୁ ଏକ ମୋଟର ସାଇକେଲରେ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସମସ୍ତ ପୌରପାଳିକାର ସମସ୍ତ ୧୯ଟି ୱାର୍ଡ଼ ପରିକ୍ରମା କରିବା ପରେ ୧୪ନମ୍ବର ୱାର୍ଡ଼ର ପୋଟଳେଇ ଠାକୁରାଣୀଙ୍କ ପୀଠରେ ସମାପ୍ତ କରାଯାଇଥିଲା । ମଣ୍ଡଳ ସଭାନେତ୍ରୀ ମମତା ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଜିଲ୍ଲା ପ୍ରତିନିଧି ସନ୍ତୋଷ କୁମାର ସାହୁ, ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ସାଧାରଣ ସଂଯୋଜକ ଚିନ୍ମୟ ବେହେରା, ସନ୍ତୋଷ କୁମାର ବେହେରା, ଲକ୍ଷ୍ମୀନାରାୟଣ ସାହୁ, ସୁମିତ୍ରା ମହାନ୍ତି, ପ୍ରଶାନ୍ତ ବରାଳ, ଭାବଗ୍ରାହୀ ପଟ୍ଟନାୟକ, ନଗେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ନାୟକ, ସ୍ମୃତିରଂଜନ ସାହୁ, ଗୌତମ ସାହୁ, କ୍ରିଷ୍ଣା ରାଓ, ପ୍ରଦୀପ ମହାପାତ୍ର, ସୌମେନ୍ଦ୍ର ଲେଙ୍କା, ଶଶିକାନ୍ତ ନାୟକ, ସୁମିତ୍ରା ସାହୁ, ଅନୀତା ନାୟକ, ବିଷ୍ଣୁଚରଣ ପରିଡ଼ା, ପ୍ରଦୀପ ଦାସ, ବିଶ୍ୱରଞ୍ଜନ ସ୍ୱାଇଁ, ହଂସ ଚରଣ ସାହୁ ଓ ବିପିନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ରାକେଶ ପଣ୍ଡାଙ୍କୁ 'ଆଦିତ୍ୟ ସେବା ସମ୍ମାନ-୨୦୨୫'




ଭୁବନେଶ୍ୱର (ସବ୍ୟୁ) : ଲେଖନୀ ମାଧ୍ୟମରେ ସମାଜରେ ନିଜର ଶ୍ରେଷ୍ଠ ଅବଦାନ ପ୍ରଦାନ ନିମନ୍ତେ ଯୁବ ସାହିତ୍ୟିକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ ଲେଖକ ବର୍ଗରେ 'ଆଦିତ୍ୟ ସେବା ସମ୍ମାନ - ୨୦୨୫' ରେ ସମ୍ମାନିତ କରାଯାଇଛି । ରବିବାର ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ 'ଓଡିଆ କବି ସମ୍ମିଳନୀ-୨୦୨୫' ଅବସରରେ ଭୁବନେଶ୍ୱର ବିଧାୟକ, ବାବୁ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା କବି ନିହାର ରଞ୍ଜନ ଦାଶ ପ୍ରୋଜେକ୍ଟ ପଏଣ୍ଟ ର ଅଧକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

## ବିଶ୍ୱ ମୁଖ ଗହ୍ୱର ସ୍ୱାସ୍ଥ୍ୟ ଦିବସ

# ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ ରେ ସର୍ବଶ୍ରେଷ୍ଠ ପୁରସ୍କାରରେ ଓଡିଶା ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ପାଳିତ ବିଶ୍ୱ ମୁଖ ଗହ୍ୱର ସ୍ୱାସ୍ଥ୍ୟ ଦିବସ ୨୦୨୫ ଏବଂ ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ ରେ ସର୍ବଶ୍ରେଷ୍ଠ ପୁରସ୍କାରରେ ଓଡିଶା କୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି ।ଏହି ପୁରସ୍କାର ଓ ସମ୍ମାନପତ୍ର ଦିଲ୍ଲୀ ସ୍ଥିତ ଏମ୍ସରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟ ପରାମର୍ଶଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଛି । ସେହିପରି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ତମାଖୁ ମୁକ୍ତ ଯୁବ ଅଭିଯାନ ୨.୦ ରେ (ସେପ୍ଟେମ୍ବର–ନଭେମ୍ବର ୨୦୨୪ , ୬୦ ଦିନ ପାଇଁ )ରେ ଓଡିଶାଙ୍କୁ ସର୍ବଶ୍ରେଷ୍ଠ କାର୍ଯ୍ୟକୁଶଳ ରାଜ୍ୟ ଭାବେ ଚୟନ କରାଯାଇ ଜାତୀୟ ସ୍ତରରେ ସମ୍ମାନିତ କରାଗଲା । ଏହି ସମ୍ମାନ, ରାଜ୍ୟର ଯୁବଶକ୍ତିଙ୍କ ଦ୍ୱାରା ସମାଜରେ ତମାଖୁ ବ୍ୟବହାରର କୁପ୍ରଭାବ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସଫଳ ପ୍ରୟାସ ପାଇଁ ପ୍ରଦାନ କରାଗଲା। ଏହି ସମ୍ମାନ, ମୁଖ ସ୍ୱାସ୍ଥ୍ୟ ସେବାକୁ ଗାଁରୁ ଶହର ସବୁ ସ୍ତରରେ ପହଞ୍ଚାଇବା ପାଇଁ ଓଡିଶା ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ଦେଉଛି । ସ୍ୱାସ୍ଥ୍ୟ ବିଭାଗର ସମଗ୍ର ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବାରେ ନିରନ୍ତର ପ୍ରୟାସ ପାଇଁ ରାଜ୍ୟ ଜାତୀୟ ସ୍ତରରେ ପ୍ରଶଂସା ପାଇଛି।

# ବ୍ରାଉନସୁଗର ଜବତ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୦ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଡି ଜଓ୍ୱାଦ (୩୦), ଏସ୍‌କେ ଅଜୁ (୧୯), ଏସ୍‌କେ ରାଜୁ (୨୫) ଓ ମନିରୁଲ୍ ମାଲିଦା (୨୮) ।



ସରକନ୍ତରା ଖଣ୍ଡୁଆଳ ମନ୍ଦିର ନିକଟରେ ୪ଜଣ ବ୍ରାଉନସୁଗର ବିକ୍ରି କରିବା ନିମନ୍ତେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ପୋଲିସ ଖବର ପାଇଥିଲା । ଖବର ପାଇବା ପରେ ପୋଲିସ ସେଠାରେ ଚଢାଉ କରି ୪ଜଣଙ୍କୁ କାବୁ କରିବା ପରେ ଯାଞ୍ଚ କରିବାରୁ ୪ଜଣଙ୍କ ନିକଟରୁ ୫ଗ୍ରାମ୍ ଲେଖାଏଁ ବ୍ରାଉନସୁଗର ପ୍ୟାକେଟ୍ ମିଳିଥିଲା । ୪ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବାଇବେଲ କଲେଜ ନାଇଜେରିଆ ପକ୍ଷରୁ ଡ ନାରାୟଣ ମହାପାତ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ଅନୁଷ୍ଠାନ ଏଣ୍ଡ ଟାଇମ ବାଇବେଲ କଲେଜ ନାଇଜେରିଆ ପକ୍ଷରୁ ସମାଜ ରେ ଶାନ୍ତି ବଜାୟ ରଖିବା ଓ ସମାଜ ମଙ୍ଗଳ କାର୍ଯ୍ୟ ରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ ନାରାୟଣ ମହାପାତ୍ରଙ୍କୁ "ଇଣ୍ଟରନେସନାଲ ହ୍ୟୁମାନଟେରିଆନ ସର୍ଭିସ ଆୱାର୍ଡ " ରେ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ସମାଜରେ ବରିଷ୍ଠ ନାଗରିକଙ୍କ ଓ ଛୋଟ ଅନାଥ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଏ ଟ୍ରଷ୍ଟ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ବୃକ୍ଷ ରୋପଣ ଓ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ କରାଯାଇ ଥାଏ,ଏହି ସମ୍ମାନ ନିମନ୍ତେ ଆମକୁ ଉପଯୁକ୍ତ ଭାବି ପ୍ରଦାନ କରି ଥିବାରୁ ଡ଼ ମହାପାତ୍ର ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରାଜନଗରରେ ଦଳିତ ନାବାଳିକା ଗଣଦୁଷ୍କର୍ମ ଘଟଣା

# ମହିଳା ଅସୁରକ୍ଷିତ ନେଇ ଓଡ଼ିଶା ନିନ୍ଦିତ : ବିଜେଡି

ଭୁବନେଶ୍ୱର, (ସବ୍ୟୁ) କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକାର ଗଣଦୁଷ୍କର୍ମ ସାମ୍ନାକୁ ଆସିବା ପରେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ କରି ରାଜ୍ୟ ସରକାରଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଛାତ୍ରୀ ଓ ମହିଳା ମାନଙ୍କ ଉପରେ ନିର୍ଯାତନା ଓ ଦୁଷ୍କର୍ମ ପ୍ରତ୍ୟେକ ଦିନ ଉଦ୍‌ବେଗଜନକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ । ବିଧାୟକ ଧ୍ରୁବ ଚରଣ ସାହୁ କହିଥିଲେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ରାଜ୍ୟରେ ନିତିଦିନିଆ ହୋଇଯାଇଥିବା ବେଳେ, ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଦିନ ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକା ତାର ପିଉସୀ ସହିତ ଭାଲୁକୁଣୀ ମୂର୍ତ୍ତି କିଣିବାକୁ ଯିବା ସମୟରେ ସନ୍ଧ୍ୟା ୫ଟା ସମୟରେ ତାଙ୍କୁ ଗୋଟିଏ ନିକାଞ୍ଚନ ଜାଗାକୁ ନେଇ ୫ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ସହିତ ଭିଡିଓ ଉତ୍ତୋଳନ କରିଥିଲେ । ପୀଡିତା ଜଣକ ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନଥିଲା । ଦୁର୍ବୃତ୍ତ ମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ । ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ, ପରିବାର ଲୋକ ଏହି ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ ।ଅନ୍ୟ ଏକ ଘଟଣାରେ ଗତ ୬ ତାରିଖ ଦିନ ପଟ୍ଟାମୁଣ୍ଡାଇରେ ଜନୈକ କଲେଜ ଛାତ୍ରୀ ଆତ୍ମଦାହ କରିଥିଲେ । ଶ୍ରୀ ସାହୁ ଆହୁରି କହିଥିଲେ, ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରହିଥିଲେ ମଧ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ । ମହିଳା ମାନଙ୍କ ବିକାଶ ପାଇଁ ସରକାର କେବଳ ସୁଭଦ୍ରା ସୁଭଦ୍ରା ପ୍ରଚାର କରୁଛନ୍ତି । କିନ୍ତୁ ବାସ୍ତବରେ ସରକାରଙ୍କ ଏହି ପ୍ରଚାର ମହିଳା ମାନଙ୍କ ପାଇଁ ଏକ ଉପହାସରେ ପରିଣତ ହୋଇଛି ।

ଡ଼ ଲେନିନ ମହାନ୍ତି କହିଥିଲେ, ଗୋଟିଏ ମାସ ଭିତରେ ଚାରି ଚାରି ଜଣ ଛାତ୍ରୀ ପୋଡିହୋଇ ମରିଥିବା ବେଳେ, ଆଜି ମଧ୍ୟ ଭୁବନ ଅଞ୍ଚଳରେ ଜଣେ ମହିଳା ୫୦ ପ୍ରତିଶତ ପୋଡି ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଭଳି ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି । ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜାତୀୟ ଗଣମାଧ୍ୟମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ, ଓଡିଶା ଲଜ୍ଜିତ ଓ ନିନ୍ଦିତ ହେଉଛି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା ପ୍ରସଙ୍ଗରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ସମ୍ବେଦନହୀନତା ଅପାରଗ ପଣିଆ ଯୋଗୁଁ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି ।

# ଇଣ୍ଡିଆନ୍ ବ୍ୟାଙ୍କର ୧୧୯ତମ ପ୍ରତିଷ୍ଠା ଦିବସ ଅବସରରେ ରକ୍ତଦାନ ଶିବିର

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ବ୍ୟାଙ୍କର ୧୧୯ତମ ପ୍ରତିଷ୍ଠା ଦିବସ ଅବସରରେ ଏହାର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାଙ୍କ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ ଯାହା ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧତାକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଏଫ୍‌ଜିଏମ୍ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ରଣଞ୍ଜୟ ସିଂ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର, ଆଞ୍ଚଳିକ କାର୍ଯ୍ୟାଳୟର ତଥା ଆଇସି



ମୁଖ୍ୟ ସବ୍ୟସାଚୀ ରାୟ, ଉପ ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସଙ୍କ ସମେତ ଏଫ୍‌ଜିଏମ୍ କାର୍ଯ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀଗଣ ଉପସ୍ଥିତ ଥିଲେ। ସେମାନଙ୍କର ଯୋଗଦାନ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲା। କ୍ୟାପିଟାଲ ହସପିଟାଲ ସହାୟତାରେ ପ୍ରାୟ ୩୦ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ। ଭବିଷ୍ୟତରେ ସମାଜ ପ୍ରତି ସମର୍ପିତ ଏହିପରି ଅନେକ କାର୍ଯ୍ୟ କରିବାକୁ ବ୍ୟାଙ୍କ ସର୍ବଦା ପ୍ରତିଶୃତିବଦ୍ଧ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପୁରୀ ଗସ୍ତ



ପୁରୀ (ସବ୍ୟୁ) : ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କମିଶନର ନବନିଯୁକ୍ତ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସମେତ କମିଶନର ସଦସ୍ୟା ଶ୍ରୀମତୀ ଚନ୍ଦନା ଦାସ, ଶ୍ରୀମତୀ କଳ୍ପନା ଲେଙ୍କା, ଶ୍ରୀମତୀ ମନସ୍ୱିତା ଖୁଣ୍ଟିଆ ଏବଂ ଶ୍ରୀମତୀ ସୁଜାତା ନାୟକ ମଙ୍ଗଳବାର ଦିନ ପୁରୀ ଆସି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଅଧ୍ୟକ୍ଷା ଓ ସଦସ୍ୟା ମାନେ ପୁରୀ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଠାରେ ପହଂଚିବା ପରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାଗତ ଜଣାଇଥିଲେ। ଏହାପରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିଶୁ ସୁରକ୍ଷା ଯୋଜନା ଗୁଡିକ ଯଥା ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦର ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଭବିଷ୍ୟତରେ ଶିଶୁ ସୁରକ୍ଷାକୁ ଅଗ୍ରାଧିକାର ପ୍ରଦାନ ପୂର୍ବକ ସମସ୍ତ ଶିଶୁ ମାନଙ୍କ ଅଧିକାର ପୂରଣ ଦିଗରେ ଆୟୋଗ ନିଷ୍ଠାର ସହିତ କାର୍ଯ୍ୟ କରିବ ବୋଲି ଅଧ୍ୟକ୍ଷା କହିଥିଲେ।

# ବକ୍ସାଇଟ୍ ଖଣି ଖୋଲିବା ସହିତ ଭବିଷ୍ୟତର ସୁରକ୍ଷା ଜରୁରୀ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଆମଦାନୀ ଉପରେ ଶୁଳ୍କ ବୃଦ୍ଧି ବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ସମ୍ପ୍ରତି ଘୋଷଣା ଏକ ସମୟୋଚିତ ସ୍ମରଣ କରାଉଛି ଯେ ବିଶ୍ୱ ବାଣିଜ୍ୟ ସମୀକରଣ ରାତାରାତି ପରିବର୍ତ୍ତନ ହୋଇପାରେ। ଯଦିଓ ତାଙ୍କର ପ୍ରସ୍ତାବଗୁଡ଼ିକ ଆମେରିକୀୟ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ, ସେମାନେ ଏକ ବୃହତ ସତ୍ୟକୁ ଉଜାଗର କରନ୍ତି, ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳ ହଠାତ୍ ଭୂରାଜନୈତିକ ପରିବର୍ତ୍ତନ ପାଇଁ ଦୁର୍ବଳ। ଭାରତ ପାଇଁ, ଏହା ଏହାର ସମ୍ବଳ ସୁରକ୍ଷାକୁ ମଜବୁତ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ଆହ୍ୱାନ। ଏହି ପୃଷ୍ଠଭୂମି ବିରୁଦ୍ଧରେ, ଭାରତର ବକ୍ସାଇଟ୍ ଭଣ୍ଡାରର କାହାଣୀ ଏକ ସତର୍କତାମୂଳକ କାହାଣୀ ଯାହାକି ବର୍ତ୍ତମାନ ଏକ ରଣନୈତିକ ସୁଯୋଗ ଅଟେ। ଏହି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ବିଶ୍ୱର ସର୍ବବୃହତ ଗଚ୍ଛିତ ଥିବା ସତ୍ତ୍ୱେ ପୂର୍ବରୁ ପ୍ରଚୁର ପରିମାଣରେ ଆମଦାନୀ କରିବାକୁ ବାଧ୍ୟ କରୁଛି। ଭାରତ ପ୍ରାୟ ୫ ବିଲିୟନ ଟନ୍ ବକ୍ସାଇଟ୍ ରଖିଛି, ଯାହା ବିଶ୍ୱର ଜଣାଶୁଣା ଗଚ୍ଛିତର ୮%, ତଥାପି କେବଳ ୧୩% ଅନୁସନ୍ଧାନ କରାଯାଇ ଗଚ୍ଛିତ କରାଯାଇଛି। ଏହାର ସମ୍ପୂର୍ଣ୍ଣ ବିପରୀତରେ, ଚୀନ୍ ବିଶ୍ୱର ଶୀର୍ଷ ଆଲୁମିନିୟମ ଉତ୍ପାଦକ ହେବା ପାଇଁ ଏହାର ଛୋଟ ଗଚ୍ଛିତ ସ୍ଥାନକୁ ବ୍ୟବହାର କରିଛି, ଯେତେବେଳେ ଭାରତ ବିଶ୍ୱ ବକ୍ସାଇଟ୍ ଉତ୍ପାଦନର ମାତ୍ର ୬% ଅଟେ।

୨୦୨୩-୨୪ ରେ, ଭାରତ ୪.୪ ନିୟୁତ ଟନ୍ ରୁ ଅଧିକ ଧାତୁ-ଗ୍ରେଡ୍ ବକ୍ସାଇଟ୍ ଆମଦାନୀ କରିଥିଲା, ଯାହା ୨୦୧୨-୧୩ ରେ ଟ.୩୬୯ ଲକ୍ଷ ରୁ ୨୦୨୪-୨୫ ରେ ଟ.୨.୧୧ ଲକ୍ଷ କୋଟି ରୁ ଅଧିକ ଆମଦାନୀ ବିଲ୍ କୁ ବୃଦ୍ଧି କରିଥିଲା। ଏହା କେବଳ ଏକ ଆର୍ôଥକ ଅକ୍ଷମତା ନୁହେଁ, ଏହା ଏକ ରଣନୈତିକ ଦୁର୍ବଳତା ଯାହା ଦେଶକୁ ମୂଲ୍ୟ ବୃଦ୍ଧି, ଯୋଗାଣ ବାଧା ଏବଂ ରପ୍ତାନିକାରୀ ରାଷ୍ଟ୍ରମାନଙ୍କ ଦ୍ୱାରା ଭୂ-ରାଜନୈତିକ ଲାଭର ସମ୍ମୁଖୀନ କରାଏ।

ଭାରତରେ ଆଲୁମିନିୟମ୍ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯାହା ବୈଦ୍ୟୁତିକ ଯାନବାହନ, ନବୀକରଣୀୟ ଶକ୍ତି, ମହାକାଶ ଏବଂ ସ୍ମାର୍ଟ ଭିତ୍ତିଭୂମି ଭଳି କ୍ଷେତ୍ର ଦ୍ୱାରା ପରିଚାଳିତ। ଆକଳନ ଦର୍ଶାଉଛି ଯେ ଆଗାମୀ ବର୍ଷଗୁଡ଼ିକରେ ବକ୍ସାଇଟ୍ ଚାହିଦା ବର୍ତ୍ତମାନର ୨୦ ଏମଟିପିଏରୁ ୨୯ ଏମଟିପିଏକୁ ବୃଦ୍ଧି ପାଇବ। ବେଦାନ୍ତର ଲାଞ୍ଜିଗଡ଼ ରିଫାଇନାରୀ, ନାଲକୋର କୋରାପୁଟ ପ୍ଲାଂଟ ଏବଂ ହିଣ୍ଡାଲକୋର ରାୟଗଡ଼ା ସୁବିଧାରେ ପ୍ରସାରଣ କେବଳ ସ୍ଥିର ଘରୋଇ ଯୋଗାଣର ଆବଶ୍ୟକତାକୁ ବୃଦ୍ଧି କରିବ। ନୂତନ ଭଣ୍ଡାର ଖୋଲା ନ ଗଲେ, ଭାରତ ଆମଦାନୀ ଉପରେ ଆହୁରି ଅଧିକ ନିର୍ଭର କରିବାକୁ ବାଧ୍ୟ ହେବ, ଯାହା ଖର୍ଚ୍ଚ ଦକ୍ଷତା ଏବଂ ଯୋଗାଣ ସ୍ଥିରତା ଉଭୟକୁ ନଷ୍ଟ କରିବ।

ଭାରତର ୫୦% ରୁ ଅଧିକ ବକ୍ସାଇଟ୍ ଭଣ୍ଡାର ଓଡ଼ିଶାରେ ରହିଛି, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଏବଂ ସୁନ୍ଦରଗଡ଼ରେ ଉଚ୍ଚ-ଗ୍ରେଡ୍ ଗଚ୍ଛିତ ଅଛି। ଏହି କ୍ଷେତ୍ରଗୁଡ଼ିକ ଭାରତର ଆଲୁମିନିୟମ୍ କ୍ଷେତ୍ରକୁ ପରିବର୍ତ୍ତନ କରିବାର ଚାବିକାଠି ଧରିଛି, ତଥାପି ପ୍ରକ୍ରିୟାଗତ ବିଳମ୍ବ, ଧୀର ମଞ୍ଜୁରୀ ଏବଂ ଅନୁନ୍ନତ ଅନୁସନ୍ଧାନ ଦ୍ୱାରା ଖଣି କାର୍ଯ୍ୟକଳାପ ବାଧାପ୍ରାପ୍ତ ରହିଛି। ଆଇଡେଂଟ (ଆଇଡେଂଟ ସାମାଜିକ କଲ୍ୟାଣ ସଂଗଠନ) ଦ୍ୱାରା ଏକ ଶ୍ୱେତପତ୍ର ଓଡ଼ିଶାକୁ "ଭାରତର ଖଣିଜ ସୁରକ୍ଷାର ମେରୁଦଣ୍ଡ" ବୋଲି ଅଭିହିତ କରିଛି ଏବଂ ବିଶେଷକରି କଳାହାଣ୍ଡିରେ ବକ୍ସାଇଟ୍ ଖଣି କାର୍ଯ୍ୟକ୍ଷମ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ଏହି ଭଣ୍ଡାରଗୁଡ଼ିକୁ ଖୋଲା ରଖିବା ଦ୍ୱାରା ୧୦,୦୦୦ ରୁ ଅଧିକ ଏସଏମଇ ସଶକ୍ତ ହୋଇପାରିବ, ୨.୪ ନିୟୁତ ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ବହୁ-ବିଲିୟନ ଡଲାରର ନିବେଶ ଆକର୍ଷିତ ହୋଇପାରିବ, ଜାତୀୟ ଶିଳ୍ପକୁ ସୁଦୃଢ଼ କରିବା ସହିତ ଆଦିବାସୀ ଏବଂ ଗ୍ରାମୀଣ ଅର୍ଥନୀତିକୁ ପରିବର୍ତ୍ତନ କରାଯାଇପାରିବ। ୨୦୦୮ ମସିହାରେ, ଜଷ୍ଟିସ୍ ଏସ୍. ଏଚ୍. କାପାଡିଆଙ୍କ ନେତୃତ୍ୱରେ ଭାରତର ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଏକ ଐତିହାସିକ ରାୟ ପ୍ରଦାନ କରିଥିଲେ, ଯିଏ ପରେ ଭାରତର ମୁଖ୍ୟ ବିଚାରପତି ହୋଇଥିଲେ। ମାମଲାର କେନ୍ଦ୍ରବିନ୍ଦୁ ଥିଲା ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବକ୍ସାଇଟ୍ ଖଣି ପ୍ରକଳ୍ପ, ଯାହା ଭାରତର ସବୁଠାରୁ ଅନୁନ୍ନତ ଅଂଚଳଗୁଡ଼ିକୁ ସ୍ଥାୟୀ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକାରେ ପରିଣତ କରିବାର ପ୍ରତିଶ୍ରୁତି ଦେଇଥିଲା। ଏହି ରାୟ କେବଳ ଖଣି ପାଇଁ ଅନୁକୂଳ ନଥିଲା ବରଂ ପରିବେଶଗତ ଏବଂ ସାମାଜିକ ସୁରକ୍ଷା ସହିତ ବିକାଶକୁ ସନ୍ତୁଳିତ କରିବାରେ ବିପ୍ଳବୀ ଥିଲା, ଯାହା ଭାରତ କେବେ ଦେଖିନଥିବା ସମ୍ପଦ ନିଷ୍କାସନ ପାଇଁ ସବୁଠାରୁ ଦୃଢ ଢାଂଚା ସୃଷ୍ଟି କରିଥିଲା। ଏହା ସ୍ଥାନୀୟ ସମ୍ପ୍ରଦାୟକୁ ଉନ୍ନତ କରିବା, ପରିବେଶ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦୀର୍ଘକାଳୀନ ଆର୍ôଥକ ମୂଲ୍ୟ ସୃଷ୍ଟି କରିବା ପାଇଁ ଡିଜାଇନ୍ ହୋଇଥିବା ସର୍ତ୍ତାବଳୀ ସହିତ ଦାୟିତ୍ୱପୂର୍ଣ୍ଣ ଖଣି ପାଇଁ ଏକ ବ୍ୟାପକ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଥିଲା। ତଥାପି ଆଜି, ପ୍ରାୟ ଦୁଇ ଦଶନ୍ଧି ପରେ, ସେହି ଦୃଷ୍ଟିକୋଣ ଅପୂର୍ଣ୍ଣ ରହିଛି ଏବଂ ଭାରତ ପୂର୍ବରୁ ଯାହା ଅଛି ତାହା ପ୍ରଚୁର ପରିମାଣରେ ଆମଦାନୀ କରିଚାଲିଛି।

ଏକକ-ୱିଣ୍ଡୋ ସିଷ୍ଟମ ମାଧ୍ୟମରେ କ୍ଲିୟରାନ୍ସକୁ ଦ୍ରୁତ ଗତିରେ ଗ୍ରହଣ କରନ୍ତୁ ଏବଂ ସ୍ୱ-ପ୍ରମାଣପତ୍ର ମାଧ୍ୟମରେ ଖଣି ବିସ୍ତାରକୁ ସକ୍ଷମ କରନ୍ତୁ। ଏଆଇ ସାଟେଲାଇଟ୍ ଇମେଜିଂ ଏବଂ ସରକାରୀ-ଘରୋଇ ସହଭାଗୀତା ବ୍ୟବହାର କରି ଅନୁସନ୍ଧାନକୁ ତ୍ୱରାନ୍ୱିତ କରନ୍ତୁ। ଖଣିଜ କରିଡର, ସବୁଜ ଆଲୁମିନିୟମ ହବ୍ ଏବଂ ଡାଉନଷ୍ଟ୍ରିମ୍ ଉତ୍ପାଦନ କ୍ଲଷ୍ଟର ସହିତ ଆଗକୁ ସଂଯୋଗ ସ୍ଥାପନ କରନ୍ତୁ। ଖଣି ଜିଲ୍ଲାଗୁଡ଼ିକରେ ସ୍କୁଲ, ସ୍ୱାସ୍ଥ୍ୟସେବା, ରାସ୍ତା ଏବଂ ଦକ୍ଷତା ନିର୍ମାଣ ପାଇଁ ଉଗର ପାଣ୍ଠିକୁ ନିର୍ଦ୍ଦେଶିତ କରି ସମ୍ପ୍ରଦାୟ-ପ୍ରଥମ ମଡେଲଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଓଡ଼ିଶାର ଅଭିଜ୍ଞତା ଦର୍ଶାଏ ଯେ ଯେତେବେଳେ ଖଣି ରାଜସ୍ୱ ସ୍ଥାନୀୟ ଭାବରେ, ସ୍କୁଲ, ହସ୍ପିଟାଲ ଏବଂ ଭିତ୍ତିଭୂମି ବିକାଶ ମାଧ୍ୟମରେ ପୁନଃନିବେଶ କରାଯାଏ, ସେତେବେଳେ ଜିଡିପି ଅଭିବୃଦ୍ଧି ସହିତ ସାକ୍ଷରତା ଏବଂ ମାତୃସ୍ୱାସ୍ଥ୍ୟ ଭଳି ସାମାଜିକ ସୂଚକଗୁଡ଼ିକ ଉନ୍ନତ ହୁଏ।

ଟ୍ରମ୍ପଙ୍କ ଟାରିଫ୍ ସଙ୍କେତ କେବଳ ନୂତନତମ ସ୍ମରଣକାରୀ ଯେ ବିଶ୍ୱ ବଜାରଗୁଡ଼ିକ ରାତାରାତି ପରିବର୍ତ୍ତନ କରିପାରିବ। ଭାରତ ପାଇଁ, ବକ୍ସାଇଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ସମ୍ବଳଗୁଡ଼ିକ ପାଇଁ ଘରୋଇ ପ୍ରବେଶ ସୁରକ୍ଷିତ କରିବା କେବଳ ଏକ ଆର୍ôଥକ ଆକାଂକ୍ଷା ନୁହେଁ, ଏହା ବିଶ୍ୱ ଅସ୍ଥିରତା ବିରୁଦ୍ଧରେ ଏକ ଢାଲ ହେବ। ବକ୍ସାଇଟ୍ ସୁରକ୍ଷା ଅର୍ଥ ଆଲୁମିନିୟମ୍ ସୁରକ୍ଷା, ଏବଂ ପ୍ରତିରକ୍ଷା ଉତ୍ପାଦନ ଠାରୁ ଆରମ୍ଭ କରି ସବୁଜ ଶକ୍ତି ପରିବର୍ତ୍ତନ ପର୍ଯ୍ୟନ୍ତ ଆଲୁମିନିୟମ୍ ସବୁକିଛିକୁ ଆଧାର କରେ। ଓଡିଶା ପାଖରେ ସଂରକ୍ଷଣ, ଗୁଣବତା ଏବଂ ସମ୍ଭାବନା ଅଛି। ପ୍ରଶ୍ନ ହେଉଛି ଆଜିର ଆମଦାନୀ ନିର୍ଭରଶୀଳତା କାଲିର ସଙ୍କଟରେ ପରିଣତ ହେବା ପୂର୍ବରୁ ଭାରତ ଏବେ ପଦକ୍ଷେପ ନେଇପାରିବ କି।

# ଆମେରିକା ଇସାରାରେ ପାକିସ୍ତାନ ସମ୍ଭାଳିବ ତ ଚୀନ୍ ?

ନୂଆଦିଲ୍ଲୀ: ଚୀନର ସବୁଦିନିଆ ବନ୍ଧୁ ସାଜିଥିବା ପାକିସ୍ତାନ ଏବେ ଆମେରିକା ଇସାରାରେ ଚାଲିଛି। ଯେଉଁ ପାକିସ୍ତାନର ସେନା ଦିନେ ଆମେରିକାର ସବୁଠୁ ବଡ଼ ଶତ୍ରୁ ଲାଦେନକୁ ଲୁଚାଇ ରଖିଥିଲା, ସେଇ ଦେଶର ସେନା ମୁଖ୍ୟ ଏବେ ଟ୍ରମ୍ପଙ୍କ ଅତିଥୀ। ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଓ ପାକ୍ ସେନାମୁଖ୍ୟ ଅସିମ ମୁନିରଙ୍କ ବ୍ରୋମାନ୍ସ ଏବେ ସାରା ବିଶ୍ୱରେ ଚର୍ଚ୍ଚା ବଢାଇଛି। ଅପରେସନ୍ ସିନ୍ଦୂର ପରେ ଦୁଇ ଥର ଆମେରିକା ଯାଇଛନ୍ତି ମୁନିର। ପାକିସ୍ତାନର ନିର୍ବାଚିତ ସରକାରଙ୍କଠାରୁ ଅଧିକ ସେନା ମୁଖ୍ୟଙ୍କ ସହ ସଂପର୍କ ସ୍ଥାପନରେ ଲାଗିଛି ଆମେରିକା। ଏହା ମଧ୍ୟରେ ପାକିସ୍ତାନର ଆଇରନ ବ୍ରଦର ଚୀନ ସହ ସଂପର୍କ କିଭଳି ରହିବ, ତାକୁ ନେଇ ଚର୍ଚ୍ଚା ହେଉଛି। ପାକିସ୍ତାନର ନୂଆ ବସ୍ ଆମେରିକାକୁ ସ୍ୱୀକାର କରିବ କି ଡ୍ରାଗନ?

**ସରପ୍ରାଇଜ ସହଯୋଗୀ ପାକିସ୍ତାନ**



ପାକିସ୍ତାନକୁ ନେଇ ଟ୍ରମ୍ପଙ୍କ ରଣନୀତିରେ ୟୁଟର୍ଣ୍ଣ ଦେଖିବାକୁ ମିଳିଛି। ନିଜ ପ୍ରଥମ କାର୍ଯ୍ୟକାଳରେ ପାକିସ୍ତାନକୁ ନେଇ ଭିନ୍ନ ଆଭିମୁଖ୍ୟ ରଖିଥିବା ଟ୍ରମ୍ପଙ୍କ ରଣନୀତିରେ, ଏଥର ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳିଛି। ପୂର୍ବ କାର୍ଯ୍ୟକାଳରେ ପାକିସ୍ତାନକୁ ମିଳୁଥିବା ଆର୍ଥିକ ସହାୟତା ଉପରେ ରୋକ୍ ଲଗାଇଥିବା ଟ୍ରମ୍ପ ଏଥର ପାକିସ୍ତାନୀ ସାମଗ୍ରୀ ଉପରେ ୨୯ପ୍ରତିଶତ ଟାରିଫ କମାଇ ୧୯ପ୍ରତିଶତ କରିଛନ୍ତି। ଖାଲି ସେତିକି ନୁହେଁ ତେଲ ଖନନକୁ ଆଗକୁ ନେବାକୁ ବି ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଏହି ନୀତିକୁ ଚୀନକୁ ଘେରିବା ସହ ମଧ୍ୟପ୍ରାଚ୍ୟରେ ଇରାନର ପ୍ରଭାବ କମ୍ କରିବା ରଣନୀତି ବୋଲି କହିଛନ୍ତି ବୈଦେଶିକ ବ୍ୟାପାର ବିଶେଷଜ୍ଞ।

**କଣ କହୁଛି ଚୀନ୍?**

ଆମେରିକା ଓ ପାକିସ୍ତାନ ମଧ୍ୟରେ ସଂପର୍କରେ ବଡ଼ ପରିବର୍ତ୍ତନ ନେଇ ପ୍ରତିକ୍ରିୟା ରଖିଛି ଚୀନ। ଟ୍ରମ୍ପଙ୍କ ସାମୟିକ ରାଜନୈତିକ କୋଳାହଳ ପାଇଁ ପାକିସ୍ତାନ ସହ ନିଜ ସଂପର୍କରୁ ଓହରିବନି ବୋଲି ଡ୍ରାଗନ କହିଛି। କାରଣ ଚୀନ ଓ ପାକିସ୍ତାନ ମଧ୍ୟରେ ବର୍ଷ ବର୍ଷ ଧରି ଆର୍ଥିକ, ପ୍ରତିରକ୍ଷା ଓ ରଣନୈତିକ ସହଯୋଗ ରହିଆସିଛି। ସିପିଇସି ପରି ପ୍ରକଳ୍ପରେ ନିବେଶ କରିବା ସହ ପାକିସ୍ତାନକୁ ସବୁ ସ୍ଥିତିରେ କୁଟନୈତିକ ସହଯୋଗ କରିଆସିଛି। ଚୀନ୍ ପାକିସ୍ତାନର ଦୋମୁହାଁ ନୀତିକୁ ଏବେ ବରଦାସ୍ତ କରୁଛି। କାରଣ ଏବେବି ବେଜିଂ ଉପରେ ଇସଲାମାବାଦର ଆର୍ଥିକ ଓ ସାମରିକ ନିର୍ଭରଶୀଳତା ବଜାୟ ରହିବ। ତେବେ ଯଦି ପାକିସ୍ତାନର ସେନା ଠିକଣାରେ ଆମେରିକା ପହଞ୍ଚିଲେ ଏହାକୁ ଚୀନ ସ୍ୱୀକାର କରିବ ନାହିଁ ବୋଲି ବୈଦେଶିକ ବ୍ୟାପାର ବିଶେଷଜ୍ଞ କହିଛନ୍ତି। ସେହିପରି ପାକିସ୍ତାନ ଓ ଆମେରିକାର ସଂପର୍କ ଯୋଗୁଁ ସିପିଇସି ପରି ପ୍ରକଳ୍ପରେ ଚୀନ ନିବେଶ ବିପଦରେ ପଡିଲେ ମଧ୍ୟ ଚୀନ୍ ସ୍ୱୀକାର କରିବନି।

**ବିଗିଡିବ ଦକ୍ଷିଣ ଏସିଆରେ ଶକ୍ତି ସନ୍ତୁଳନ !**

ଟ୍ରମ୍ପଙ୍କ ଇସାରାରେ ଏବେ ପରିଚାଳିତ ହେଉଛନ୍ତି ପାକିସ୍ତାନ ନେତୃତ୍ୱ। ଯେପର୍ଯ୍ୟନ୍ତ ଆମେରିକାର ସମର୍ଥନ ସିଧା ସଳଖ ଭାବେ ଚୀନର ରାଷ୍ଟ୍ରହିତକୁ କ୍ଷତି ନକରିଛି, ସେପର୍ଯ୍ୟନ୍ତ ଡ୍ରାଗନ ଏହାକୁ ସହ୍ୟ କରିବ। ପାକିସ୍ତାନୀ ନେତୃତ୍ୱ ଯେତେ ଆମେରିକା-ଚୀନ୍ ସନ୍ତୁଳନ ଖେଳ ଖେଳିଲେ ମଧ୍ୟ ପାକିସ୍ତାନର ନିର୍ଭରଶୀଳତା ଚୀନ ଉପରେ ହିଁ ରହିବ। ତେଣୁ ଟ୍ରମ୍ପଙ୍କ ରଣନୀତି କିଛି ସମୟ ପାଇଁ ହଲଚଲ ସୃଷ୍ଟି କଲେ ମଧ୍ୟ କ୍ଷମତା ସନ୍ତୁଳନ ବିଗାଡି ପାରିବନି ବୋଲି କୁହାଯାଉଛି। ଚୀନ୍ ନିଜ ଆର୍ଥିକ ଓ ରଣନୈତିକ କ୍ଷମତା ଦ୍ୱାରା ପାକିସ୍ତାନକୁ ନିଜ ପାଖରେ ରଖିବାକୁ ଚାହିଁବ। ତେବେ ଏଭଳି ସମ୍ବେଦନଶୀଳ ସମୟରେ ପାକିସ୍ତାନର ନୀତି ଉତ୍ତେଜନା ବଢାଇପାରେ।

## ନିଷିଦ୍ଧ ଘୋଷଣାର ଦିନକ ପରେ ବିଏଲଏର ବଡ଼ ଆକ୍ରମଣ

କ୍ୱେଟା : ଆମେରିକା ଦ୍ୱାରା ନିଷିଦ୍ଧ ଘୋଷଣାର ଦିନକ ପରେ ପାକିସ୍ତାନ ସେନା ଉପରେ ବଡ଼ ଆକ୍ରମଣ କରିଛି ବେଲୋଚ ମୁକ୍ତି ବାହିନୀ( ବିଏଲଏ) । ଏହି ଆକ୍ରମଣରେ ଅତି କମରେ ୯ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଆକ୍ରମଣ ପାଇଁ କୌଣସି ବେଲୁଚ ସଂଗଠନ ନିଜକୁ ଦାୟୀ କରିନଥିଲେ ବି ଏହା ପଛରେ ବିଏଲଏ ଥିବା କୁହାଯାଉଛି ।

ମଙ୍ଗଳବାର ଦିନ ପାକିସ୍ତାନୀ ସୁରକ୍ଷା ଅଧିକାରୀମାନେ ଏହି ଆକ୍ରମଣ ବିଷୟରେ ସୂଚନା ଦେଇଛନ୍ତି। ୱାଶୁକ୍ ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବେଲୁଚ ଆତଙ୍କବାଦୀମାନେ ଏକ ପୁଲିସ ଷ୍ଟେସନ ଏବଂ ଏକ ସୀମା ସୁରକ୍ଷା କମ୍ପ୍ଲେକ୍ସ ଉପରେ ଆକ୍ରମଣ କରିଛନ୍ତି। ଅଧିକାରୀଜଣକ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, "ସେନା ଯବାନମାନେ ଯାଉଥିବା ସମୟରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୯ ଜଣ ଯବାନ ମୃତ୍ୟୁବରଣ କରିଛନ୍ତି ଓ ଆହୁରି କେତେକ ଆହତ ହୋଇଛନ୍ତି ।ସୂଚନାଯୋଗ୍ୟ ଯେ, ସୋମବାର ଦିନ ଆମେରିକା ବିଏଲଏ ଓ ମାଜିଦ ବ୍ରିଗେଡକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା । ବିଗତ ପ୍ରାୟ ୨୦ ବର୍ଷ ହେଲା ବିଏଲଏ ପକ୍ଷରୁ ପାକିସ୍ତାନ ସେନା ଉପରେ ବଡ଼ ବଡ଼ ଆକ୍ରମଣ କରାଯାଇଛି । ସେହିପରି ମାଜିଦ ବ୍ରିଗେଡ୍ ବେଲୁଚିସ୍ତାନର ଘାତକ ଆତ୍ମଘାତୀ ବାହିନୀଭାବେ ଜଣାଶୁଣା । ୨୦୧୧ ମସିହାରେ ଗଠିତ ମାଜିଦ ବ୍ରିଗେଡ ଗତ ୧୪ ବର୍ଷ ମଧ୍ୟରେ ୨୦୦ରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କୁ ହତ୍ୟା କରିଛି ।

## ଭାରତ ରଣନୈତିକ ସହଯୋଗୀ : ଆମେରିକା

ୱାସିଂଟନ : ଭାରତ ସହ ଚାଲିଥିବା ବାଣିଜ୍ୟ ଯୁଦ୍ଧ ଓ ଟ୍ରମ୍ପଙ୍କ ତିକ୍ତ ବୟାନବାଜୀ ଯୋଗୁଁ ଦ୍ୱିପାକ୍ଷିକ ସଂପର୍କରେ ଯଥେଷ୍ଟ ଅବନତି ହୋଇଛି ।ବିଶେଷକରି ଆମେରିକାରେ ଥାଇ ପାକିସ୍ତାନ ସେନାମୁଖ୍ୟ ଭାରତକୁ ପରମାଣୁ ଯୁଦ୍ଧ ଧମକ ଦେବାକୁ ନେଇ ଭାରତ ଆମେରିକାକୁ ସମାଲୋଚନା କରିଛି । ଏପରି ସ୍ଥିତିରେ ଆମେରିକାରୁ ଏକ ସକାରାତ୍ମକ ବୟାନ ଆସିଛି । ଆମେରିକା ପକ୍ଷରୁ ଭାରତକୁ ଏକ ରଣନୈତିକ ସହଯୋଗୀ ବୋଲି କୁହାଯିବା ସହ ଭାରତ ସହ ଆଲୋଚନା ଜାରି ରହିବ ବୋଲି କୁହାଯାଇଛି ।



ଆମେରିକୀୟ ବୈଦେଶିକ ବିଭାଗର ପ୍ରମୁଖ ଉପ-ମୁଖପାତ୍ର ଟମି ପିଗଟ୍ କହିଛନ୍ତି ଯେ ରାଷ୍ଟ୍ରପତି (ଡୋନାଲ୍ଡ ଟ୍ରମ୍ପ) ବାଣିଜ୍ୟ ଅସନ୍ତୁଳନ ଏବଂ ତୈଳ କ୍ରୟ ବିଷୟରେ ତାଙ୍କର ଚିନ୍ତା ସ୍ପଷ୍ଟ କରିଥିଲେ କିନ୍ତୁ ଭାରତ ଏକ ରଣନୈତିକ ଅଂଶୀଦାର ଯାହା ସହିତ ଆମେରିକା "ପୂର୍ଣ୍ଣ ଏବଂ ସ୍ପଷ୍ଟ ଆଲୋଚନା" ବଜାୟ ରଖାଯିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ପିଗଟ୍ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ସହ ଥିବା ମତଭେଦଗୁଡ଼ିକର ସମାଧାନ ପାଇଁ ଟ୍ରମ୍ପ ପ୍ରଶାସନ ପ୍ରତିବଦ୍ଧ । ଭାରତର ସହ ଥିବା ମତଭେଦର ପ୍ରମୁଖ କାରଣ ଭାବେ ବାଣିଜ୍ୟିକ ଅସନ୍ତୁଳନ ଓ ରୁଷରୁ ତୈଳକ୍ରୟ ବୋଲି ସେ ଦର୍ଶାଇଥିଲେ ।

# ବିଏଲଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

ୱାସିଂଟନ : ବେଲୁଚିସ୍ତାନ ମୁକ୍ତି ବାହିନୀ ବା ବିଏଲଏକୁ ଏକ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି ଯୁକ୍ତରାଷ୍ଟ୍ର ଆମେରିକା । ଏହା ସହିତ ମାଜିଦ ବ୍ରିଗେଡକୁ ମଧ୍ୟ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି । ପାକିସ୍ତାନର ସେନାମୁଖ୍ୟ ଅସୀମ ମୁନୀର ଆମେରିକାରେ ଥିବା ସମୟରେ ହିଁ ଏହି ଘୋଷଣା କରାଯାଇଛି ।ନିଜେ ଆମେରିକାର ବୈଦେଶିକ ସଚିବ ମାର୍କ ରୁବିଓ ଏହି ଘୋଷଣା କରିଛନ୍ତି । ଏହା ଦ୍ୱାରା ପାକିସ୍ତାନ ଏକ କୂଟନୈତିକ ବିଜୟ ହାସଲ କରିଛି।

ବିଗତ କିଛି ବର୍ଷ ହେଲା ବିଏଲଏ ଓ ମାଜିଦ ବ୍ରିଗେଡ ପକ୍ଷରୁ ପାକିସ୍ତାନ ସେନା ଉପରେ ବଡ଼ ବଡ଼ ଆକ୍ରମଣ କରାଯାଇଛି । ସେହିପରି ମାଜିଦ ବ୍ରିଗେଡ୍ ବେଲୁଚିସ୍ତାନର ଘାତକ ଆତ୍ମଘାତୀ ବାହିନୀଭାବେ ଜଣାଶୁଣା । ଏହି ଦୁଇ ସଂଗଠନ ପଛରେ ଭାରତର ହାତ ରହିଥିବା ପାକିସ୍ତାନ ବାରମ୍ବାର ଅଭିଯୋଗ କରୁଛି । ଏହି କାରଣରୁ, ଏହି ସଂଗଠନକୁ ପାକିସ୍ତାନ ଏବଂ ଚୀନର ମଧ୍ୟ ଘୋର ଶତ୍ରୁ ବୋଲି ବିବେଚନା କରାଯାଏ।୨୦୧୧ ମସିହାରେ ଗଠିତ ମାଜିଦ ବ୍ରିଗେଡ ଗତ ୧୪ ବର୍ଷ ମଧ୍ୟରେ ୨୦୦ରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କୁ ହତ୍ୟା କରିଛି।ବିଏଲଏ ଓ ମାଜିଦ ବ୍ରିଗେଡକୁ ଚୀନର ଶତ୍ରୁ ମଧ୍ୟ କୁହାଯାଏ ।



**କେଦାରନାଥ ଧାମ ଯାତ୍ରା ଅସ୍ଥାୟୀ ଭାବରେ ବନ୍ଦ**

ଡେରାଡୁନ: ଉତ୍ତରାଖଣ୍ଡରେ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା ଯୋଗୁଁ ନଦୀ, ଝରଣା, ପୋଖରୀ, ନାଳ ଆଦିରେ ପାଣି ଭରି ରାସ୍ତା ଉପରେ ପାଣି ଚାଲୁଛି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ହେତୁ ଉଭୟପାର୍ଶ୍ୱରେ ଅନେକ ଗାଡ଼ିଗୁଡ଼ିକର ଭିଡ଼ ଲାଗି ରହିଛି।

ଏଥିସହିତ ରୁଦ୍ରପ୍ରୟାଗ ଜିଲ୍ଲାପାଳ ପ୍ରତୀକ ଜୈନ କହିଛନ୍ତି, 'ଡେରାଡୁନର ପାଣିପାଗ କେନ୍ଦ୍ର ଅଗଷ୍ଟ ୧୨, ୧୩ ଏବଂ ୧୪ରେ ରୁଦ୍ରପ୍ରୟାଗ ସମେତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି। ପ୍ରବଳ ବର୍ଷାର ସତର୍କତାକୁ ଦୃଷ୍ଟିରେ ରଖି ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେଦାରନାଥ ଧାମ ଯାତ୍ରାକୁ ଆଗାମୀ ତିନି ଦିନ ପାଇଁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି।

କେବଳ ଏତିକି ନୁହେଁ, ନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଛି ଏବଂ ନଦୀ କୂଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅପିଲ୍ କରାଯାଇଛି।

# 'ଅସୀମ ମୁନିର ଜଣେ 'ଷ୍ଟ୍ରିଟ୍ ମ୍ୟାନ

ନୂଆଦିଲ୍ଲୀ: ଏଆଇଏମଆଇଏମ୍ ମୁଖ୍ୟ ଏବଂ ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ ଓୱେସି ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିରଙ୍କୁ କଡ଼ା ଟାର୍ଗେଟ କରିଛନ୍ତି । ଓୱେସି ଅସୀମ ମୁନିରଙ୍କୁ ଜଣେ 'ଷ୍ଟ୍ରିଟ୍ ମ୍ୟାନଦ ବା ରାସ୍ତା କଡର ଲୋକ ବୋଲି ମଧ୍ୟ କହିଛନ୍ତି । ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ପରମାଣୁ ଧମକ ଉପରେ ଓୱେସି କହିଛନ୍ତି ଯେ, ପାକିସ୍ତାନ ସେନା ମୁଖ୍ୟଙ୍କ କଥା ଏବଂ ସେ ଭାରତକୁ ଯେଉଁ ଧମକ ଦେଉଛନ୍ତି ତାହା ନିନ୍ଦନୀୟ । ଏହା ଦୁର୍ଭାଗ୍ୟଜନକ ଯେ ଏହା ଆମେରିକାରୁ ଘଟୁଛି, ଯାହା ଭାରତର ରଣନୈତିକ ସହଯୋଗୀ ।



ଓୱେସି କହିଛନ୍ତି ଯେ, ଅସୀମ ମୁନିର ଜଣେ 'ଷ୍ଟ୍ରିଟ୍ ମ୍ୟାନଦ ପରି କଥା କହୁଛନ୍ତି । ଆମକୁ ଏହା ମଧ୍ୟ ବୁଝିବାକୁ ପଡିବ ଯେ ପାକିସ୍ତାନୀ ସେନାର ନିରନ୍ତର ବିପଦ ଏବଂ ସେମାନଙ୍କର ଗଭୀର ସ୍ଥିତିକୁ ଦୃଷ୍ଟିରେ ରଖି, ଆମକୁ ଆମର ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିବାକୁ ପଡିବ ଯାହା ଦ୍ୱାରା ଆମେ ପ୍ରସ୍ତୁତ ହୋଇପାରିବା ।

ସୂଚନାଯୋଗ୍ୟ, ଅସୀମ ମୁନିର ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇ କହିଥିଲେ ଯେ, ଆମେ ଏକ ପରମାଣୁ ଶକ୍ତିଶାଳୀ ରାଷ୍ଟ୍ର । ଯଦି ପାକିସ୍ତାନ ବୁଡ଼ିବ, ତେବେ ଏହା ଅଧା ବିଶ୍ୱକୁ ତା ସହିତ ନେଇକି ବୁଡିବ । ଆମେରିକାର ଫ୍ଲୋରିଡାର ଟାମ୍ପାରେ ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ କମାଣ୍ଡର ଅବସରପ୍ରାପ୍ତ କମାଣ୍ଡର ଜେନେରାଲ ମାଇକେଲ କୁରିଲ୍ଲାଙ୍କ ଅବସର ସମାରୋହରେ ମୁନିର କହିଥିଲେ ଯେ, ଆମେ ଭାରତକୁ ସିନ୍ଧୁ ନଦୀରେ ଏକ ବନ୍ଧ ନିର୍ମାଣ କରିବାକୁ ଦେବୁ ନାହିଁ ।

ସେ କହିଥିଲେ ଯେ, ଆମେ ଭାରତକୁ ଏକ ବନ୍ଧ ନିର୍ମାଣ କରିବାକୁ ଅପେକ୍ଷା କରିବୁ ଏବଂ ଯେତେବେଳେ ଏହା ଏପରି କରିବ, ଆମେ ୧୦ଟି କ୍ଷେପଣାସ୍ତ୍ର ସାହାଯ୍ୟରେ ଭାରତକୁ ଧ୍ୱଂସ କରିଦେବୁ । ସିନ୍ଧୁ ନଦୀ ଭାରତୀୟଙ୍କ ପାରିବାରିକ ସମ୍ପତ୍ତି ନୁହେଁ । ଆମ ପାଖରେ କ୍ଷେପଣାସ୍ତ୍ରର ଅଭାବ ନାହିଁ ।

ଏହା ବ୍ୟତୀତ, ସେ ଭାରତ ଉପରେ ପରମାଣୁ ଆକ୍ରମଣ କିପରି କରିବେ ସେ ବିଷୟରେ ପାକିସ୍ତାନର କଥିତ ଯୋଜନା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ମୁନିର କହିଛନ୍ତି ଯେ ଆମେ ଭାରତର ପୂର୍ବରୁ ଆରମ୍ଭ କରିବୁ, ଯେଉଁଠାରେ ସେମାନେ ସେମାନଙ୍କର ସବୁଠାରୁ ମୂଲ୍ୟବାନ ସମ୍ପଦ ସ୍ଥାପନ କରିଛନ୍ତି ଏବଂ ତାଦପରେ ପଶ୍ଚିମ ଆଡକୁ ଗତି କରିବୁ ।

ଅସୀମ ମୁନିରଙ୍କ ବୟାନର ଜବାବ ଦେଇ ଭାରତ କହିଛି ଯେ ଏହା ପରମାଣୁ ବ୍ଲାକମେଲର ଶିକାର ହେବ ନାହିଁ ଏବଂ ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଏକ ବିବୃତ୍ତିରେ କହିଛନ୍ତି ଯେ, ପରମାଣୁ ଅସ୍ତ୍ର ଉଡ଼ାଇବା ପାକିସ୍ତାନର ଅଭ୍ୟାସ । ଅନ୍ତର୍ଜାତୀୟ ସମ୍ପ୍ରଦାୟ ଏପରି ମନ୍ତବ୍ୟରେ ଥିବା ଦାୟିତ୍ୱହୀନତା ଉପରେ ନିଜର ନିଷ୍କର୍ଷ ବାହାର କରିପାରିବେ, ଯାହା ଆତଙ୍କବାଦୀ ଗୋଷ୍ଠୀ ସହିତ ସେନାର ସମ୍ପର୍କ ଥିବା ଦେଶରେ ପରମାଣୁ କମାଣ୍ଡ ଏବଂ ନିୟନ୍ତ୍ରଣର ଅଖଣ୍ଡତା ଉପରେ ଗଭୀର ସନ୍ଦେହକୁ ଆହୁରି ଦୃଢ଼ କରିଥାଏ ।

# ୮ ବର୍ଷରେ ସର୍ବନିମ୍ନ ସ୍ତରକୁ ଖସିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ: ୮ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଲା ଖୁଚୁରା ମୁଦ୍ରାସ୍ଫୀତି। ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୧.୫୫%କୁ ହ୍ରାସ ପାଇଛି। ୨୦୧୭ ଜୁଲାଇ ପରେ ଏହା ସର୍ବ ନିମ୍ନ ହ୍ରାସ। ଏହି ହ୍ରାସ ଜୁନ୍ ମାସର ୨.୧୦% ତୁଳନାରେ ୫୫ ବେସିସ୍ ପଏଣ୍ଟର ଏକ ବଡ଼ ହ୍ରାସ ହୋଇଛି। ଖାଦ୍ୟ ମୁଦ୍ରାସ୍ଫୀତିରେ ଆହୁରି ଅଧିକ ହ୍ରାସ ଦେଖାଦେଇଛି। ଜୁଲାଇରେ ଏହା -୧.୭୬% କୁ ହ୍ରାସ ପାଇଛି, ଯାହା ଜାନୁଆରୀ ୨୦୧୯ ପରଠାରୁ ସର୍ବନିମ୍ନ ସ୍ତର। ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳରେ ଖାଦ୍ୟ ମୂଲ୍ୟରେ ହ୍ରାସ ଘଟିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଡାଟା ଅନୁସାରେ, ଗ୍ରାମୀଣ ଖାଦ୍ୟ ମୁଦ୍ରାସ୍ଫୀତି -୧.୭୪% ଏବଂ ସହରାଞ୍ଚଳରେ -୧.୯୦% ରହିଛି।

ସାମଗ୍ରିକ ମୁଦ୍ରାସ୍ଫୀତିରେ ହ୍ରାସ ମୁଖ୍ୟତଃ ଡାଲି, ପନିପରିବା, ଶସ୍ୟ, ପରିବହନ ଏବଂ ଯୋଗାଯୋଗ, ଶିକ୍ଷା, ଅଣ୍ଡା, ଚିନି ଏବଂ ମିଠା ଭଳି ପ୍ରମୁଖ ବର୍ଗରେ ମୂଲ୍ୟ ହ୍ରାସ ଯୋଗୁ ହୋଇଛି। ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ଜୁନ୍ ମାସରେ ୧.୭୨% ରୁ ଜୁଲାଇ ମାସରେ ୧.୧୮ % କୁ ହ୍ରାସ ପାଇଛି।




ଯେତେବେଳେ ସହରାଞ୍ଚଳ ମୁଦ୍ରାସ୍ଫୀତି ୨.୫୬% ରୁ ୨.୦୫% କୁ ହ୍ରାସ ପାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟ କ୍ଷେତ୍ରରେ ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ଦ୍ରୁତ ହ୍ରାସ ପାଇଛି।

ଅନ୍ୟ ବର୍ଗର ମୁଦ୍ରାସ୍ଫୀତିରେ ମିଶ୍ରିତ ଫଳାଫଳ ରହିଛି। ହାଉସିଂ ମୁଦ୍ରାସ୍ଫୀତି ପ୍ରାୟ ୩.୭% ରେ ସ୍ଥିର ରହିଛି, ଶିକ୍ଷା ମୁଦ୍ରାସ୍ଫୀତି ୪.୦୦% କୁ ହ୍ରାସ ପାଇଛି, ଏବଂ ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୪.୫୭% କୁ ସାମାନ୍ୟ ବୃଦ୍ଧି ପାଇଛି। ପରିବହନ ଏବଂ ଯୋଗାଯୋଗ ମୁଦ୍ରାସ୍ଫୀତି ୨.୧୨% ହୋଇ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି, ଯେତେବେଳେ ଇନ୍ଧନ ଏବଂ ହାଲୁକା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇ ୨.୬୭% କୁ ବୃଦ୍ଧି ପାଇଛି।

## ପରବର୍ତ୍ତୀ ଶୁଣାଣି ନହେବା ଯାଏ ହେବନି କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ : ଦିଲ୍ଲୀ-ଏନସିଆରରେ ୧୦ ବର୍ଷରୁ ଅଧିକ ପୁରୁଣା ଡିଜେଲ୍ ଯାନ ଏବଂ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ୍ ଯାନ ମାଲିକଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସୋମବାର ଦିନ ସୁପ୍ରିମକୋର୍ଟ କହିଛନ୍ତି। ଚାରି ସପ୍ତାହ ପରେ କୋର୍ଟ ପୁଣି ଥରେ ମାମଲାର ଶୁଣାଣି କଲେ ଯାଇ ନିଷ୍କସ ବାହାରିବ। ଅଦାଲତ ମାମଲାର ଶୁଣାଣି ନ କରିବା ପର୍ଯ୍ୟନ୍ତ ଏହି ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ବଳବତ୍ତର ରହିବ।

ବାୟୁ ପ୍ରଦୂଷଣ ରୋକିବା ପାଇଁ ୨୦୧୮ ମସିହାରେ ଦିଲ୍ଲୀ-ଏନସିଆରରେ ଏପରି ଯାନଗୁଡ଼ିକୁ ନିଷେଧ କରିବା ପାଇଁ ଦିଲ୍ଲୀ ସରକାରଙ୍କ ଆବେଦନର ପୁନର୍ବିଚାର କରି କୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଦିଲ୍ଲୀ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହତା ଖଣ୍ଡପୀଠକୁ କହିଥିଲେ ଯେ ଏହି ପ୍ରସଙ୍ଗର ପୁନର୍ବିଚାର ଆବଶ୍ୟକ। ସେ ଯୁକ୍ତି ଦେଇଥିଲେ ଯେ ବ୍ୟକ୍ତିଗତ ମାଲିକାନାରେ ଥିବା ଯାନବାହନ କମ୍ ବ୍ୟବହାର କରାଯାଇପାରେ। ତେବେ ଏହାକୁ ନେଇ ମୁଖ୍ୟ ବିଚାରପତି ବି.ଆର. ଗଭାଇ ଏବଂ ବିଚାରପତି ବିନୋଦ କେ. ଚନ୍ଦ୍ରନ ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି କି ଅନ୍ୟପକ୍ଷର ଶୁଣାଣି ନକରି କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ।

## ଭାରତର ସାମୁଦ୍ରିକ ଭବିଷ୍ୟତ ପାଇଁ ଏକ ନୂତନ ଯୁଗର ଆରମ୍ଭ

ନୂଆଦିଲ୍ଲୀ(ପିଆଇବି): ଏକ ଐତିହାସିକ ମୁହୂର୍ତ୍ତରେ ଲୋକସଭାରେ ଭାରତୀୟ ବନ୍ଦର ବିଲ୍, ୨୦୨୫ ପାରିତ ହୋଇଛି । ଏହି ଆଇନ ଭାରତର ବନ୍ଦର ପ୍ରଶାସନର ଆଧୁନିକୀକରଣ କରିବ, ବାଣିଜ୍ୟ ଦକ୍ଷତା ବୃଦ୍ଧି କରିବ ଏବଂ ଏକ ବିଶ୍ୱ ସାମୁଦ୍ରିକ ନେତୃତ୍ୱ ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରିବ। ଏହି ବିଲ୍ ଆଗତ କରି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଯେ ଏହି ବିଲ୍ ଔପନିବେଶିକ ଯୁଗର ନିୟମାବଳୀକୁ ବଦଳାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭରଶୀଳ, ବିଶ୍ୱସ୍ତରୀୟ ସାମୁଦ୍ରିକ କ୍ଷେତ୍ରର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଏହି ବିଲ୍ ଭାରତୀୟ ବନ୍ଦର ଅଧିନିୟମ, ୧୯୦୮ ର ପୁରୁଣା ବ୍ୟବସ୍ଥାଗୁଡ଼ିକୁ ଆଧୁନିକ ଏବଂ ସମସାମୟିକ ନିୟମାବଳୀ ସହିତ ବଦଳାଇଥାଏ। ବ୍ୟବସାୟିକ ସୁଗମତା (ଇଓଡିବି) ବୃଦ୍ଧି କରିବା ଲାଗି ବନ୍ଦର ପ୍ରକ୍ରିୟାକୁ ସରଳ କରିବା ଏବଂ ପରିଚାଳନାକୁ ଡିଜିଟାଲ କରିବା ଏହାର ଉଦ୍ଦେଶ୍ୟ। ଏହି ଆଇନ ସ୍ଥାୟୀ ବନ୍ଦର ବିକାଶ ପାଇଁ ସବୁଜ ପଦକ୍ଷେପ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରୋଟୋକଲକୁ ଅନ୍ତର୍ଭୁକ୍ତ କରି ସ୍ଥିରତା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଅଧିକନ୍ତୁ, ଏହା ସମସ୍ତ ଭାରତୀୟ ବନ୍ଦରରେ ସମାନ ସୁରକ୍ଷା ମାନକ ଏବଂ ଯୋଜନା ସୁନିଶ୍ଚିତ କରିବା ସହିତ ସ୍ପଷ୍ଟ ଶୁଳ୍କ ନୀତି ଏବଂ ଉନ୍ନତ ନିବେଶ ଢାଞ୍ଚା ମାଧ୍ୟମରେ ବନ୍ଦର ପ୍ରତିଦ୍ୱନ୍ଦ୍ୱିତାକୁ ଉନ୍ନତ କରିବାକୁ ଚାହୁଁଛି। ଭାରତୀୟ ବନ୍ଦର ବିଲ୍, ୨୦୨୫ ମାଲ ପରିବହନକୁ ତ୍ୱରାନ୍ୱିତ ଏବଂ ସଂଯୋଗ ବୃଦ୍ଧି କରି ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ। ଏହି ବିଲ୍ ବନ୍ଦର ପରିଚାଳନା, ଲଜିଷ୍ଟିକ୍ସ, ପଣ୍ୟାଗାର ଏବଂ ଆନୁସଙ୍ଗିକ ଶିଳ୍ପରେ ମଧ୍ୟ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଅଧିକନ୍ତୁ, ବିଲ୍ ପ୍ରଦୂଷଣ ବିରୋଧୀ କଠୋର ପଦକ୍ଷେପ ଏବଂ ପରିବେଶ ଅନୁକୂଳ ବନ୍ଦର ଅଭ୍ୟାସକୁ ରେଖାଙ୍କିତ କରୁଛି ଯାହା ଏକ ସ୍ୱଚ୍ଛ ପରିବେଶରେ ଯୋଗଦାନ କରିବ । ରପ୍ତାନିକାରୀ ଏବଂ ଏମ୍ଏସ୍ଏମ୍ଇ ଗୁଡ଼ିକ ସୁବ୍ୟବସ୍ଥିତ ପ୍ରକ୍ରିୟା ଏବଂ ଉନ୍ନତ ଭିତ୍ତିଭୂମି, କମ୍ ବାଧାବିଘ୍ନ ଏବଂ ସୁଗମ ପରିଚାଳନା ଦ୍ୱାରା ଉପକୃତ ହେବେ।

# ଚୀନକୁ ସିଧାସଳଖ ବିମାନ ଉଡ଼ାଣ ପାଇଁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ: ଆମେରିକାର ଟାରିଫ ବୋମାରେ ସାରା ବିଶ୍ୱରେ ବଡ଼ଧରଣର ଭୂରାଜନୈତିକ ପରିବର୍ତ୍ତନ ଘଟୁଛି। ହେଲେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଏସିଆ। ବିଶେଷକରି ଭାରତ ଓ ଚୀନ ସମ୍ପର୍କ। ଏହି ଦୁଇ ଦେଶର ସମ୍ପର୍କ ଧୀରେ ଧୀରେ ସୁଧୁରିବାରେ ଲାଗିଛି। ଏହାରି ଭିତରେ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ଖୁବଶୀଘ୍ର ଏହି ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। ଏନେଇ ରୟଟର୍ସ ଖବର ପ୍ରକାଶ କରିଛି। ଆସନ୍ତା ମାସରେ ଭାରତରୁ ଚୀନ ଓ ଚୀନରୁ ଭାରତ ସିଧାସଳଖ ବିମାନ ଉଡ଼ାଣ କରିପାରେ। ରିପୋର୍ଟ ଅନୁସାରେ ଚୀନକୁ ଉଡ଼ାଣ ଭରିବାକୁ ପ୍ରସ୍ତୁତ ହେବାକୁ ଭାରତ ସରକାର ଘରୋଇ ବିମାନ କମ୍ପାନୀମାନଙ୍କୁ କହିଛନ୍ତି।




କୋଭିଡ୍ ମହାମାରୀ ପରେ ଦୁଇ ଦେଶ ମଧ୍ୟରେ ଡାଇରେକ୍ଟ ବିମାନ ଉଡ଼ାଣ ବନ୍ଦ ରହିଥିଲା। ୨୦୨୦ ପୂର୍ବ ଲଦାଖ ସୀମାରେ ହୋଇଥିବା ସୈନ୍ୟ ସଂଘର୍ଷ ଦୁଇ ଦେଶର ସମ୍ପର୍କ ଖରାପ କରି ଦେଇଥିଲା। ଏହାପରେ ଉଭୟ ପକ୍ଷରୁ ସୀମାରେ ସୈନ୍ୟ ମୁତୟନ କରିବା ସହିତ ପରସ୍ପରର ବ୍ୟବସାୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଅନ୍ୟାନ୍ୟ ସମ୍ପର୍କ ଛିନ୍ନ ହୋଇଥିଲା। ତେବେ ସୀମା ବିବାଦର ସମାଧାନ ପାଇଁ ବାରମ୍ବାର ବୈଠକ ବସିବା ପରେ କେତେକ ସ୍ଥାନରେ ବିବାଦର ସମାଧାନ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଏବେ ବି ବିବାଦ ଲାଗି ରହିଛି। ହେଲେ ଏବେ ଆମେରିକା ଋଷ ଓ ଭାରତକୁ ଟାର୍ଗେଟ୍ କରୁଥିବା ବେଳେ ଚୀନ ସହିତ ଏହାର ପୂର୍ବରୁ ଶତ୍ରୁତା ରହିଛି। ଭାରତକୁ ଆମେରିକା ଟାର୍ଗେଟ୍ କରିବା ପରେ ଭାରତ ସମର୍ଥନରେ ବାହାରିଛି ଚୀନ। ଏସବୁ ଦୃଶ୍ୟ ଦୁଇ ଦେଶର ସମ୍ପର୍କରେ ସୁଧାର ଆସିଥିବା ଇଙ୍ଗିତ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ମାସ ଶେଷରେ ସାଂଘାଇ ସହଯୋଗ ସଂଗଠନ (ଗଇକ୍ସ) ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ତିଆନଜିନ୍ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ୨୦୧୯ ପରେ ତାଙ୍କର ପ୍ରଥମ ଚୀନ୍ ଯାତ୍ରା। ଚୀନ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ସ୍ୱାଗତ କରିଛି। ଏହି ଶିଖର ସମ୍ମିଳନୀ "ସଂହତି, ବନ୍ଧୁତା ଏବଂ ଫଳପ୍ରଦ ଫଳାଫଳର ଏକ ସମାବେଶ" ହେବ ବୋଲି ଚୀନ ଆଶା ବ୍ୟକ୍ତ କରିଛି।

## ଧରାଲି ବିପର୍ଯ୍ୟୟରେ ୬୬ ନିଖୋଜ ତାଲିକାରେ ୨୪ ନେପାଳୀ ନାଗରିକ

ଡେରାଡୁନ :୫ ଅଗଷ୍ଟ ୨୦୨୫ରେ ଉତ୍ତରକାଶୀର ଧରାଲିରେ ଘଟିଥିବା ଭୟଙ୍କର ବିପର୍ଯ୍ୟୟର ଆଜି (୧୨ ଅଗଷ୍ଟ ମଙ୍ଗଳବାର) ୮ମ ଦିନରେ ନିଖୋଜ ଲୋକଙ୍କ ସନ୍ଧାନ ଜାରି ରହିଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟ କେନ୍ଦ୍ର ଧାରାଲି ବିପର୍ଯ୍ୟୟରେ ନିଖୋଜ ଏବଂ ମୃତ ବ୍ୟକ୍ତିଙ୍କ ଏକ ନୂତନ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ୬୮ ଜଣଙ୍କ ନାମ ଅଛି। ଏଥିରେ ଦୁଇ ଜଣ ମୃତ ବ୍ୟକ୍ତିଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ। ଧାରାଲି ବିପର୍ଯ୍ୟୟରେ ନେପାଳର ୨୪ ଜଣ ନିଖୋଜ ଅଛନ୍ତି।

ଉତ୍ତରକାଶୀ ଜିଲ୍ଲା ଜରୁରୀକାଳୀନ ଅପରେସନ୍ସ ସେଣ୍ଟର ଦ୍ୱାରା ପ୍ରକାଶିତ ତାଲିକାରେ ତହସିଲ ଭଟୱାଡି ଧରଲୀ ନିବାସୀ ମହାବୀର ସିଂଙ୍କ ପୁଅ ଆକାଶଙ୍କୁ ମୃତ ଘୋଷଣା କରାଯାଇଛି। କୋଟପୁଟଲି ରାଜସ୍ଥାନର ବାସିନ୍ଦା ମହେଶ ସିଂ ଶେଖୱାଟଙ୍କ ପୁଅ ଭୀମ ସିଂ ଶେଖୱାଟଙ୍କୁ ମୃତ ଘୋଷଣା କରାଯାଇଛି।



ନେପାଳରୁ ନିଖୋଜ ହୋଇଥିବା ୨୪ ଜଣଙ୍କ ବ୍ୟତୀତ ଉତ୍ତରାଖଣ୍ଡ ସମେତ ବିଭିନ୍ନ ରାଜ୍ୟର ୪୨ ଜଣ ନିଖୋଜ ଥିବା ରିପୋର୍ଟ ହୋଇଛି। ନେପାଳୀ ନାଗରିକଙ୍କ ସମେତ ମୋଟ ୬୬ ଜଣଙ୍କୁ ନିଖୋଜ ତାଲିକାଭୁକ୍ତ କରାଯାଇଛି।

ଉତ୍ତରକାଶୀର ଧରାଲିରେ ଘଟିଥିବା ବିପର୍ଯ୍ୟୟରେ ନିଖୋଜ ଲୋକଙ୍କ ସନ୍ଧାନ ରାଡାର ଏବଂ ସ୍ନିଫର କୁକୁର ସାହାଯ୍ୟରେ କରାଯାଉଛି। ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନଶୀଳ ପାଗ ସତ୍ତ୍ୱେ ସେନା, ଆଇଟିବିପି, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ସ୍ଥାନୀୟ ପୋଲିସ ଏବଂ ପ୍ରଶାସନ ଦଳ ପାଇଁ ସମସ୍ୟା ସୃଷ୍ଟି କରୁଛି, କିନ୍ତୁ ବର୍ଷା ବନ୍ଦ ହେବା ମାତ୍ରେ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖୁଛନ୍ତି ।

## ଶୁଭମନ୍ ଜୁଲାଇ ମାସର ସର୍ବଶ୍ରେଷ୍ଠ ଖେଳାଳି




ନୂଆଦିଲ୍ଲୀ, ୧୨।୮(ଏଜେନ୍ସି) : ଆଇସିସି ପକ୍ଷରୁ ଜୁଲାଇ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ୍ ଗିଲଙ୍କୁ ଜୁଲାଇ ମାସର ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଛି ଆଇସିସି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଦମଦାର ପ୍ରଦର୍ଶନ ପାଇଁ ଗିଲ୍ ପୁରସ୍କାରର ଅଧିକାରୀ ହୋଇଛନ୍ତି। ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦୌଡରେ ଗିଲଙ୍କ ବ୍ୟତୀତ ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଦ. ଆଫ୍ରିକାର ଅଲରାଉଣ୍ଡର ୱିଆନ୍ ମୁଲଡର ରହିଥିଲେ। ଉଭୟଙ୍କୁ ପଛରେ ପକାଇ ଗିଲ୍ ଏହି ପୁରସ୍କାର ଜିତିଛନ୍ତି। ଚତୁର୍ଥ ଥର ପାଇଁ ଗିଲ୍ ଆଇସିସି ମାସିକିଆ ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ବ୍ୟତୀତ ବିଶ୍ୱର ଆଉ କୌଣସି ପୁରୁଷ କ୍ରିକେଟ୍‌ର ଏହି ଗୌରବ ହାସଲ କରିପାରିନାହାଁନ୍ତି। ଏହା ପୂର୍ବରୁ ୨୦୨୩ ଜାନୁଆରୀ ଓ ସେପ୍ଟେମ୍ବରରେ ଦୁଇ ଥର ତଥା ୨୦୨୫ ଫେବୃଆରୀରେ ଗିଲ୍ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଗତ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଗିଲ ୭୫୪ ରନ କରିଥିଲେ। ଏହି ଶୃଙ୍ଖଳାରେ ସେ ୪ ଟି ଶତକ ମାରିଥିଲେ। ଗୋଟିଏ ଦୁଇ ଶତକୀୟ ଇନିଂସ ଥିଲା। ଏଥି ପାଇଁ ତାଙ୍କୁ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ମହିଳା ବର୍ଗରେ ଇଂଲଣ୍ଡ ବ୍ୟାଟର ସୋଫିଆ ଡଙ୍କଲୀ ମାସର ଶ୍ରେଷ୍ଠ କ୍ରିକେଟର ବନିଛନ୍ତି। ଏହି ଦୌଡରେ ଇଂଲଣ୍ଡର ସୋଫିଏକଲେଷ୍ଟୋନ୍ ଓ ଆୟରର୍ଲାଣ୍ଡର ଗାବୀଲୁଇସ୍ ରହିଥିଲେ। ଉଭୟଙ୍କୁ ପଛରେ ପକାଇ ଡଙ୍କଲୀ ବାଜି ମାରିଛନ୍ତି। ଭାରତର ବିପକ୍ଷ ୫ ଟି ଟି-୨୦ ଓ ୩ ଟି ଦିନିକିଆ ମ୍ୟାଚରେ ସେ ଦମଦାର ପ୍ରଦର୍ଶନ କରିଥିଲେ। ଏଥିପାଇଁ ତାଙ୍କୁ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

# ଜାତୀୟ କ୍ରୀଡା ବିଲ୍ ପାରିତ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି) : ଲୋକସଭାରେ ଜାତୀୟ କ୍ରୀଡାବିଲ୍ ପାରିତ ହୋଇଛି। ବିହାରରେ ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀଙ୍କ ବିରୋଧ ମଧ୍ୟରେ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ କ୍ରୀଡାବିଲ୍‌କୁ ଗୃହରେ ଗୃହିତ କରିଥିଲେ। ଏହାକୁ ସ୍ୱାଧିନତା ପରଠାରୁ ଭାରତୀୟ କ୍ରୀଡାରେ ଏକମାତ୍ର ସର୍ବବୃହତ୍ତ ସଂସ୍କାର ଭାବରେ ବର୍ଣ୍ଣନା କରିଥିଲେ। ବିରୋଧୀଙ୍କ ବିରୋଧ ଯୋଗୁଁ ପ୍ରାରମ୍ଭିକ ମୁଲତବୀ ପରେ ଜାତୀୟ ଡୋପିଂ ନିରୋଧୀ ବିଲ୍ ମଧ୍ୟ ଗୃହିତ ହୋଇଥିଲା। ଯାହା କ୍ରୀଡା ଜଗତରେ ନୂତନ ରୂପରେଖ ଆଣିବାରେ ସହାୟକ ହେବ। ମନ୍ତ୍ରୀ କହିଛନ୍ତି ସ୍ୱାଧିନତା ପରଠାରୁ ଏହା କ୍ରୀଡାରେ ଏକମାତ୍ର ସର୍ବବୃହତ୍ତ ସଂସ୍କାର। ଏହି ବିଲ୍ ଦାୟିତ୍ୱ ସୁନିଶ୍ଚିତ କରିବ, ନ୍ୟାୟ ସୁନିଶ୍ଚିତ କରିବ। କ୍ରୀଡା ସଂଘରେ ସର୍ବୋତ୍ତମ ଶାସନ କରିବ। ମାଣ୍ଡଭ୍ୟ ଆହୁରି କହଛନ୍ତି ଭାରତର କ୍ରୀଡା ଇକୋ ସିଷ୍ଟମରେ ଏହାର ବହୁ ଗୁରୁତ୍ୱ ରହିବ। ଏହା ଦୁର୍ଭାଗ୍ୟଜନକ ଯେ, ଏକ ଗୁରୁତ୍ୱ ପୂର୍ଣ୍ଣ ବିଲ୍ ଏବଂ ସଂସ୍କାରରେ ବିରୋଧୀ ଅଂଶଗ୍ରହଣ କରିନାହାଁନ୍ତି।

ଦୁଇଟି ବିଲ୍ ହେଉଛି ପ୍ରମୁଖ ସଂସ୍କାର । ଯାହା ଭାରତରେ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ବିଶ୍ୱ ସ୍ତରୀୟ କ୍ରୀଡା ଇକୋ ସିଷ୍ଟମ ଗଠନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କାରଣ ୨୦୩୬ ଅଲମ୍ପିକ୍ସ ପାଇଁ ଭାରତ ବିଡିଂ କରିବାକୁ ଲକ୍ଷ୍ୟ ରଖିଛି। ଜାତୀୟ କ୍ରୀଡାବିଲ୍, ଗଭର୍ଣ୍ଣାନ୍ସ ବିଲ୍ ପରିବର୍ତ୍ତନର ଏକ ଶକ୍ତି। ବଡ ଦେଶ ହେବା ସତ୍ତ୍ୱେ ଅଲମ୍ପିକ କ୍ରୀଡା ଏବଂ ଅନ୍ତର୍ଜାତୀୟ ସ୍ତରରେ ଆମର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ ଏବଂ ଏହି ବିଲ୍ ଭାରତର କ୍ରୀଡା କ୍ଷମତା ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରହିଥିବା ମନ୍ତ୍ରୀ କହିଛନ୍ତି।






କ୍ରୀଡା ପ୍ରଶାସନ ବିଲ୍‌ରେ ଏକ କଠୋର ଉତ୍ତର ଦାୟିତ୍ୱ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଏକ ଜାତୀୟ କ୍ରୀଡା ବୋର୍ଡର ବ୍ୟବସ୍ଥା ଅଛି। ସମସ୍ତ ଜାତୀୟ କ୍ରୀଡା ଫେଡେରେସନ୍‌କୁ କେନ୍ଦ୍ର ସରକାରଙ୍କ ପାଣ୍ଠି ପାଇବା ପାଇଁ ଜାତୀୟ କ୍ରୀଡା ବୋର୍ଡର ସ୍ୱୀକୃତି ହାସଲ କରିବାକୁ ପଡିବ। ବିସିସିଆଇ ସମେତ ଅନ୍ୟ ସମସ୍ତ ଖେଳର ମହାସଂଘ ଉପରେ ଜାତୀୟ କ୍ରୀଡା ବୋର୍ଡ ନଜର ରଖିବ। ୨୦୨୮ ଅଲମ୍ପିକ୍ସରେ କ୍ରିକେଟ୍ ପ୍ରଥମ ଥର ପାଇଁ ସାମିଲ ହେବାକୁ ଯାଉଛି। ତେଣୁ ବିସିସିଆଇକୁ ଜାତୀୟ ଖେଳ ସଂଘ ଭାବେ ପଞ୍ଜିକରଣ କରିବାକୁ ପଡିବ।

ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡା ସଂଘ ମଧ୍ୟ ସୂଚନା ଅଧିକାର ଆଇନ୍ ପରିସର ମଧ୍ୟରେ ଆସିବେ। ଏହାକୁ ବିସିସିଆଇ କଡା ବିରୋଧ କରିଛି। କାରଣ ସରକାରୀ ପାଣ୍ଠି ଉପରେ ବିସିସିଆଇ ନିର୍ଭରଶୀଳ ନୁହେଁ । ତଥାପି କ୍ରିକେଟ୍ ବୋର୍ଡ ଏଥିରେ କିଛି ସୁଯୋଗ ପାଇଛି। ସରକାର ବିଲ୍ ସଂଶୋଧନ କରି ନିଶ୍ଚିତ କରିଛନ୍ତି ଯେ, ଆରଟିଆଇ କେବଳ ସରକାରୀ ପାଣ୍ଠି କିମ୍ବା ସମର୍ଥନ ଉପରେ ନିର୍ଭର କରୁଥିବା ସଂସ୍ଥା ଗୁଡିକ ପାଇଁ ପ୍ରଯୁଜ୍ୟ ହେବ।

ଏହି ବିଲର ଆଉ ଏକ ବୈଶିଷ୍ଟ୍ୟ ହେଉଛି ଏକ ଜାତୀୟ କ୍ରିଡା ଟ୍ରିବ୍ୟୁନାଲ, ଯାହାର ଏକ ସିଭିଲ୍ କୋର୍ଟର କ୍ଷମତା ରହିବ। ଏହା ଫେଡେରେସନ ଏବଂ ଖେଳାଳିଙ୍କ ସହିତ ଜଡିତ ଚୟନ ଠାରୁ ଆରମ୍ଭ କରି ନିର୍ବାଚନ ପର୍ଯ୍ୟନ୍ତ ବିବାଦର ନିଷ୍ପତ୍ତି ନେବ। ଥରେ ପ୍ରତିଷ୍ଠା ହେବା ପରେ ଟ୍ରିବ୍ୟୁନାଲର ନିଷ୍ପତ୍ତି କେବଳ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରିବ।

ପ୍ରଶାସକଙ୍କ ପାଇଁ ବୟସ ସୀମା ପ୍ରସଙ୍ଗରେ କୋହଳ ପ୍ରଦାନ କରାଯାଇଛି। ଯାହା ଦ୍ୱାରା ସମ୍ପୃକ୍ତ ଅନ୍ତର୍ଜାତୀୟ ସଂସ୍ଥାର ନିୟମ ଓ ଉପଆଇନ୍ ଅନୁମତି, ୭୦ ରୁ ୭୫ ବର୍ଷରେ ଥିବା ଲୋକଙ୍କୁ ନିର୍ବାଚନ ଲଢିବାକୁ ଅନୁମତି ଦିଆଯିବ। ଜାତୀୟ କ୍ରୀଡା ସଂହିତାରୁ ଏକ ପ୍ରସ୍ଥାନ ଯାହା ବୟସସୀମା ୭୦ରେ ସୀମିତ ରହିଥିଲା। ଜାତୀୟ ଡୋପିଂ ନିରୋଧୀ ବିଲ୍ ୨୦୨୫ ରେ ବିଶ୍ୱ ଡୋପିଂ ନିରୋଧୀ ସଂସ୍ଥା ଦ୍ୱାରା ଆବଶ୍ୟକ ପଡୁଥିବା ପରିବର୍ତ୍ତନ ଗୁଡିକୁ ଅନ୍ତର୍ଭୁକ୍ତ କରିବାକୁ ଯୋଜନା ହୋଇଛି। ଦେଶର ଡୋପିଂ ନିରୋଧୀ ସଂସ୍ଥା (ନାଡା) କାର୍ଯ୍ୟକାରିତାରେ ସରକାରୀ ହସ୍ତକ୍ଷେପ ଉପରେ ଆପତ୍ତି କରିଥିଲା। ଏହି ଆଇନକୁ ମୂଳତଃ ୨୦୨୨ ମସିହାରେ ଗୃହିତ କରାଯାଇଥିଲା। କିନ୍ତୁ ୱାଡା ପକ୍ଷରୁ ଆପତ୍ତି ଯୋଗୁଁ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖାଯାଇଥିଲା।

## କ୍ରୀଡ଼ା ପ୍ରତିଭା : ରେଭେନ୍ୟୁରୁ ରଗବୀ ପ୍ରିମିୟର ଲିଗ୍ ସ୍ୱର୍ଣ୍ଣ ପଦକ ଯାତ୍ରା

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଶାହାନୱାଜ୍ ଅହମଦ (ସୋନୁ) ଜଣେ ପ୍ରତିଭାବାନ୍ ରଗବୀ କ୍ରିଡାବିତ୍ ତଥା ବର୍ତ୍ତମାନ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟ ରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯରତ। ମାର୍ଚ୍ଚ ୨୦୨୪ ରେ ସେ କ୍ରିଡ଼ା ଏବଂ ଯୁବସେବା ବିଭାଗ ତରଫରୁ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ପଦବୀରେ ନିଯୁକ୍ତି ଲାଭ କରିଥିଲେ।

ପୂର୍ବରୁ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରିଡା ପ୍ରତିଯୋଗିତାରେ ସୁନାମ ଅର୍ଜନ କରିଥିବା ଶାହାନୱାଜ ବିଗତ ୧.୫ ବର୍ଷ ମଧ୍ୟରେ ତହସିଲ କାର୍ଯ୍ୟାଳୟକୁ ୧ଟି RPL ସ୍ୱର୍ଣ୍ଣ ପଦକ ଏବଂ ୩ଟି ଜାତୀୟ କାଂସ୍ୟ ପଦକ ରେଭେନ୍ୟୁ ବିଭାଗ (ଭୁବନେଶ୍ୱର ତହସିଲ) ପାଇଁ ବିଜୟ କରି ଗୌରବ ଅର୍ଜନ କରିଛନ୍ତି । ତହସିଲ ଅଫିସରେ କାର୍ଯ୍ୟରତ ଅବସ୍ଥାରେ ମଧ୍ୟ ତାଙ୍କୁ ନିୟମିତ ଭାବେ ଖେଳିବାକୁ ସୁଯୋଗ ଏବଂ ସମର୍ଥନ କରୁଥିବାରୁ ସେ ରାଜସ୍ୱ ବିଭାଗ, ଜିଲ୍ଲାପାଳ , ଅତିରିକ୍ତ ଜିଲ୍ଲାପାଳ ଏବଂ ତହସିଲଦାର ଶ୍ରୀ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ନିକଟରେ କୃତଜ୍ଞ!



ଶାହାନୱାଜ୍ କୁହନ୍ତି, " ପ୍ରତିଦିନ କଠିନ ପରିଶ୍ରମ, ସ୍ଥିତପ୍ରଜ୍ଞତା, ଶୃଙ୍ଖଳିତ ଜୀବନଶୈଳୀ ଏବଂ ପ୍ରତିବଦ୍ଧତା ସହ ପ୍ରତିଦିନର କାର୍ଯ୍ୟ ବଜାୟ ରଖିବା ହିଁ ତାଙ୍କ ସଫଳତାର ଚାବିକାଠି। । ଆଗକୁ ରାଜସ୍ୱ ବିଭାଗର ନେତୃତ୍ୱ ନେଇ ଦେଶ ପାଇଁ ଅନେକ ସଫଳତା ଆଣିବା ପାଇଁ ଆଶା ରଖିଛନ୍ତି ଶାହାନୱାଜ୍ ।

## ଜାତୀୟ ଜୁନିୟର ମହିଳା ହକି
### ଝାଡଖଣ୍ଡ ଚାମ୍ପିଅନ




କାକିନାଡା, ୧୨।୮ (ଏଜେନ୍ସି) : ୧୫ ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ମହିଳା ହକି ଚାମ୍ପିଅନସିପର ଡିଭିଜନ ଏ ରେ ଝାଡଖଣ୍ଡ ଚାମ୍ପିଅନ୍ ହୋଇଛି ।ଅନୁଷ୍ଠିତ ଫାଇନାଲ ମ୍ୟାଚରେ ହକି ଝାଡଖଣ୍ଡ ୨-୧ ଗୋଲରେ ହକି ହରିୟାଣାକୁ ଧରାସାୟୀ କରିଥିଲା। ତୃତୀୟ ସ୍ଥାନ ମୁକାବିଲାରେ ଉତ୍ତରପ୍ରଦେଶ ୨-୦ ଗୋଲରେ ଛତିଶଗଡକୁ ଧରାସାୟୀ କରି ବ୍ରୋଞ୍ଜ ପଦକ ଜିତିଛି। ଫାଇନାଲରେ ଝାଡଖଣ୍ଡ ପକ୍ଷରୁ ୧୦ ମିନିଟରେ ସ୍ୱିଟି ଡୁଙ୍ଗଡୁଙ୍ଗ ଓ ୧୨ ତମ ମିନିଟରେ ଶାନ୍ତି କୁମାରୀ ଗୋଲ କରିଥିଲେ। ମ୍ୟାଚର ୫୨ ତମ ମିନିଟରେ ହରିୟାଣାର କୀର୍ତ୍ତି ଏକମାତ୍ର ଗୋଲ କରିଥିଲେ। ତଥାପି ଝାଡଖଣ୍ଡ ୨-୧ ଗୋଲରେ ବାଜି ମାରିବାକୁ ସକ୍ଷମ ହୋଇଛି।

## ପନ୍ତଙ୍କୁ ପସନ୍ଦ କରନ୍ତି ହେଡେନ୍‌ଙ୍କ ଝିଅ




ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି) : ଟିମ୍ ଇଣ୍ଡିଆର ୱିକେଟ୍ ରକ୍ଷକ ବ୍ୟାଟର ରିଷଭ ପନ୍ତ ନିଜର ପ୍ରଦର୍ଶନ ବଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଟିମ୍ ଇଣ୍ଡିଆ ପାଇଁ ସେ ସମସ୍ତ ଫର୍ମାଟରେ ଖେଳିଛନ୍ତି। ଇତି ମଧ୍ୟରେ ଅଷ୍ଟ୍ରେଲିଆର ପୂର୍ବତନ ବ୍ୟାଟର ମାଥ୍ୟୁ ହେଡେନ୍‌ଙ୍କ ଝିଅ ଗ୍ରେସ୍ ହେଡେନ୍ କହିଛନ୍ତି ସେ ପନ୍ତଙ୍କୁ ପସନ୍ଦ କରନ୍ତି। ତାଙ୍କୁ ଯେତେବେଳେ ପଚରାଗଲା ରାହୁଲ ଓ ପନ୍ତଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ଖେଳାଳି, ସେ କହିଲେ ମୁଁ ପନ୍ତଙ୍କୁ ପସନ୍ଦ କରେ। ଭୟଙ୍କର ସଡକ ଦୁର୍ଘଟଣା ପରେ ପନ୍ତ ଯେଉଁଭଳି ଭାବେ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କଲେ, ତାଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ । ନିକଟରେ ପାଦରେ ବଲ ବାଜିବା ସତ୍ତ୍ୱେ ପନ୍ତ ଛୋଟେଇ ଛୋଟେଇ ବ୍ୟାଟିଂ କରିବାକୁ ଆସିଥିଲେ। ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ପନ୍ତ ୪ ଟି ମ୍ୟାଚରେ ୪୭୯ ରନ୍ କରିଥିଲେ। ଅପରପକ୍ଷରେ ଗ୍ରେସ୍ ହେଡେନ୍ ଏବେ ଦିଲ୍ଲୀ ପ୍ରିମିୟର ଲିଗରେ ଉପସ୍ଥାପିକା କାମ କରୁଛନ୍ତି। ଏହାପୂର୍ବରୁ ସେ ଆଇପିଏଲ୍‌ରେ ମଧ୍ୟ ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ଘୋଷିକା ଦାୟିତ୍ୱ ତୁଲାଇଛନ୍ତି।

## ମାତ୍ର ୫ ବଲରେ ବିଜୟ




ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି) : କ୍ରିକେଟରେ ଅନେକ ଏକତରଫା ମ୍ୟାଚ ଦେଖିବାକୁ ମିଳୁଛି। କିନ୍ତୁ ଏବେ ଅତ୍ୟନ୍ତ ଚକିତ କଲା ଭଳି ମ୍ୟାଚ ସାମ୍ନାକୁ ଆସିଛି। ଗୋଟିଏ ଦଳ ମାତ୍ର ୫ ଟି ବଲରେ ଦିନିକିଆ ମ୍ୟାଚ ଜିତି ରେକର୍ଡ କରିଛି। କାନାଡା ୧୯ ବର୍ଷରୁ କମ ପୁରୁଷ ଦଳ ଓ ଆର୍ଜେଣ୍ଟିନା ମଧ୍ୟରେ ଏଭଳି ଫଳାଫଳ ଦେଖିବାକୁ ମିଳିଛି। ଆଇସିସି ପୁରୁଷ ୧୯ ବର୍ଷରୁ କମ କ୍ରିକେଟ୍ ବିଶ୍ୱକପ୍ ଆମେରିକା କ୍ୱାଲିଫାଏରେ କାନାଡା ସବୁଠୁ ବଡ ବିଜୟ ହାସଲ କରିଛି। ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ୫୦ ଓଭର ବିଶିଷ୍ଟ ମ୍ୟାଚ ହୋଇଥିଲା। କାନାଡା ୧୦ ୱିକେଟ୍‌ରେ ଆର୍ଜେଣ୍ଟିନାକୁ ହରାଇ ବଡ ବିଜୟ ଲାଭ କରିଛି। ଧାର୍ଯ୍ୟ ଟାର୍ଗେଟ୍‌କୁ ମାତ୍ର ୫ ଟି ବଲରେ ହାସଲ କରି କାନାଡା କ୍ରିକେଟ୍ ଇତିହାସରେ ସବୁଠୁ ବଡ ରୋଚକ ବିଜୟ ପାଇଛି।

ଗତ ରବିବାର ପରମବିଲ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆର୍ଜେଣ୍ଟିନା ୧୯ ବର୍ଷରୁ କମ୍ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ସମ୍ପୂର୍ଣ୍ଣ ଟିମ୍ ୧୯.୪ ଓଭର ବ୍ୟାଟିଂ କରି ୨୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଆର୍ଜେଣ୍ଟିନା ଏଥିରୁ ମୁକୁଳି ପାରିନଥିଲା। ଦଳର ୭ ଜଣ ବ୍ୟାଟର ଖାତା ଖୋଲିପାରିନଥିଲେ। ଏହି ୨୩ ରନ୍‌ରେ ୭ ରନ୍ ଅତିରିକ୍ତ ଭାବେ ମିଳିଥିଲା। କାନାଡାର ଦ୍ରୁତ ବୋଲର ଜଗମନ୍‌ଦୀପ ପାଲ୍ ୫ ଓଭରରେ ୭ ରନ୍ ଦେଇ ୬ ୱିକେଟ୍ ନେଇଥିଲେ। ଏହି ୫ ଓଭର ମଧ୍ୟରେ ୩ ଟି ମେଡେନ୍ ରହିଛି। ନୂଆ ବଲର ଆର୍ଜେଣ୍ଟିନା ବ୍ୟାଟର ଧରାସାୟୀ ହୋଇଥିଲେ। ତାଙ୍କ ବ୍ୟତୀତ ଡୋମିନିକ୍ ଓ କ୍ରିଷ ମିଶ୍ରା ଦୁଇଟି ଲେଖାଏଁ ସଫଳତା ପାଇଥିଲେ। ୩୦୦ ବଲରେ ମ୍ୟାଚ ଜିତିବା ପାଇଁ କାନାଡାକୁ ୨୪ ରନ୍‌ର ଟାର୍ଗେଟ୍ ମିଳିଥିଲା। ଇନିଂସର ପ୍ରଥମ ବଲରେ ଓପନର ଧର୍ମ ପଟେଲ ୧ ରନ୍ ନେଇଥିଲେ। ଏହାପରେ ଅଧିନାୟକ ଯୁବରାଜ ସାମ୍ରା ପରବର୍ତ୍ତୀ ୪ ବଲରେ ଦଳକୁ ବିଜୟ ଭେଟି ଦେଇଥିଲେ। ସେ ଆର୍ଜେଣ୍ଟିନାର ଫ୍ରାଞ୍ଚୀ ଗୁରଙ୍କ ପ୍ରଥମ ଦୁଇ ବଲରେ ଦୁଇଟି ଚୌକା ଓ ପରେ ଦୁଇଟି ଛକା ମାରିଥିଲେ। ଗୁର ମଧ୍ୟ ୩ ଟି ୱାଇଡି ପକାଇଥିଲେ। ଏପରି କାନାଡା ୨୯୫ ବଲ ପୂର୍ବରୁ ମ୍ୟାଚ ଜିତିନେଇଛି।

## ସର୍ବଭାରତୀୟ ଇଣ୍ଡିପେଣ୍ଡେନ୍ସ କରାଟେ
### ଓଡିଶା ଦଳକୁ ୨୦ ପଦକ

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଦିଲ୍ଲୀ ତାଲକୋଟରା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତାରେ ଓଡିଶାରୁ ୨୬ ଜଣ କରାଟେକା ଭାଗ ନେଇଥିଲେ। ବିଭିନ୍ନ ବର୍ଗରେ ୮ ଟି ସ୍ୱର୍ଣ୍ଣ, ୨ ଟି ରୌପ୍ୟ ଓ ୧୦ ଟି ବ୍ରୋଞ୍ଜ ସହ ମୋଟ ୨୦ ଟି ପଦକ ଓଡିଶା ଦଳକୁ ମିଳିଛି। ରାଜେଶ ମହାପାତ୍ର, ଲୋମା ସ୍ୱାଇଁ, ଅନ୍ନଦିତ୍ୟା ସ୍ୱାଇଁ, ଉର୍ଜା ସାମନ୍ତ, ଡି ଧନୁଷ, ରେଅନ୍ସ ଚୌଧୁରୀ, ନିଶାନ ସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆର୍ଯ୍ୟବର୍ତ୍ତ ବିଶ୍ୱାଳ ଓ ତ୍ରିଲୋଚନ ରଣା ରୌପ୍ୟ ହାସଲ କରିଛନ୍ତି। ବ୍ରତତି ବିଶ୍ୱପ୍ରଭା ପତି, ଯୋଗେଶ ବରିହା, ଆଦିତ୍ୟ ବାରିକ, ବାସୁଦେବ ପଣ୍ଡା, ବିନ୍ଦୁ ଜେନା, ଆର୍ଯ୍ୟବଂଶିକା, ଅରନ୍ଦିତ୍ୟା ସ୍ୱାଇଁ, ଉର୍ଜା ସାମନ୍ତ, ରେଅନ୍ସ ଚୌଧୁରୀ ଏବଂ ଡି ଧନୁଷ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମସ୍ତ ବିଜୟୀ ପ୍ରତିଯୋଗିଙ୍କୁ ଓଡିଶା ରାଜ୍ୟ କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି।




## ଲକ୍ଷ୍ମଣଙ୍କୁ ଭେଟିଲେ ଓସିଏ ସଭାପତି

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ବେଙ୍ଗାଲୁରୁ ଗସ୍ତରେ ଯାଇଥିବା ଓଡିଶା କ୍ରିକେଟ୍ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି ଜାତୀୟ କ୍ରିକେଟ୍ ଏକାଡେମୀ ତଥା ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ ପରିଦର୍ଶନ କରିବା ସହ ଅଧକ୍ଷ ଭିଭିଏସ୍ ଲକ୍ଷ୍ମଣଙ୍କୁ ଭେଟିଥିଲେ। ଏନସିଏ ରେ ଲକ୍ଷ୍ମଣଙ୍କୁ ଭେଟି ପଙ୍କଜ ମହାନ୍ତି ଓଡିଶାରୁ ତୃଣମୂଳ ସ୍ତରରୁ କ୍ରିକେଟ ବିକାଶ ପାଇଁ ପରାମର୍ଶ ନେଇଛନ୍ତି। ଏହି ଅବସରରେ ଏନ୍‌ସିଏରେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଭେଟି ଶୁଭକାମନା ଜଣାଇଥିଲେ ଓସିଏ ସଭାପତି ପଙ୍କଜ ମହାନ୍ତି। ରାଜସ୍ଥାନ ରୟାଲ୍ସ ପକ୍ଷରୁ ଗତ ଆଇପିଏଲ୍‌ରେ ଡେବ୍ୟୁ କରି ବେଶ୍ ପରିଜିତ ହୋଇଛନ୍ତି ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ପଙ୍କଜଙ୍କର ଗୁରୁଡି ଝାଟିଆ ନିକଟରେ ବିଶ୍ୱ ସ୍ତରୀୟ ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ କ୍ରିକେଟ୍ ଏକାଡେମୀ ରହିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପ୍ରଶିକ୍ଷକ ଓ ସପୋର୍ଟିଂ ଷ୍ଟାଫ୍‌ଙ୍କ ଦ୍ୱାରା କୁନି ପିଲାଙ୍କୁ କ୍ରିକେଟ୍ ତାଲିମ୍ ଦିଆଯାଉଛି। ଏହା ବିଷୟରେ ଭିଭିଏସ୍‌ଙ୍କୁ ପଙ୍କଜ ଅବଗତ କରାଇଥିଲେ। ଏହା ଜାଣି ଲକ୍ଷ୍ମଣ ଅତ୍ୟନ୍ତ ଖୁସି ହୋଇଥିଲେ। ଜଣେ ବ୍ୟକ୍ତି ନିଜ ପ୍ରୟାସ ଓ ନିଜ ପାଣ୍ଠିରେ ଏକ ବିଶ୍ୱସ୍ତରୀୟ କ୍ରିକେଟ୍ ଏକାଡେମୀ ପ୍ରତିଷ୍ଠା କରିବା ଅତ୍ୟନ୍ତ ପ୍ରଶଂସା ଯୋଗ୍ୟ ବୋଲି ଲକ୍ଷ୍ମଣ କହିଥିଲେ। ଏହି ଏକାଡେମୀରୁ ଭବିଷ୍ୟତରେ ଓଡିଶା ତଥା ଦେଶ ପାଇଁ ପରବର୍ତ୍ତୀ ପୀଢିର କ୍ରିକେଟର ବାହାରିବେ ବୋଲି ପଙ୍କଜଲୋଚନ ମହାନ୍ତି ଆଶା ବ୍ୟକ୍ତ କରିଛନ୍ତି।



ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି